MARCH 13, 2026
FRIDAY, BHUBANESWAR

ମାର୍ଚ୍ଚ ୧୩, ୨୦୨୬
ଶୁକ୍ରବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 190 ବର୍ଷ- ୧ ● ସଂଖ୍ୟା- ୧୯୦ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

## ଇରାନର ପତନ ଆଶଙ୍କା ନାହିଁ: ଆମେରିକୀୟ ଗୁଇନ୍ଦା

ୱାସିଂଟନ, ୧୨।୩: ଆମେରିକା ଓ ଇସ୍ରାଏଲର ଭୟଙ୍କର ଆକ୍ରମଣରେ ଇରାନ ଛାରଖାର ହୋଇଯାଇଛି । ଏହାର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ଓ ତାଙ୍କ ପରିବାର ଅନେକ ସଦସ୍ୟଙ୍କ ସମେତ ଇରାନ ଶୀର୍ଷ ନେତା ଓ ସେନା ଅଧିକାରୀଙ୍କର ମଧ୍ୟ ମୃତ୍ୟୁ ହୋଇଛି । ଏହାର ସେନା ଏବଂ ସାମରିକ ଓ ରାଜନୈତିକ ଭିତ୍ତିଭୂମିକୁ ଟାର୍ଗେଟ୍ କରି ଜୋରଦାର ଆକ୍ରମଣ ହୋଇଛି । ତା' ସତ୍ତ୍ୱେ ପ୍ରାୟ ଦୁଇ ସପ୍ତାହ ଯୁଦ୍ଧ ପରେ ବି ଇରାନ ଶାସନର ପତନ ଘଟିବାର ସମ୍ଭାବନା ନାହିଁ ବୋଲି ଆମେରିକୀୟ ଗୁଇନ୍ଦା ସଂସ୍ଥା ସୂଚନା ଦେଇଛି । ପୃଷ୍ଠା ୨...

## ଇଥିଓପିଆରେ ଭୂସ୍ଖଳନ: ୫୨ ମୃତ

ନୂଆଦିଲ୍ଲୀ, ୧୨।୩: ଇଥିଓପିଆରେ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି । ବନ୍ୟା ଏବଂ ଭୂସ୍ଖଳନରେ ପ୍ରାୟ ୫୨ ଜଣ ଲୋକ ପ୍ରାଣ ହରାଇସାରିଲେଣି । ତତସହିତ ଶତାଧିକ ଲୋକ ନିଖୋଜ ଅଛନ୍ତି । ଦକ୍ଷିଣ ଇଥିଓପିଆର ଗେମୋ ଜୋନରେ ଭୀଷଣ ବର୍ଷା ହୋଇଛି । ଯେଉଁଥିପାଇଁ ବନ୍ୟା ଆସିଥିବା ସ୍ଥାନୀୟ ପୋଲିସ ଅଧିକାରୀ ଅବ୍ରାହମ ବୁହା କହିଛନ୍ତି । ପାହାଡ଼ି ଅଞ୍ଚଳରେ ପାହାଡ଼ ଧସିବା କାରଣରୁ ୫୨ ଜଣଙ୍କର ମୃତ୍ୟୁ ହୋଇଥିବା ସରକାରୀ ସ୍ତରରେ ସୂଚନା ଦିଆଯାଇଛି । ପୃଷ୍ଠା ୨...

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# କଟକରେ ୫୫, ସୁନ୍ଦରଗଡ଼ରେ ୬୧ ଦମ୍ପତିଙ୍କ ବିବାହ

କଟକ,୧୨/୩ : ଆର୍ଥିକ ଅନଗ୍ରସର ପରିବାରଗୁଡ଼ିକୁ ସାମାଜିକ ସହାୟତା ପ୍ରଦାନ କରିବା ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' (MKBY) କୁ ଅଧିକ ସୁଦୃଢ଼ କରାଯାଇଛି । ଏହି ପରିପ୍ରେକ୍ଷୀରେ, ଗୁରୁବାର ଦିନ କଟକ ଏବଂ ସୁନ୍ଦରଗଡ଼ରେ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଟକରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାମୂହିକ ବିବାହ ଉତ୍ସବରେ





### ଯୌତୁକ ପ୍ରଥା ବିରୋଧରେ ଏକ ଦୃଢ଼ ସାମାଜିକ ପଦକ୍ଷେପ : ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

### ନବଦମ୍ପତିଙ୍କୁ ଦେଲେ ଶୁଭେଚ୍ଛା ଓ ଆଶୀର୍ବାଦ

ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗର ଦାୟିତ୍ୱରେ ଥିବା ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ଆର୍ଥିକ ସହାୟତା ପ୍ରଦାନ ଯୋଜନା ନୁହେଁ, ବରଂ ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ବିରୋଧରେ ଏହା ଏକ ଦୃଢ଼ ସାମାଜିକ ପଦକ୍ଷେପ । ଏହି ଯୋଜନା ଜୀବନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରୁଥିବା ଯୁବତୀମାନଙ୍କ ପାଇଁ ମର୍ଯ୍ୟାଦା, ସୁରକ୍ଷା ଏବଂ ସାମାଜିକ ସ୍ୱୀକୃତି ସୁନିଶ୍ଚିତ କରେ । ଏହି ଯୋଜନା ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଦିଏ । କଟକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମ୍ପ୍ରଦାୟର ୫୫ ଜଣ ଦମ୍ପତି ଜନପ୍ରତିନିଧିଙ୍କ ସହ ଏହି ମାଙ୍ଗଳିକ କାର୍ଯ୍ୟରେ କଟକ ସଦରର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲ, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ, ବିଭାଗର ଅନ୍ୟ ଅଧିକାରୀଗଣ, କଟକର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିଶନର ସୁଶ୍ରୀ କିରନଦୀପ କୌର ସହୋତା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଉପ-ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ନବଦମ୍ପତିଙ୍କ ସହ ଆଲୋଚନା କରି ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ସମାନତା ଭିତ୍ତିରେ ପରିବାର ଗଠନ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଶଙ୍କରସ୍ଥିତ କଲ୍ୟାଣ ମଣ୍ଡପଠାରେ ମଧ୍ୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଏକ ଜିଲ୍ଲାସ୍ତରୀୟ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୁନ୍ଦରଗଡ଼ର ଏହି କାର୍ଯ୍ୟକ୍ରମରେ ୬୧ ଜଣ ଦମ୍ପତି ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଡକ୍ଟର ଶୁଭଙ୍କର ମହାପାତ୍ର ,ଜିଲ୍ଲାପାଳ, ସୁନ୍ଦରଗଡ଼, ଶ୍ରୀମତୀ ତନୟା ମିଶ୍ର, ଅଧ୍ୟକ୍ଷା, ସୁନ୍ଦରଗଡ଼ ପୌରପାଳିକା, ଶ୍ରୀମତୀ ତେଜସ୍ୱିନୀ ବେହେରା, ଉପ-ଜିଲ୍ଲାପାଳ, ସୂରଜ କୁମାର ପଟ୍ଟନାୟକ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ), ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୃଷ୍ଠା ୨...

## ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ

# ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ୬୬୪୯ କୋଟିରୁ ଊର୍ଦ୍ଧ୍ୱ ବ୍ୟୟବରାଦ: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର,୧୨।୩: ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନା କରିଛନ୍ତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଆଦିବାସୀ, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ଶିକ୍ଷା, ଜୀବିକା ଓ ସାମାଜିକ ଉନ୍ନତିକୁ ଲକ୍ଷ୍ୟରେ ରଖି ବଜେଟ୍ ପ୍ରସ୍ତୁତ ହୋଇଥିବା ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଏହି ବର୍ଷ ବିଭାଗ ପାଇଁ ପାଇଛି । ବଜେଟର କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ୩୬୧୦ କୋଟି ଟଙ୍କା ରାଜ୍ୟ ସ୍ତରୀୟ ଯୋଜନା, ୧୯୦ କୋଟି ଟଙ୍କା କେନ୍ଦ୍ରସ୍ତରୀୟ ଯୋଜନା ଓ ୧୬୦୦ କୋଟି ଟଙ୍କା କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବରାଦ କରାଯାଇଛି । ଏହି



- ଡ୍ରପ୍‌ଆଉଟ୍ ହାର କମାଇବା ପାଇଁ 'ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା'
- ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ 'ଅନ୍ୱେଷା ଯୋଜନା'
- 'ଆକାଂକ୍ଷା ଯୋଜନା' ଅଧୀନରେ ମାଗଣା ଆବାସିକ ସୁବିଧା
- ଆଦିବାସୀ ଅଞ୍ଚଳର ଉନ୍ନତି ପାଇଁ 'ଧରତି ଆବା ଜନଜାତି ଗ୍ରାମ ଉନ୍ନତି ଅଭିଯାନ'

ସର୍ବମୋଟ ୬୬୪୯ କୋଟି ୩୩ ଲକ୍ଷ ୧୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏଥିରେ ୫୪୦୦ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ଓ ୧୨୪୯ କୋଟିରୁ ଅଧିକ ପ୍ରଶାସନିକ ବ୍ୟୟ ଅନ୍ତର୍ଭୁକ୍ତ ରହିଛି । ଗତ ବର୍ଷର ବଜେଟ ତୁଳନାରେ ଏହା ପ୍ରାୟ ୩ ପ୍ରତିଶତ ବୃଦ୍ଧି ଯୋଜନାଗୁଡ଼ିକ ମୁଖ୍ୟତଃ ଶିକ୍ଷା, ଆଦିବାସୀ ଓ ଅନୁସୂଚିତ ଜାତିଙ୍କ କଲ୍ୟାଣ, ସଂଖ୍ୟାଲଘୁ ଓ ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଉନ୍ନତିକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି । ଶିକ୍ଷା କ୍ଷେତ୍ରରେ ସରକାର ଛାତ୍ରଛାତ୍ରୀଙ୍କୁ ବିଶେଷ ଗୁରୁତ୍ୱ ଦେଇଛନ୍ତି । ପୃଷ୍ଠା ୨...

## ଅନ୍ନଦାତା ସୁଖୀ ଭବଃ

ରାଜ୍ୟରେ ଜାରି ରହିଥିବା ଖରିଫ ୨୦୨୫-୨୬ ଧାନ ସଂଗ୍ରହ କିଣା ପ୍ରକ୍ରିୟାରେ ୧୨.୦୩.୨୦୨୬ (ଗୁରୁବାର) ପର୍ଯ୍ୟନ୍ତ ସାରା ଓଡ଼ିଶାରେ ଜିଲ୍ଲାୱାରୀ ଚାଷୀଙ୍କଠାରୁ ଧାନ କ୍ରୟ ଏବଂ ପ୍ରାପ୍ୟ ପ୍ରଦାନର ସବିଶେଷ ତଥ୍ୟ





| | |
|---|---|
| ମୋଟ୍ ଜିଲ୍ଲା - | ୩୦ |
| ମଣ୍ଡିରେ ମୋଟ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା- | ୧୬,୮୨,୫୧୫ ଜଣ |
| ମଣ୍ଡିରେ ମୋଟ କ୍ରୟ ହୋଇଥିବା ଧାନର ପରିମାଣ- | ୭୦,୮୩,୨୭୦ ମେଟ୍ରିକ୍ ଟନ୍ |
| ମୋଟ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ- | ₹୧୬,୦୫୦.୭୧ କୋଟି ଟଙ୍କା |
| ଇନ୍‌ପୁଟ୍ ସହାୟତା ରାଶି- | ₹୪,୯୫୨.୭୫ କୋଟି ଟଙ୍କା |

ସବିଶେଷ ଜିଲ୍ଲାୱାରୀ ତଥ୍ୟ ☞ପୃଷ୍ଠା-୬

## ବଦଳିଲେ ମାଲକାନଗିରି ଜିଲ୍ଲାପାଳ

# ପ୍ରଥମେଶ ଅରବିନ୍ଦଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୨।୩: ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ବିଜ୍ଞପ୍ତି ଅନୁସାରେ ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ବଦଳି ହୋଇଛି । ତାଙ୍କୁ ବୟନ ଓ ହସ୍ତତନ୍ତ ଶିଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି । ତାଙ୍କ ବଦଳରେ ମାଲକାନଗିରିରେ ବ୍ରହ୍ମପୁର ମହାନଗର ନିଗମର କମିସନର ପ୍ରଥମେଶ ଅରବିନ୍ଦଙ୍କୁ ଜିଲ୍ଲାପାଳ ଦାୟିତ୍ୱ ମିଳିଛି । ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିସନର ମନୀଷ ଅଗ୍ରୱାଲଙ୍କୁ ସମବାୟ ସମିତି ସମୂହର ନିବନ୍ଧକ ଭାବେ ନିଯୁକ୍ତି ମିଳିଥିଲା ବେଳେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମୃତିରଞ୍ଜନ ପ୍ରଧାନଙ୍କୁ କ୍ଷୁଦ୍ର ଶିଳ୍ପ ନିଗମରେ ଏମ୍‌ଡି ଭାବେ ନିଯୁକ୍ତି ମିଳିଛି । ଶ୍ରୀ ପ୍ରଧାନଙ୍କୁ ଷ୍ଟାର୍ଟଅପ୍ ଓଡିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ପୃଷ୍ଠା ୨...

# ଖରାଦିନେ ୨୪ ଘଣ୍ଟିଆ ବିଦ୍ୟୁତ ସେବା

ଭୁବନେଶ୍ୱର,୧୨।୩: ମାର୍ଚ୍ଚ ମାସ ଆରମ୍ଭ ହେଉହେଉ ଏବେ ବୈଶାଖ ମାସର ଖରା ଓ ଗରମ ଅନୁଭୂତ ହେଉଛି । ଅଂଶୁଘାତ ମୁକାବିଲା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି । ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଗୃହରେ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।



ଅଂଶୁଘାତର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି । ଖରାଦିନେ କିପରି ବିଦ୍ୟୁତ ସେବା ବ୍ୟାହତ ନ ହୁଏ ସେଥିପାଇଁ ଧ୍ୟାନ ଦିଆଯାଉଛି । ପୃଷ୍ଠା ୨...

## ଓଡିଶା ସହିତ ଆସାମ, ତେଲେଙ୍ଗାନାକୁ ସଂଯୋଗ କରିବ ନୂଆ ଅମୃତ ଭାରତ ଟ୍ରେନ୍

# ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୩: କେନ୍ଦ୍ର ସରକାର ଓଡିଶାରେ ରେଳ ସଂଯୋଗୀକରଣକୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇ ଓଡିଶା ସହିତ ଆସାମ ଓ ତେଲେଙ୍ଗାନାକୁ ସଂଯୋଗ କରିବା ପାଇଁ ଏକ ନୂଆ ଅମୃତ ରେଳସେବା ଯୋଗାଇଦେବାକୁ ଅନୁରୋଧ କରିଥିଲେ । ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଏକ ନୂତନ ଅମୃତ



- କୋଏମ୍ବାଟୁରଠାରୁ ଧାନବାଦ୍‌କୁ ନୂଆ ଅମୃତ ଭାରତ ଟ୍ରେନ୍ ମଞ୍ଜୁର
- ଓଡ଼ିଶାର ୯ଟି ଷ୍ଟେସନ ଦେଇ ଚାଲିବ ଅମୃତ ଭାରତ ଟ୍ରେନ୍
- ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯଥେଷ୍ଟ ଉପକୃତ ହେବେ

ଭାରତ ଟ୍ରେନ ସେବା ଆରମ୍ଭ କରିବାକୁ ଅନୁମୋଦନ ଦେଇଛନ୍ତି । ଏହା ସହିତ ଦୁଇଟି ସ୍ୱତନ୍ତ୍ର ରେଳସେବାକୁ ନିୟମିତ ରେଳସେବାରେ ପରିଣତ କରିବା ପାଇଁ ମଧ୍ୟ ଅନୁମୋଦନ ଦିଆଯାଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ଓଡିଶାର ଜନସାଧାରଣଙ୍କ ପାଇଁ ଅଧିକ ଭାରତ ଟ୍ରେନ୍ ଆସାମର କାମାକ୍ଷା ଏବଂ ତେଲେଙ୍ଗାନାର ଚାରଲାପାଲି (ସିକନ୍ଦରାବାଦ) ମଧ୍ୟରେ ଚାଲିବ । ଏହା ଓଡିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର କେଉଁଝର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ ଏବଂ ବ୍ରହ୍ମପୁର ଦେଇ ଯିବ । ଉଲ୍ଲେଖନୀୟ ଯେ, ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ୍ ସ୍ପେଶାଲ୍ ଟ୍ରେନ୍ ଧାନବାଦ୍ ପହଞ୍ଚିବା ପୂର୍ବରୁ କଟକ, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ରେଢାଖୋଲ, ସମ୍ବଲପୁର ସହର, ଝାରସୁଗୁଡା ଏବଂ ରାଉରକେଲା ଷ୍ଟେସନ ଦେଇ ଯିବ । ଏହି ଟ୍ରେନକୁ ଏବେ ନିୟମିତ (Regularisation) କରାଯାଇଛି । ସେହିପରି ୦୮୪୩୯/୦୮୪୪୦ ପୁରୀ-ପାଟନା ସ୍ପେଶାଲ୍ ଟ୍ରେନ ପାଟନା ପୃଷ୍ଠା ୨...



ବ୍ୟଙ୍ଗ ବିଚାର

**ଡ.ଗିରୀଶ ରଂଜନ**

ରନ୍ଧନ ଗ୍ୟାସ, ପେଟ୍ରୋଲ,
ଡିଜେଲ ରାଇଜେ ଅଛି ଗଚ୍ଛିତ
ବିନା କାରଣରେ ଜନସାଧାରଣ
ହୁଅନାହିଁ ଆତଙ୍କିତ
କହିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର
ବିଜେପି ସର୍କାର ରାଇଜବାସୀଙ୍କ
ହୋଇଛନ୍ତି ପ୍ରିୟପାତ୍ର

## ରାଜ୍ୟରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲ ମହଜୁଦ ଅଛି

# ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ : ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର,୧୨।୩: ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ (ଏଲ୍.ପି.ଜି) ଉପଲବ୍ଧ ରହିଛି । ଜନସାଧାରଣ ଏଥିନେଇ ଚିନ୍ତିତ ନ ହେବାକୁ ରାଜ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା । ଲୋକସେବା ଭବନସ୍ଥିତ ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସମେତ ରନ୍ଧନଗ୍ୟାସ୍ (ଏଲ.ପି.ଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ରିଲାଏନ୍ସ, ଗେଲ୍ ଆଦି କମ୍ପାନୀର

- ବିଭିନ୍ନ ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା
- କଳାବଜାରୀ ରୋକିବାକୁ ଚଢ଼ଉ କରିବେ ବିଭାଗୀୟ ଅଧିକାରୀ
- ଘରୋଇ ଉପଭୋକ୍ତା ହଇରାଣ ନ ହେବା ଉପରେ ଗୁରୁତ୍ୱ
- ଜିଲ୍ଲାପାଳମାନେ ପ୍ରତିଦିନ ରିପୋର୍ଟ ଦାଖଲ କରିବେ



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରାମର୍ଶ ଦେଇଛନ୍ତି । ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି), ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ନେଇ ଏକ ସଚିବ ସଂଜୟ କୁମାର ସିଂ, ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦଙ୍କ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ଏଲ୍.ପି.ଜି ବିତରକ, ରିଟେଲ୍ ଓ ଆଉଟ୍‌ଲେଟ୍‌କୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଖାଉଟିମାନେ ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ପାଇବାରେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ସଜାଗ ରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଖାଉଟିମାନଙ୍କ ସୁବିଧା ନିମନ୍ତେ ପଦକ୍ଷେପ ନେବା ସହ ଜିଲ୍ଲାପାଳମାନେ ପ୍ରତିଦିନ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୃଷ୍ଠା ୨...



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ..........

## ରାଜ୍ୟରେ ରନ୍ଧନ ....

ମଧ୍ୟପ୍ରାଚ୍ୟର ସ୍ଥିତିକୁ ନେଇ ରାଜ୍ୟବାସୀ ଆତଙ୍କିତ ନ ହୋଇ ସତର୍କ ଓ ସଜାଗ ରହିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି। ବଜାରରେ ଏଲପିଜି କଳାବଜାରୀ ରୋକିବାକୁ ଚଢ଼ଉ ପାଇଁ ବିଭାଗୀୟ ଅଧିକାରୀ ନିଯୋଜିତ ଅଛନ୍ତି ଏବଂ କଳାବଜାରୀର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ କହିଛନ୍ତି ଯେ ରାଜ୍ୟରେ ଦୈନିକ ଆବଶ୍ୟକ ପଡୁଥିବା ରନ୍ଧନ ଗ୍ୟାସ୍ ଏବଂ ଏହାର ଉପଲବ୍ଧତା ନେଇ ପ୍ରତି ଜିଲ୍ଲାର ଜିଲ୍ଲାପାଳ ଦୈନିକ ତଥ୍ୟ ଦେବେ। କଟକ ବଡ ମେଡିକାଲ ପରି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ମାର୍କେଟିଙ୍ଗ ଅଫିସରମାନେ ସ୍ଥିତି ଅନୁଧ୍ୟାନ କରିବେ। ରାଜ୍ୟର ଘରୋଇ ଉପଭୋକ୍ତା ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ କନ୍ୟା ...

ଶ୍ରୀମତୀ ସୁଚିତା ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ଯୋଜନାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ କନ୍ୟାମାନଙ୍କ ବିବାହ ନିମନ୍ତେ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିମଧ୍ୟରୁ ୪୫,୦୦୦ ଟଙ୍କା ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି। ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ଉତ୍ସବର ଆୟୋଜନ ଏବଂ ପରିଚାଳନା ପାଇଁ ବ୍ୟୟ କରାଯାଉଛି।

## ଓଡିଶା ସହିତ ଆସାମ....

ପହଞ୍ଚିବା ପୂର୍ବରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ ଏବଂ ବାଲେଶ୍ୱର ଷ୍ଟେସନ୍ ଦେଇ ଯିବ। ଏହାକୁ ମଧ୍ୟ ନିୟମିତ କରାଯାଇଛି। ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ଏହି ଟ୍ରେନ ସେବା ଅନୁମୋଦନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବଦଳିଲେ ମାଲକାନଗିରି ...

ଏଠାରେ ପୂର୍ବରୁ ରଶ୍ମିତା ପଣ୍ଡା ଅବସ୍ଥାପିତ ଥିଲେ। ସେହିଭଳି ଓଡିଶା ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସଙ୍କୁ ମତ୍ସ୍ୟ ସଂପଦ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିଲା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କୁ ଏସ୍‌ସିଇଆରଟିର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳର ବନ୍ଦୋବସ୍ତ ଏବଂ ଚକବନ୍ଦୀ ଅତିରିକ୍ତ କମିସନର ଉପମା କାଲୋଙ୍କୁ ଉତ୍ତରାଞ୍ଚଳ ଆର୍‌ଡିସି ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଲିଲି କୁମାରୀ କୁଲୁଙ୍କୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ନିଯୁକ୍ତି ମିଳିଛି।

## ଖରାଦିନେ ....

ରାଜ୍ୟର ୩୦ଟି ଜିଲ୍ଲା, ଟ୍ୱିନ୍ ସିଟି, ୧୦ ପୌରାଞ୍ଚଳ ପାଇଁ ହିଟୱେଭ ଆକ୍ସନ ପ୍ଲାନ ହୋଇଛି। ଆଉ ୩୧ ପୌରାଞ୍ଚଳ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ହିଟୱେଭ ଆକ୍ସନ ପ୍ଲାନ। ରାଜ୍ୟ ଓ ଜିଲ୍ଲାସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଜାତୀୟ ବିପର୍ଯ୍ୟୟ ତାଲିକାରେ ହିଟୱେଭକୁ ସାମିଲ୍ ପାଇଁ ସୁପାରିସ୍ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ୨୦୨୬-୨୭ ଆର୍ଥିକ ...

ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ପାଇଁ ୨୦୯୪ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଓ କେନ୍ଦ୍ରୀୟ ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଏହାର ଲାଭ ପାଇବେ। ଏହାସହିତ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତିର ରାଶି ବୃଦ୍ଧି କରାଯାଇ ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସହାୟତା ଯୋଗାଯାଉଛି। ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ପାଇଁ ବର୍ତ୍ତମାନ ୧୭୬୫ଟି ବିଦ୍ୟାଳୟ କାର୍ଯ୍ୟ କରୁଛି, ଯାହାମଧ୍ୟରୁ ୧୬୧୫ଟି ଆବାସିକ ଓ ୧୫୦ଟି ଅଣଆବାସିକ ବିଦ୍ୟାଳୟ ଅଟେ। ଏହି ବିଦ୍ୟାଳୟଗୁଡ଼ିକରେ ପ୍ରାୟ ୪ ଲକ୍ଷ ୩୮ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହାସହିତ ରାଜ୍ୟରେ ମୋଟ ୫୯୬୭ଟି ଛାତ୍ରାବାସ ଚାଲୁଅଛି ଯେଉଁଠାରେ ପ୍ରାୟ ୫ ଲକ୍ଷ ୫୨ ହଜାର ଛାତ୍ରଛାତ୍ରୀ ରହି ପଢୁଛନ୍ତି। ଛାତ୍ରଛାତ୍ରୀଙ୍କ ଖାଦ୍ୟ, ପାଠ୍ୟ ଉପକରଣ ଓ ଅନ୍ୟାନ୍ୟ ସୁବିଧା ପାଇଁ ବଜେଟରେ ଅତିରିକ୍ତ ଅର୍ଥ ବରାଦ କରାଯାଇଛି। ଡ୍ରପ୍‌ଆଉଟ୍ ହାର କମେଇବା ପାଇଁ ସରକାର 'ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା' ରେ ନବମ ଶ୍ରେଣୀ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଏହି ଯୋଜନା ପାଇଁ ବଜେଟରେ ୧୫୪ କୋଟି ଟଙ୍କା ବରାଦ କରାଯାଇଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ 'ଅନ୍ୱେଷା ଯୋଜନା' ଅଧୀନରେ ୧୭ଟି ଜିଲ୍ଲାର ୧୬୩ଟି ବେସରକାରୀ ବିଦ୍ୟାଳୟରେ ପ୍ରାୟ ୨୦,୪୭୩ ଛାତ୍ରଛାତ୍ରୀ ପଢୁଛନ୍ତି। ଏହି ଯୋଜନା ପାଇଁ ୧୫୮ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି। ଏହାସହିତ 'ଆକାଂକ୍ଷା ଯୋଜନା' ଅଧୀନରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ଆବାସିକ ସୁବିଧା ଦିଆଯାଉଛି। ଆଦିବାସୀ ଅଞ୍ଚଳର ସମଗ୍ର ଉନ୍ନତି ପାଇଁ 'ଧରତି ଆବା ଜନଜାତି ଗ୍ରାମ ଉନ୍ନତି ଅଭିଯାନ' ମାଧ୍ୟମରେ ରାଜ୍ୟର ୨୭ଟି ଜିଲ୍ଲାର ୨୩୪ଟି ବ୍ଲକ ଓ ୭୬୬୭ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ମାଧ୍ୟମରେ ୧୦ ଲକ୍ଷରୁ ଅଧିକ ଜନଜାତି ପରିବାର ଉପକୃତ ହେବେ। ଏହି ଯୋଜନା ପାଇଁ ୩୨୫ କୋଟିରୁ ଅଧିକ ଟଙ୍କା ବରାଦ କରାଯାଇଛି। ସେହିପରି "ପିଏମ ଜନମନ" କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବିକାରେ ସୁଧାର ଆଣିବାକୁ ଲକ୍ଷ୍ୟ ରହିଛି। ରାଜ୍ୟର ୧୪ଟି ଜିଲ୍ଲାର ୧୭୫୧ଟି ଗ୍ରାମରେ ଏହା କାର୍ଯ୍ୟକାରୀ ହେଉଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଆଦିବାସୀ ପରିବାରମାନଙ୍କୁ କୃଷି, ପ୍ରାଣୀସମ୍ପଦ, ମାଛଚାଷ ଓ ଲଘୁ ଉଦ୍ୟୋଗ ମାଧ୍ୟମରେ ଜୀବିକା ବିକାଶ ପାଇଁ ସହାୟତା ଦିଆଯାଉଛି। ସାମାଜିକ ନ୍ୟାୟକୁ ସୁଦୃଢ଼ କରିବା ପାଇଁ ଅନୁସୂଚିତ ଜାତି ସହ ବିବାହକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ସରକାର ପ୍ରତି ଦମ୍ପତିକୁ ୨ ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଏଥିପାଇଁ 'ସୁମଙ୍ଗଳ' ନାମକ ଅନଲାଇନ ପୋର୍ଟାଲ ଆରମ୍ଭ କରାଯାଇଛି। ଶିକ୍ଷାର ଗୁଣାତ୍ମକ ଉନ୍ନତି, ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ସୁବିଧା ଓ ଆଦିବାସୀ ଅଞ୍ଚଳର ସମଗ୍ର ବିକାଶକୁ ଲକ୍ଷ୍ୟ କରି ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ରାଜ୍ୟର ଆଦିବାସୀ ଓ ପଛୁଆ ବର୍ଗଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ହେବା ସହିତ ସମାବେଶୀ ଉନ୍ନତିର ଲକ୍ଷ୍ୟ ସାଧନରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ଇରାନର ପତନ ଆଶଙ୍କା...

ଆମେରିକାର ଗୁଇନ୍ଦା ସଂସ୍ଥା ସୂଚାଇ ଦେଇଛି ଯେ, ଇରାନର ନେତୃତ୍ୱ ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ଅଛି ଏବଂ ପ୍ରାୟ ଦୁଇ ସପ୍ତାହ ଧରି ଆମେରିକା ଓ ଇସ୍ରାଏଲର ନିରନ୍ତର ବୋମାମାଡ଼ ପରେ ବି କୌଣସି ସମୟରେ ପତନର ଆଶଙ୍କା ନାହିଁ। ଇରାନ ଜନତାଙ୍କ ଉପରେ ନିୟନ୍ତ୍ରଣ ବଜାୟ ରଖିଛି। ତୈଳ ମୂଲ୍ୟ ବୃଦ୍ଧିକୁ ନେଇ ରାଜନୈତିକ ଚାପ ବୃଦ୍ଧି ପାଉଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେ ୨୦୦୩ ପରଠାରୁ ଆମେରିକାର ସବୁଠାରୁ ବଡ ସାମରିକ ଅଭିଯାନକୁ ଶୀଘ୍ର ଶେଷ କରିବେ। କିନ୍ତୁ ଯଦି ଇରାନର କଠୋରପନ୍ଥୀ ନେତାମାନେ ଦୃଢ଼ ରୁହନ୍ତି ତେବେ ଯୁଦ୍ଧର ଗ୍ରହଣୀୟ ସମାପ୍ତି ଖୋଜିବା କଷ୍ଟକର ହୋଇପାରେ। ଆମେରିକାର ଗୁପ୍ତଚର ରିପୋର୍ଟ ସୂଚାଇଛି ଯେ ଖେମିନିଙ୍କ ମୃତ୍ୟୁ ପରେ ଆଇଆର୍‌ଜିସି ଓ ଅନ୍ତରୀଣ ନେତାମାନେ ଦେଶର ନିୟନ୍ତ୍ରଣ ବଜାୟ ରଖିଛନ୍ତି। ବରିଷ୍ଠ ଶିଆ ଧର୍ମଗୁରୁମାନଙ୍କର ଏକ ଗୋଷ୍ଠୀ ଆସେମ୍ବ୍ଲି ଅଫ୍ ଏକ୍ସପର୍ଟସ୍ ଏହି ସପ୍ତାହ ଆରମ୍ଭରେ ଖେମିନିଙ୍କ ପୁଅ ମୋଜତବାଙ୍କୁ ନୂତନ ସର୍ବୋଚ୍ଚ ନେତା ଘୋଷଣା କରିଥିଲେ।

## ଇଥିଓପିଆରେ ...

ଗତ କିଛି ଦିନ ମଧ୍ୟରେ ପୂର୍ବ ଆଫ୍ରିକାରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ସୃଷ୍ଟି ହୋଇଛି। ସେହିପରି ପଡ଼ୋଶୀ ଦେଶ କେନିଆରେ ମଧ୍ୟ ୧୨ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ପାଣିପାଗ ପରିବର୍ତ୍ତନ ଯୋଗୁଁ ଏହି ଅଞ୍ଚଳରେ ଝଡ଼ ଅଧିକ ତୀବ୍ର ହେଉଛି ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି।

# ଅପରେସନ ସାଇବର କବଚ

# ୩୭,୦୯୪ଟି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

# ୩୬୫ଜଣ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର ୧୨/୦୩(ଅକ୍ଷର ଓଡ଼ିଶା) : ସାଇବର ଅପରାଧ ନେଟୱର୍କକୁ ସମୂଳ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି।ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା ଏହି ଅଭିଯାନ କାର୍ଯ୍ୟାନୁଷ୍ଠାନ ହେଉଛି। ସାଇବର କ୍ରାଇମ୍ ୟୁନିଟ୍, ସିଆଇଡି କ୍ରାଇମ୍ ବ୍ରାଞ୍ଚ ଏହାର ସମନ୍ୱୟ କରୁଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ସାଇବର ଅପରାଧୀମାନଙ୍କ ଆର୍ଥିକ ଡାଞ୍ଚାକୁ ଧ୍ୱଂସ କରିବା।ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୭,୦୯୪ଟି ମ୍ୟୁଲ୍/ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏହାସହ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୧୧୮୫ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୪୧ଟି ମାମଲା ଏବଂ ନକଲି ସିମ୍‌ଚକ୍ରବ୍ୟୂହ ସମ୍ପର୍କିତ ୨୩ଟି ମାମଲା ରୁଜୁ ହୋଇଛି। ୩୬୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୯୨ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୭୨୭୬ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।ଏହି ଅଭିଯାନରେ କେନ୍ଦୁଝର ଜିଲ୍ଲା ପୋଲିସ ୯୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ ଏବଂ ୫ଜଣଙ୍କୁ ନୋଟିସ୍ ଜାରି କରିଛି।ସେହିପରି ରାଉରକେଲା ଜିଲ୍ଲା ପୋଲିସ ୭୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୫୭ଟି ମାମଲା, ଏଟିଏମ୍ ଉଠାଣ ସମ୍ପର୍କିତ ୧ଟି ମାମଲା ଏବଂ ଚେକ୍ ଉଠାଣ ସମ୍ପର୍କିତ ୪ଟି ମାମଲା ରୁଜୁ କରି ୩୩ଜଣଙ୍କୁ ନୋଟିସ୍ ଜାରି କରିଛି।ସେହିପରି ଭଦ୍ରକ ଜିଲ୍ଲା ପୋଲିସ ୧୪୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ଆକାଉଣ୍ଟ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୨ଜଣଙ୍କୁ ନୋଟିସ୍ ଜାରି କରିଛି।ଭୁବନେଶ୍ୱର (ଟଟଭ) ପୋଲିସ ୩୪୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩ଟି ମାମଲା ରୁଜୁ କରି ୯ଜଣଙ୍କୁ ଗିରଫ କରିଛି। କଟକ (ଟଟଭ) ପୋଲିସ ୩୨୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୧୩ ଜଣଙ୍କୁ ନୋଟିସ୍ ଜାରି କରିଛି।ସେହିପରି ଜଗତସିଂହପୁର ଜିଲ୍ଲା ପୋଲିସ ୨୦ଟି, ନୟାଗଡ଼ ଜିଲ୍ଲା ପୋଲିସ ୧୧୫ଟି ଆକାଉଣ୍ଟ ଯାଞ୍ଚ କରି ୧୦ଜଣଙ୍କୁ ନୋଟିସ୍, ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୨୩୮ଟି ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ଏଫ୍.ଆଇ.ଆର୍‌ରେ ୧ଜଣଙ୍କୁ ଗିରଫ, ପୁରୀ ଜିଲ୍ଲା ପୋଲିସ ୧ଟି ପୁରୁଣା ଏଫ୍.ଆଇ.ଆର୍‌ରେ ୧ଜଣଙ୍କୁ ଗିରଫ, ବାଲେଶ୍ୱର ଜିଲ୍ଲା ପୋଲିସ ୨୯ଟି ଆକାଉଣ୍ଟ, ମୟୂରଭଞ୍ଜ ଜିଲ୍ଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ କରି ୫ଜଣଙ୍କୁ ନୋଟିସ୍, ବ୍ରହ୍ମପୁର ଜିଲ୍ଲା ପୋଲିସ ୩୧ଟି ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ଏଫ୍.ଆଇ.ଆର୍ ସହ ସଂପୃକ୍ତ ୧୧ଜଣଙ୍କୁ ନୋଟିସ୍, ବୌଦ୍ଧ ଜିଲ୍ଲା ପୋଲିସ ୧୨୩ଟି ଆକାଉଣ୍ଟ ଯାଞ୍ଚ କରି ୧୨୩ଜଣଙ୍କୁ ନୋଟିସ୍, ଗଞ୍ଜାମ ଜିଲ୍ଲା ପୋଲିସ ୧୫ଟି ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ଏଫ୍.ଆଇ.ଆର୍‌ରେ ୧ଜଣଙ୍କୁ ଗିରଫ ଏବଂ ୧ଜଣଙ୍କୁ ନୋଟିସ୍, କନ୍ଧମାଳ ଜିଲ୍ଲା ପୋଲିସ ୧ଟି ଆକାଉଣ୍ଟ ଯାଞ୍ଚ କରି ୨ଜଣଙ୍କୁ ନୋଟିସ୍, ଢେଙ୍କାନାଳ ଜିଲ୍ଲା ପୋଲିସ ୭ଟି, କଳାହାଣ୍ଡି ଜିଲ୍ଲା ପୋଲିସ ୧୨ଟି, କୋରାପୁଟ ଜିଲ୍ଲା ପୋଲିସ ୧୯ଟି ଆକାଉଣ୍ଟ ଯାଞ୍ଚ କରିଛନ୍ତି।

# ପ୍ରଧାନ ଶିକ୍ଷକ ଆଶିଷ ରଞ୍ଜନ ରଥ ନିଲମ୍ବନ

ସୁବର୍ଣ୍ଣପୁର ୧୨/୦୩(ଅକ୍ଷର ଓଡ଼ିଶା) : ସୋନପୁର ଜିଲ୍ଲାରେ ଜିଲ୍ଲାପାଳ ଏବେ ଆକ୍ସନ ମୁଡ଼ ରେ ଅଛନ୍ତି ଅବହେଳା କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଏହାର



ଏକ ଝଲକ ଗତ କାଲି ଦେଖିବାକୁ ମିଳିଛି ।କର୍ତ୍ତବ୍ୟରେ ଅବହେଳା କରିବା ଅଭିଯୋଗରେ ସୋନପୁରର ମହାରାଜା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଶିଷ ରଞ୍ଜନ ରଥଙ୍କୁ ନିଲମ୍ବନ କରାଯାଇଛି। ସୂଚନା ଅନୁଯାୟୀ, ଆଶିଷ ରଞ୍ଜନ ରଥ ଦାୟିତ୍ୱରେ ମଧ୍ୟ ଅବହେଳା କରିଥିବା ନଜରକୁ ଆସିଥିଲା, ଯେଉଁଥିପାଇଁ ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ?ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ପକ୍ଷରୁ ଗଠିତ ଏକ କମିଟି ଦ୍ୱାରା କର୍ତ୍ତବ୍ୟରେ ଅବହେଳା କରିବା ଅଭିଯୋଗର ତଦନ୍ତ କରାଯାଇଥିଲା। ଏହି ତଦନ୍ତର ରିପୋର୍ଟ ମିଳିବା ପରେ ସ୍କୁଲ ଶିକ୍ଷକଙ୍କୁ ନିଲମ୍ବନ କରିବା ପାଇଁ ଜିଲ୍ଲାପାଳ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ?ଦାୟିତ୍ୱରେ ଅବହେଳା ଓ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ଃ ନୃପରାଜ ସାହୁ ପରାମର୍ଶ ଦେଇଥିଲେ । ସେହିପରି ତାଙ୍କର କାର୍ଯ୍ୟ ଶୈଳୀରେ ତ୍ରୁଟି ଏବଂ ଦାୟିତ୍ୱ ପ୍ରତି ଅବହେଳା ନେଇ ପ୍ରମାଣ ମଧ୍ୟ ମିଳିଛି। ଯାହାର ଆଧାରରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ଉପାନ୍ତ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ପାଇଁ ବାଧକ ସାଜିଛି ରାସ୍ତା

ଧରାକୋଟ ୧୨/୦୩(ଅକ୍ଷର ଓଡ଼ିଶା) : ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକର ଉପାନ୍ତ ଅଞ୍ଚଳ କହିଲେ ସାବା ଓ ବଳରାମ ପୁର ପଞ୍ଚାୟତ ର କେତେକ ଗ୍ରାମକୁ ବୁଝାଏ। ସ୍ୱାଧୀନତାର ୮୦ ବର୍ଷ ପରେ ମଧ ଏବେବି ସେଠି ବସବାସ କରୁଥିବା ଲୋକେ ବହୁବିଧ ସମସ୍ୟାରେ ସନ୍ତୁଳିତ । ବିଶେଷ କରି ନିତିଦିନିଆ ରାସ୍ତା ନଥିବାରୁ ସବୁ ସମସ୍ୟାକୁ ବଳି ଯାଇଛି ସେଠାକାର ପିଇବା ପାଣି ସମସ୍ୟା। ବଳରାମ ପୁର ପଞ୍ଚାୟତ ର ଗୁଡୁରୁ ଗୁମା, ଝିରଝିରା ଓ ସାବା ପଞ୍ଚାୟତ ର କଞ୍ଜିଆମ୍ବ, ତୋରାଣିପାଣି, ନାକିଆମ୍ବ ,ଖଜୁରୀ ଝୋଲା,ପିଲି ପଦର, ଗୋଛାଗୁଡା, ବେତବଣ ପ୍ରଭୃତି ଗାଁକୁ ନିତିଦିନିଆ ରାସ୍ତା ନାହିଁ । ଏଣୁ ସେହିସବୁ ଗାଁକୁ ବୋର ଖୋଲିବା ଗାଡି ପହଞ୍ଚିପାରୁ ନାହିଁ । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କେତେକ ପଡା ଗ୍ରାମରେ ସାନିଟାରୀ ୱାଲ କରାଯାଇଥିଲା ମଧ ଏହା ଜଳ ଆବଶ୍ୟକ ଯୋଗାଣ କରିପାରୁନାହିଁ । ଯାହା ଫଳରେ ଲୋକେ ଝରଣା ପାଣିକୁ ଗାଧୁଆ,ରୋଷେଇ, ଲୁଗା ସଫା ଓ ନିଜର ଫସଲ ଚାଷ ପାଇଁ ବ୍ୟବହାର କରୁଛନ୍ତି । ଏଣୁ ଏହି ଜଳ ଦୂଷିତ ହୋଇ ସଂକ୍ରାମକ ରୋଗ ବ୍ୟାପିବାର କାରଣ ହୋଇଛି । ରାଜ୍ୟ ସରକାର ପକ୍ଷରୁ ରାଜ୍ୟ ସାରା ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ପାନୀୟ ଜଳ ର ସମସ୍ୟା ନେଇ ବିଧାନସଭା ରେ ବିଧାୟକ ମାନେ ପ୍ରଶ୍ନ କରୁଛନ୍ତି କ୍ଷ ଏପରିକି ମେଗା ଜଳ ପ୍ରକଳ୍ପ ନାମରେ ଆହୁରି ଅନେକ ଦିନ ଘର ଘର ଜଳ ବା ହର ଘର ଜଳ ମିଳିବ ବୋଲି ଆଶା ରଖିଛନ୍ତି ସରକାର କ୍ଷ ହେଲେ ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ସାବା ଓ ବଳରାମ ପୁର ପଞ୍ଚାୟତ ର ପଡା ଗ୍ରାମ ମାନଙ୍କୁ ରାସ୍ତା ନଥିବାରୁ ସେଠାରେ ବସ ବାସ କରୁଥିବା ଲୋକେ ମୌଳିକ ସୁବିଧା ତଥା ବିଶେଷ କରି ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତହୋଇ ରହିଥିବା ଦେଖିବାକୁ ମିଳିଛି କ୍ଷ ଏହି ଅଂଚଳ ର ପାନୀୟ ଜଳ ସମସ୍ୟା ଉପରେ ଗ୍ରାମ୍ୟ ଜଳ ପରିମଳ ବିଭାଗ ର ସହକାରୀ ଯନ୍ତ୍ରୀ ଇ. ଦୀପ୍ତାଂଶୁ ପରିଡା ଏବଂ ସହକାରୀ ଯନ୍ତ୍ରୀ ଇ. ଚିନ୍ମୟୀ ରାଉତ ଙ୍କ ସହ ଯୋଗାଯୋଗ ବେଳେ ବିଭାଗ ପକ୍ଷରୁ ବ୍ଲକର ଘାଟି ଅଞ୍ଚଳର ଗାଁ ଗୁଡିକ ପାଇଁ ୧୭ ଗୋଟି ସୋଲାର ପମ୍ପ ପ୍ରକଳ୍ପ ପାଇଁ ପ୍ରସ୍ତାବ ଉପରସ୍ଥ ଅଧିକାରୀଙ୍କୁ ଦିଆଯାଇଛି କ୍ଷ ଆଉ କେତେ ଗ୍ରାମକୁ ରାସ୍ତା ନଥିବାରୁ ଗାଡି ଯାତାୟାତ ପାଇଁ ବ୍ୟବସ୍ଥା ନଥିବାରୁ ବୋର ଖୋଳିବାରେ ଅସୁବିଧା ଦେଖା ଦେଇଛି ବୋଲି ପ୍ରକାଶ



କରିଛନ୍ତି କ୍ଷ ଖୁବ ଶୀଘ୍ର ଏହି ଅଞ୍ଚଳରେ ଆମେ ପହଞ୍ଚି ସ୍ଥିତି ପରଖିବୁ ବୋଲି ପ୍ରକାଶ କରିଛନ୍ତି। ସରକାର ପରେ ସରକାର ବଦଳୁଛି । ହେଲେ ଉପାନ୍ତ ଆଦିବାସୀ ଇଲାକାର ଲୋକଙ୍କର ଭାଗ୍ୟ କାହାଦ୍ୱାରା ବଦଳିବ ?ଏଥିପାଇଁ ରାଜନେତା ନା ପ୍ରଶାସନିକ ଅଧିକାରୀ ମାନେ ଆନ୍ତରିକତା ଦେଖାଇବେ ? ଗଞ୍ଜାମ ଜିଲ୍ଲା ପ୍ରଶାସନ ପ୍ରତି ପଞ୍ଚାୟତ ରେ ଜନ ଶୁଣାଣି କରି ଲୋକଙ୍କ ସମସ୍ୟା ସମାଧାନ ପାଇଁ ଅଭିନବ ପ୍ରୟାସ ଜାରି ରଖିଛି ହେଲେ ଉପାନ୍ତ ଅଞ୍ଚଳରେ ସମସ୍ୟା ସମାଧାନ ହେବା ବଦଳରେ ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାପାଳ ଏହି ଅଞ୍ଚଳର ସ୍ୱାସ୍ଥ୍ୟ,ଶିକ୍ଷା,ଗମନାଗମନ,କୃଷି,ବିଜୁଳି, ପିଇବା ପାଣି ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ କେବେ ଓ କେତେଦୂର ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ପୁଣି ଜନନୀ ଯନ୍ତ୍ରଣା ଗାଁକୁ ଆସିଲାନି ଆମ୍ବୁଲାନ୍ସ

# ଘରେ ପ୍ରସବ ପରେ ଖଟିଆରେ ୨ କିମି ବୁହାହେଲେ ପ୍ରସୂତି



ପାରଳାଖେମୁଣ୍ଡି, ୧୨/୩(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲାରେ ପୁଣି ଜନନୀ ଯନ୍ତ୍ରଣା ଦେଖାଦେଇଛି. ଗାଁର ରାସ୍ତା ଭଲ ନ ଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ. ପରେ ବିଳମ୍ବିତ ରାତ୍ରରେ ଘରେ ପ୍ରସବ କଲେ ଗର୍ଭବତୀ ମହିଳା. ହେଲେ ପ୍ରସବଜନିତ ଅସୁସ୍ଥତାକୁ ନେଇ ଗାଁର କିଛି ଯୁବକମାନେ କନ୍ୟା ସନ୍ତାନ ଜନ୍ମ ଦେଇଥିବା ପ୍ରସୂତି ମହିଳାଙ୍କୁ ଖଟିଆରେ ଭାର କରି ୨ କିମି ମୋହନା ଡାକ୍ତରଖାନାକୁ ବୋହି ନେଉଥିବା ଘଟଣା ସାମ୍ନାକୁ ଆସିଛି. ଏହି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ସଦର ମହକୁମା ଠାରୁ ମାତ୍ର ୫ କିମି ଦୂରରେ ଥିବା ହୁଏରି ଗ୍ରାମରେ. ଗତ ମଙ୍ଗଳବାର ରାତ୍ରରେ ସେହି ଗ୍ରାମର ମିଟୁ ମଲ୍ଲିକଙ୍କ ସ୍ତ୍ରୀ ଚନ୍ଦ୍ରିକା ମଲ୍ଲିକଙ୍କୁ ଅତ୍ୟଧିକ ପ୍ରସବ ବେଦନା ହୋଇଥିଲା. ଡାକ୍ତରଖାନାକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଖବର ଦିଆ ଯାଇଥିଲା. ହେଲେ ସେହି ଗ୍ରାମର ରାସ୍ତା ଦୂରାବସ୍ଥା ଯୋଗୁଁ ଆମ୍ବୁଲାନ୍ସ ହୁଏରି ଗ୍ରାମକୁ ଆସିପାରିନଥିଲା. ବିଳମ୍ବିତ ରାତିରେ ମହିଳା ଜଣକ ଜଣେ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ. ହେଲେ ମା ଓ ଶିଶୁ କନ୍ୟାର ସ୍ୱାସ୍ଥ୍ୟବସ୍ଥା ଭଲ ନଥିବା ଲକ୍ଷ୍ୟ କରି ଗ୍ରାମର ଯୁବକମାନେ ଖଟିଆରେ ୨ କିମି ବୋହି ମୋହନା ଡାକ୍ତରଖାନାକୁ ନେଇଥିଲେ. ଡାକ୍ତର ଚିକିତ୍ସା ପରେ ଏମାନଙ୍କ ସ୍ୱାସ୍ଥ୍ୟ ଭଲ ଥିବା ଜଣା ପଡିଛି. ରାସ୍ତା ଦୂରାବସ୍ଥା ଯୋଗୁଁ ଜରୁରୀ ଚିକିତ୍ସା ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବା ଯୋଗୁଁ ଅତି ତୁରନ୍ତ ହୁଏରି ଗ୍ରାମର ରାସ୍ତାକୁ ନିର୍ମାଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି.

## ଜଳ ମହୋତ୍ସବ ୨୦୨୬

# ଓଡ଼ିଶାରୁ ୨୦ ଜଣ ପ୍ରତିନିଧି ଦିଲ୍ଲୀରେ ଯୋଗଦାନ

ନୂଆପଡା ତା:-୧୨/୦୩( ମୋହନ ଲାଲ ଦୀପ ) ନୂଆପଡ଼ା ଜିଲ୍ଲା ରୁ ଖୁଦପେଜ୍ ଗ୍ରାମ ପଞ୍ଚାୟତ ର ସ୍ୱେଚ୍ଛାସେବୀ ରାଧେଶ୍ୟାମ ଶତପଥୀ ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କରି ଦିଲ୍ଲୀ ଠାରେ ଜଳ ମହୋତ୍ସବ ରେ ଯୋଗଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ହର ଘର ଜଳ ମିଶନ ଜରୀଆରେ ୮୦ % ପ୍ରତିଶତ ରୁ ଉର୍ଦ୍ଧ ଘରକୁ ପାଇପ ଯୋଗେ ଜଳ ଯୋଗାଣ ଲକ୍ଷ ପୂର୍ଣ୍ଣ କରିଥିବା ନେଇ ତାଙ୍କୁ ଦିଲ୍ଲୀ ଠାରେ ଯୋଗଦାନ ପାଇଁ ସୁଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୦ ଜଣ ପ୍ରତିନିଧି ଦଳ ଗସ୍ତ କରିଥିବା ବେଳେ ଦିଲ୍ଲୀର ବିଜ୍ଞାନ ଭବନ ଠାରେ ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ ଜଳ ଉତ୍ସବ ରେ ସମ୍ବୋଧନ କରି ଜଳ ଯୋଗାଣ ରେ ଉଲ୍ଲେଖନୀୟ ଅବଦାନ ପାଇଁ ସାଧୁବାଦ୍ ଦେଇଥିଲେ।

# ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବନ୍ଦ ଦାବି କଲେ ସ୍ଥାନୀୟ ଲୋକ

ଖୋର୍ଦ୍ଧା ୧୨/୦୩(ଅକ୍ଷର ଓଡ଼ିଶା) : ଜଟଣୀ ତହସିଲ ଅନ୍ତର୍ଗତ ରଥପୁର ମୌଜାରୁ ଖଣି ମାଫିଆମାନେ ମାରଣାସ୍ତ୍ର ବନ୍ଧୁକ ମୁନରେ ଦିନରାତି ମେସିନ୍ ଦ୍ୱାରା ପଥର କାଟି ପଥର,ବାଲି ଓ ମୋରମ୍ ଚୋରାଚାଲାଣ କରୁଛନ୍ତି । ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବାବେଳେ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ନୀରବତାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ । ରଥିପୁର ଗ୍ରାମବାସୀ ଏହାର ପ୍ରତିବାଦ କରିବାରେ ମାଫି ଆମାନେ ଅଭିଯୋଗକାରୀଙ୍କୁ ଜଟଣୀ ଥାନା ଅଧିକାରୀଙ୍କ ଦ୍ୱାରା ମିଥ୍ୟା କେଶରେ ଫସାଇ ହଇରାଣ କରୁଥିବା ପ୍ରତିବାଦରେ ଆଜି ସ୍ଥାନୀୟ ଲୋକ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି, ରଥିପୁର ମୌଜାରୁ ଖଣି ମାଫିଆମାନଙ୍କ ସାରା ଦିନରାତି ମେସିନ୍ ଦ୍ୱାରା ପଥର କାଟି ପଥର,ବାଲି ଓ ମୋରମ୍ ଚୋରିକରିବା ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି ।ଚଳିତ ମାସରେ ଖଣି ମାଫିଆମାନେ ଏହିପରି ଟ୍ରକରେ ପଥର ଚୋରିକରୁଥିବା ବେଳେ ଗ୍ରାମବାସୀମାନେ ଏହାର ପ୍ରତିବାଦ କରିବାରୁ ଖଣି ମାଫିଆମାନେ ଖଣ୍ଡା, ଭୁଜାଲି ଦ୍ୱାରା ହାଣିବାକୁ ଗୋଡ଼ାଇଥିଲେ । ଏପରିକି ଖଣି ମାଫିଆ ପ୍ରସନ୍ନ ମାର୍ଥା ବନ୍ଧୁକରୁ ଗୁଳି ଫାୟରିଂ କରିବାରୁ ଗ୍ରାମବାସୀମାନେ ସେଠାରୁ କୌଶଳ କ୍ରମେ ଖସିଆସି ଥାନାରେ ସେମାନଙ୍କ ବିରୁଦ୍ଧରେ କେଶ୍ କରିବାରୁ ଥାନା ଅଧିକାରୀ ଖଣି ମାଫିଆଙ୍କ ସପକ୍ଷରେ ସେମାନଙ୍କୁ ଡାକି ଓଲଟି ପ୍ରତିବାଦକାରୀଙ୍କ ନାଁ ରେ କାଉଁଟର କେଶ୍ କଲେ ଯାହାର କେଶ୍ ନଂ ୬୬୨ ଓ ୬୬୩ ତା୦୮.୦୨.୨୦୨୩ ରହିଥିଲା। ଏପରିକି ରଥିପୁରର ଜଣେ ଶିକ୍ଷିତ ଯୁବକ ସୁବ୍ରତ ଜେନା ବେଆଇନ ଖଣି ଖନନ କାର୍ଯ୍ୟକୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଜଟଣୀ ଥାନା ଅଧିକାରୀଙ୍କ ଦ୍ୱାରା ମିଛ କେଶ୍ କରିଅଛନ୍ତି। ଉକ୍ତ ଘଟଣା ଡି.ସି.ପି. ଭୁବନେଶ୍ୱରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସୁବ୍ରତଙ୍କ ଏତଲାକୁ ଭିତି କରି ଜମି ମାଫିଆମାନଙ୍କ ନାମରେ ଜଟଣୀ ଥାନାରେ କେଶ୍ ହୋଇଛି । ବଡ଼ ଦୁଃଖ ଓ ପରିତାପର ବିଷୟ ଗତ ୯ତାରିଖ ବିଳମ୍ବିତ ରାତିରେ ଖଣି ମାଫିଆମାନେ ଜଟଣୀ ଥାନାଅଧିକାରୀଙ୍କ ସହିତ ମଧୁଚନ୍ଦ୍ରିକା ସାଜି ପଥର ଚୋରି କରୁଥିବା ବେଳେ ଆମ୍ଭେ ଗ୍ରାମବାସୀ ଜିଲ୍ଲା ଖଣି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଦଳେ ବଦଳେ ଖଣି କର୍ମଚାରୀମାନେ ଘଟଣାସ୍ଥଳରେ ରେଡ଼ କରି ଜେସିବି ସହିତ ପଥର ଚୋରି କରୁଥିବା ସମସ୍ତ ଗାଡ଼ିକୁ ସିଜ୍ କରି ଜଟଣୀ ଥାନାରେ ଜିମା ଦେଇଥିଲେ । ସେହି ଚୋରି କରୁଥିବା ସମୟରେ ଆମ୍ଭେ ଗ୍ରାମବାସୀ ସହିତ ଖଣି ଅଧିକାରୀମାନେ ଉପସ୍ଥିତ ଥିବା ସମୟରେ ଜମି ମାଫିଆମାନେ ଗ୍ରାମବାସୀଙ୍କ ଉପରକୁ ଫାୟରିଂ କରିବା ସହିତ ଖଣ୍ଡା ଓ ଫାର୍ସାରେ ହାଣିବାକୁ ଉଦ୍ୟତ ହେବାରୁ ସେମାନେ କୌଶଳ କ୍ରମେ ଖସିଆସିଥିଲେ । ବାଡ଼ ଖାଉଛି ଫସଲ ନ୍ୟାୟରେ ଜଟଣୀ ଥାନା ଅଧିକାରୀଙ୍କୁ ନ ଜଣାଇ ଗ୍ରାମବାସୀମାନେ ଗତ ୧୦ ତାରିଖରେ କମିଶନର ପୁଲିସ୍ ଓ ଡି.ସି.ପି. ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିଥିଲେ । ମାତ୍ର ରାତି ରେ ଘରେ ଥିବାବେଳେ ଖଣି ମାଫିଆମାନେ ସଦଳେ ବଦଳେ ୫୦ରୁ ଉର୍ଦ୍ଧ୍ୱ ଲୋକ ରଥିପୁର ଗ୍ରାମକୁ ଚାରିପଟୁ ଓଗାଳି ହାତରେ ବମ୍, ବନ୍ଧୁକ ଧରି ପ୍ରତିବାଦକାରୀଙ୍କୁ ମାରିବାକୁ ଆସିବା ଖବର ପାଇ ସେମାନେ ଘରେ ଲୁଚି ରହିଥିଲେ । ଏସବୁ କାର୍ଯ୍ୟ ଜଟଣୀ ଥାନା ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ମାଫିଆମାନେ ଦିନ ରାତି ଖଣିରୁ ପଥର, ବାଲି ଓ ମୋରମ ଚୋରି କରୁଛନ୍ତି ।ଯିଏ ଏହାର ପ୍ରତିବାଦ କରୁଅଛି, ଜଟଣୀ ଥାନା ଅଧିକାରୀ ଓଲଟି ଅଭିଯୋଗକାରୀଙ୍କୁ ମିଥ୍ୟା କେଶରେ ଫସାଇ ହଇରାଣ ଓ ଭୟଭୀତ କରାଉଥିବା ଅଭିଯୋଗ କରିଛନ୍ତି । ତେଣୁ ରଥିପୁରୁ ମୌଜା ର ଖଣିରୁ ପଥର, ବାଲି ଓ ମୋରମ ଚୋରି ରୋକାଯିବା ସହିତ ଖଣି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ଥାନା ଅଧିକାରୀଙ୍କୁ ଜଟଣୀ ଥାନାରୁ ସ୍ଥାନାନ୍ତରିତ କରାଯାଉ ବୋଲି ଅଭିଯୋଗକାରୀମାନେ ଦାବି କରିଛନ୍ତି ।

# ଜଳୁଛି ଜଙ୍ଗଲ, ନିରୁପାୟ ବନ ବିଭାଗ

ଲକ୍ଷ୍ମୀପୁର ୧୨/୦୩(ଅକ୍ଷର ଓଡ଼ିଶା) : ଖରା ଦିନ ଆସିଗଲେ କୋରାପୁଟ ଜିଲ୍ଲା ର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ଥିବା ସମସ୍ତ ସଂରକ୍ଷିତ ଜଙ୍ଗଲ ସନ୍ଧ୍ୟା ହେବା ମାତ୍ରେ ଜଳି ଉଠେ। କିଛି ଦୁର୍ଗମ ଅଞ୍ଚଳ ବାସୀଙ୍କ ପାଖରେ ପରିବାର ପ୍ରତିପୋଷଣ କରିବାକୁ କୌଣସି ରାସ୍ତା ନଥିବାରୁ ସେମାନେ ଜଙ୍ଗଲରେ ନିଆଁ ଲଗାଇ ଅଙ୍ଗାର କାଢି ବାଜାର ହାଟ ରେ ବିକ୍ରି କରନ୍ତି ।ଯାହା ଫଳରେ ସେମାନଙ୍କ ପରିବାର ପେଟକୁ ମୁଠାଏ ଦାନା ମିଳୁଥିବା ବେଳେ ଜଙ୍ଗଲ ନଷ୍ଟ ହେବା ଦ୍ୱାରା ପରିବେଶ ଉପରେ ତାର କି ପ୍ରଭାବ ପଡୁଛି ତାହା ସେମାନେ ଜାଣୁନାହାନ୍ତି ।ଯାହାକୁ ରୋକିବା ପାଇଁ ବନ ବିଭାଗ ପ୍ରତି ବର୍ଷ ସଚେତନ କରିବା ଦିଗରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ ଜଙ୍ଗଲ ନଷ୍ଟ ରୋକିବା ଉପରେ କାଣିଚାଏ ପ୍ରଭାବ ପଡୁନି ।ଟଙ୍କା ଖର୍ଚ୍ଚ ହେଉଛି ସତ କିନ୍ତୁ ଜଙ୍ଗଲ ନଷ୍ଟ ହେବରେ ରୋକ ଲାଗି ପାରୁନି ।ଯାହାର



ଏକ ଉଦାହରଣ ନାରାୟଣ ପାଟଣା ବ୍ଲକ ରେ ଦେଖିବାକୁ ମିଳିଛି ।ସାନ ପଟାମୁଣ୍ଡା ଗ୍ରାମ ଠୁ ଆରମ୍ଭ କରି ପ୍ରାୟ ଦଶ କିଲୋମିଟର ଦୂର ନାରାୟଣ ପାଟଣା ପର୍ଯ୍ୟନ୍ତ ରାସ୍ତା ର ଦୁଇ କଡରେ ଅଧିକାଂଶ ଜଙ୍ଗଲ ନିଆଁ ରେ ପୋଡି ପାଉଁଶ ହୋଇ ଗଲାଣି। ରାସ୍ତା କଡରେ ନିଆଁ ଲାଗୁଥିଲେ ମଧ ବନ କର୍ମଚାରୀଙ୍କ ଦେଖା ନାହିଁ ।ଏନେଇ କିଛି ଦିନ ତଳେ କୋରାପୁଟ ଡ଼ିଏଫଓ କେ.ଭି ଭାସ୍କର ରାଓ ଏକ ସାମ୍ବାଦିକ ସମ୍ମିଳନୀ ଡାକି ବନାଗ୍ନିକୁ ରୋକିବାକୁ ହେଲେ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି କହିଥିଲେ ।ଏଥି ନିମନ୍ତେ ୬ ଟି ଫାୟାର ସ୍କ୍ୱାର୍ଡ ଗଠନ କରିବା ସହ ୧୨୦ ଜଣ ପାରା ଫାୟାର ଷ୍ଟାଫ ନିୟୋଜିତ ରହିବେ ବୋଲି କହିଥିଲେ ।ନାରାୟଣପାଟଣା,ଲକ୍ଷ୍ମୀପୁର ଏବଂ ଦଶମନ୍ତପୁର ଆଦି ବ୍ଲକ୍ ରେ ଥିବା ସଂରକ୍ଷିତ ଜଙ୍ଗଲରେ ଅଧିକାଂଶ ସମୟରେ ଦୁର୍ବୃତ୍ତ ମାନେ ନିଆଁ ଲଗାଉଥିବାରୁ ସେଥି ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ।ଫଳରେ କୋରାପୁଟ ବନଖଣ୍ଡ ସହିତ ୬ ଟି ସ୍ଥାନ ରେ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିବା ବେଳେ ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବ ବୋଲି ଡ଼ିଏଫଓ କହିଥିଲେ ।ହେଲେ ଏବେ ସବୁଥିରେ ଫସର ଫାଟି ଗଲା ।ବର୍ତ୍ତମାନ ନାରାୟଣପାଟଣା ଜଙ୍ଗଲ ଜଳୁଥିବା ବେଳେ ପାରା ଫାୟାର ଷ୍ଟାଫ ଙ୍କ ଦେଖା ମିଳୁନି ।ବର୍ତ୍ତମାନ ନାରାୟଣ ପାଟଣା ଜଙ୍ଗଲକୁ ନେଇ ବିଭାଗୀୟ ଅଧିକାରୀ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର



ଖଜୁରିଆକଟା, ୧୨।୩(ନୀଳକଣ୍ଠ ଦାସ ): ଓଡ଼ାପଡ଼ା ବ୍ଲକ ପରିସରରେ ଭିମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୬୪ ଜଣ ହିତାଧିକାରୀ ନାମ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୧୬୦ ଜଣଙ୍କୁ ସହାୟତା ପ୍ରଦାନ ନିମନ୍ତେ ମନୋନୀତ କରାଯାଇଥିଲା।୭୦ ଜଣ ହିତାଧିକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ବେଳେ ୫୧ ଜଣ ହିତାଧିକାରୀଙ୍କୁ ଉପକରଣ ପ୍ରଦାନ କରାଯାଇଥିବା ଓଡ଼ାପଡ଼ା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ାପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଢେଙ୍କାନାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ସାଇଁ ଓଡ଼ାପଡ଼ା ସାମାଜିକ ସୁରକ୍ଷା ଅଧିକାରୀ ସେଫାଳି ଶ୍ୱେତାପଦ୍ମା ବେହେରା ପରିଚାଳନା କରୁଥିବା ବେଳେ ଓଡ଼ାପଡ଼ା ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ମୁକେଶ କୁମାର ରଥ ଓ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।

## ଯୁଦ୍ଧ ଆଶଙ୍କାରେ ବଢ଼ିଲା ଗ୍ୟାସ୍ ଚାହିଦା

# ଭୁବନରେ ଗ୍ରାହକଙ୍କ ଲମ୍ବା ଲାଇନ୍



ଭୁବନ,୧୨।୩(ନନ୍ଦ କିଶୋର ନାଏକ) : ବିଶ୍ୱରେ ଇରାନ, ଆମେରିକା, ଇଜରାଏଲ ଓ ଋଷ ଭଳି ଶକ୍ତିଶାଳୀ ଦେଶମାନଙ୍କ ମଧ୍ୟରେ ଚାଲିଥିବା ଟଣାଟଣି ଓ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ପ୍ରଭାବ ଭାରତରେ ମଧ୍ୟ ଅନୁଭବ ହେବାକୁ ଲାଗିଛି । ବିଶେଷ କରି ବିଦେଶରୁ ଆମଦାନୀ ହେଉଥିବା ପେଟ୍ରୋଲିୟମ୍ ଉତ୍ପାଦକୁ ନେଇ ସାଧାରଣ ଲୋକମାନଙ୍କ ମଧ୍ୟରେ ଏକ ପ୍ରକାର ଆଶଙ୍କା ସୃଷ୍ଟି ହୋଇଛି । ପେଟ୍ରୋଲ ଓ ରନ୍ଧନ ଗ୍ୟାସ୍ ଅଭାବ ହୋଇଯିବ ନାହିଁ ତ । ଏହି ଭୟରେ ଅନେକ ଲୋକ ପୂର୍ବରୁ ମହଜୁତ କରିବାକୁ ଆରମ୍ଭ କରିଥିବା ଦେଖିବାକୁ ମିଳୁଛି । ଏହାର ପ୍ରଭାବ ଢେଙ୍କାନାଳ ଜିଲ୍ଲାର ଭୁବନ ବିଜେପି ଅଞ୍ଚଳରେ ସ୍ପଷ୍ଟ ଭାବେ ପ୍ରକାଶ ପାଉଛି । ବିଗତ କିଛି ଦିନ ଧରି ଏଠାରେ ରନ୍ଧନ ଗ୍ୟାସ ଚାହିଦା ହଠାତ୍ ଦୁଇଗୁଣା ବଢ଼ିଯାଇଥିବା ସୂଚନା ମିଳିଛି । ଗ୍ୟାସ୍ ଏଜେନ୍ସୀ ସମ୍ମୁଖରେ ପ୍ରତିଦିନ ଗ୍ରାହକମାନେ ଲମ୍ବା ଲାଇନ୍ ଲଗାଇ ଅପେକ୍ଷା କରୁଛନ୍ତି । କିଛି ଗ୍ରାହକଙ୍କ କହିବା ଅନୁସାରେ, ମୋବାଇଲରେ ଡେଲିଭରୀ ମେସେଜ୍ ଆସୁଥିଲେ ମଧ୍ୟ ଘରକୁ ଗ୍ୟାସ୍ ସିଲିଣ୍ଡର ପହଞ୍ଚୁନାହିଁ । ଆଉ କିଛି ଲୋକ କହିଛନ୍ତି ଯେ, ୧୦ ଦିନରୁ ଅଧିକ ସମୟ ହେଲାଣି ବୁକିଂ କରିଥିଲେ ମଧ୍ୟ ସିଲିଣ୍ଡର ମିଳୁନାହିଁ । ତିକ୍ତ ଖରାରେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେଲେ ମଧ୍ୟ ସମସ୍ତଙ୍କୁ ଗ୍ୟାସ୍ ମିଳୁନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । ସରକାରଙ୍କ ପକ୍ଷରୁ ଦେଶରେ ପର୍ଯ୍ୟାପ୍ତ ପରିମାଣରେ ରନ୍ଧନ ଗ୍ୟାସ୍ ମହଜୁତ ଥିବା ଦାବି କରାଯାଉଥିବା ସତ୍ତ୍ୱେ ଏପରି ପରିସ୍ଥିତି ସୃଷ୍ଟି ହେବାକୁ ନେଇ ଗ୍ରାହକମାନେ ପ୍ରଶ୍ନ ଉଠାଉଛନ୍ତି । କେତେକ ଗ୍ରାହକଙ୍କ ମତରେ, ଏହାର ପଛରେ କଳା ବଜାର ଚାଲୁଥିବା ସନ୍ଦେହ ମଧ୍ୟ ରହିଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବା ସହିତ ସରକାର ସିଧାସଳଖ ହସ୍ତକ୍ଷେପ କରି ଗ୍ରାହକଙ୍କ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

# ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚର ସାଧାରଣସଭା ଅନୁଷ୍ଠିତ



ହିନ୍ଦୋଳ ୧୨/୩(ଅଜୟ କୁମାର ଭଞ୍ଜ ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ପ୍ରସିଦ୍ଧ ରଘୁନାଥ ଜିଉ ମନ୍ଦିର ପ୍ରାଙ୍ଗଣରେ ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସିଏଫ୍ଆର୍‌ର ସ୍ଥିତି ଅନୁଧ୍ୟାନ କରାଯିବା ସହ ଏହାର ଅଗ୍ରଗତି ନିମନ୍ତେ ଆଗାମୀ ଦିନରେ ବିଭାଗୀୟ ଅଧିକାରୀ ମାନଙ୍କୁ ସାକ୍ଷାତ କରିବାକୁ ନିଷ୍ପତ୍ତି ନିଆଗଲା । ଜଙ୍ଗଲରେ ନିଆଁ ନିବାରଣ ନିମନ୍ତେ ଲୋକଙ୍କୁ ସଚେତନ କରାଯିବା ପାଇଁ ବୈଠକରେ ଆଲୋଚନା କରାଗଲା । ଏବଂ ଜଙ୍ଗଲୀ ଜୀବଜନ୍ତୁ ଓ ମନୁଷ୍ୟ ମଧ୍ୟରେ ସହାବସ୍ଥାନ କରାଯିବା ନିମିତ୍ତ ନିଷ୍ପତ୍ତି ନିଆଗଲା । ହିନ୍ଦୋଳ ବନାଞ୍ଚଳ ରେଞ୍ଜର ତ୍ରିଲୋଚନ ଦେହୁରୀ ଉକ୍ତ ବୈଠକରେ ଉପସ୍ଥିତ ରହିବା ସହ ଏସବୁ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ମତପ୍ରକାଶ କଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଏଚଡ଼ି ଛାତ୍ର ରାକେଶ ରୋସନ ସାହୁ (ପରିବେଶ ବିଭାଗ) ଏହି ବୈଠକରେ ଯୋଗଦେଇ ପିଏଚଡ଼ି ଗବେଷଣାରେ ଆବଶ୍ୟକୀୟ ତଥ୍ୟ ଗୁଡ଼ିକ ପଚାରି ବୁଝିଥିଲେ । ପରିବେଶ ସୁରକ୍ଷା ମଞ୍ଚର ସଭାପତି ତ୍ରିନାଥ ବେହେରା, ମଞ୍ଚର ସଂପାଦକ ସୂର୍ଯ୍ୟନାରାୟଣ ସିଂହ, ବିଜୟ କୁମାର ଜେନା, ଦୀପକ କୁମାର ନାଏକ, ବିମଳ କୁମାର ବିଶ୍ୱାଳ, ସୁମନ୍ତ ବେହେରା, ପ୍ରଦ୍ୟୁମ୍ନ ବେହେରା, ଗୀତାଞ୍ଜଳୀ ସାହୁ, ଲତା ଦେହୁରୀ, ଏଫ୍ଇଏସ୍ ର କର୍ମୀ ଜଗନ୍ନାଥ ନାୟକ ଓ ଆନନ୍ଦବର୍ଦ୍ଧନ ଶତପଥୀଙ୍କ ସମେତ ମଞ୍ଚର ବିଭିନ୍ନ ଫେଡେରସନ୍‌ର ମୁଖ୍ୟମାନେ ଯୋଗଦେଇଥିଲେ ।

# ଜଙ୍ଗଲନିଆଁକୁ ରୋକିବାପାଇଁ ତତ୍ପର ଜିଲ୍ଲାପରିଷଦ ସଭ୍ୟ



କାମାକ୍ଷାନଗର,୧୨।୩(ସୁମନ୍ତ ଜେନା): ଦିନକୁ ଦିନ ଖରାର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଢେଙ୍କାନାଳ ବନଖଣ୍ଡର ମହାବିରୋଡ଼ ବନାଞ୍ଚଳ ରେ ଥିବା ଜଙ୍ଗଲ ଗୁଡିକରେ ନିଆଁ ଲାଗିବା ଆରମ୍ଭ ହୋଇଛି। ଯାହା ଫଳରେ ଜଙ୍ଗଲରେ ଥିବା ବହୁ ମୂଲ୍ୟବାନ ବୃକ୍ଷ ଠାରୁ ଆରମ୍ଭ କରି ଔଷଧୀୟ ବୃକ୍ଷ ପର୍ଯ୍ୟନ୍ତ ଜଳିପୋଡି ନଷ୍ଟ ହୋଇଯାଉଛି । ତେବେ ଜଙ୍ଗଲରେ ନିଆଁକୁ ଲିଭାଇବା ଓ ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି ମହାବିରୋଡ଼ ଏକ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ନବ କିଶୋର ସାହୁ। ମହାବିରୋଡ଼ ବନାଞ୍ଚଳ ଗତରେଇ ଗ୍ରାମ୍ୟ ଜଙ୍ଗଲ ରେ ନିଆଁ ଲାଗି ଜଙ୍ଗଲୀ ଜୀବ ଓ ସରୀସୃପ ବିପଦରେ ପଡ଼ିଥିବା ଓ ବହୁ ଔଷଧୀୟ ବୃକ୍ଷ ନଷ୍ଟ ହେଉଥିବା ଖବର ପାଇ ନବ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ପରିବେଶକୁ ସୁରକ୍ଷା ଯୋଗାଇଦିଅନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ନବ ଜଙ୍ଗଲ ନିଆଁକୁ ଲିଭାଇବା ସହ ବନବିଭାଗକୁ ଖବର ଦେଇ ବନାଗ୍ନିକୁ ନିୟନ୍ତ୍ରଣ କରିପାରୁଛନ୍ତି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୨ଗୁରୁତର



ଗଁଦିଆ,୧୨।୩ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା କପିଳାସ ଛକ ନିକଟରେ ଆଜି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ବସ୍ ଧକ୍କାରେ ଦୁଇଜଣ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଆଜି କପିଳାସ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଏବଂ ବୁଲେଟ୍ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍ ଆରୋହୀ ଦୁଇଜଣ ଛିଟିକି ପଡ଼ିଥିଲେ। ଆହତ ଦୁଇଜଣ ବ୍ୟକ୍ତି ହେଉଛନ୍ତି ଗଁଦିଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ଗ୍ରାମର ଶଶିକାନ୍ତ ସାମଲ (୪୫) ଏବଂ ଅମ୍ବୁଜ କବି (୪୦)। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସେପଟେ ଯାତ୍ରୀବାହୀ ବସ୍ କୈଣସି ସୂଚନା ମିଳିନଥିବା ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଦୁଃଖ ପରିବେଶ ସୃଷ୍ଟି ହୋଇଛି। ସଡ଼କରେ ଗାଡ଼ି ଚଲାଇବା ବେଳେ ସତର୍କ ରୁହନ୍ତୁ। ଦ୍ରୁତ ଗତି ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ସଡକରେ ସୁରକ୍ଷିତ ଯାତ୍ରା ଆମ ଜୀବନ ରକ୍ଷା ନିମନ୍ତେ ସଚେତନତା ଆବଶ୍ୟକ

# ଜନ ମଙ୍ଗଳ କାର୍ଯ୍ୟରେ ବ୍ରତୀ ଯୁବ ଭେଷଜ ବିଜ୍ଞାନୀ

କଟକ,୧୨।୩(ଅକ୍ଷର ଓଡ଼ିଶା): ସମାଜସେବା କଥା ଆସିଲେ ଆମର ପୂଜ୍ୟାପଦ ଗୋପବନ୍ଧୁ,ମଧୁବାବୁ ଆଦି ବରେଣ୍ୟଙ୍କ କଥା ସ୍ମରଣ ହୁଏ । କଥାରେ ଅଛି ରୋଗ ନିବାରଣ ଅପେକ୍ଷା ରୋଗ ନିରାକରଣ ସର୍ବାଦୌ ସ୍ପୃହନୀୟ । ଏହି ସେବା ମନୋଭାବ ସହ ଜନ ସଚେତନତାର ମହନୀୟ ବାର୍ତ୍ତା ନେଇ ଚାରି ଯୁବ ଭେଷଜ ବିଜ୍ଞାନୀ ଗବେଷକ ଶିକ୍ଷାଲାଭ ପରେ ଲୋକଙ୍କ ସେବାରେ ବ୍ରତୀ ହୋଇ ଯୁବ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି । ସିନାପ୍ସି ମଲ୍ଟିଡିସିପ୍ଲିନାରୀ ରିହାବ ସେଣ୍ଟରର ଭେଷଜ ବିଜ୍ଞାନୀ ହେଲେ ଡାକ୍ତର ରାକେଶ କୁମାର ସାହୁ,ଡାକ୍ତର ଆଶିଷ ସେଠୀ,ଡାକ୍ତର ଆକାଶ ସ୍ୱାଇଁ ଓ ଡାକ୍ତର କାଜଲ ସିଂହ ପ୍ରମୁଖ । ବିଭିନ୍ନ ଅଂଚଳରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଏବଂ ସଚେତନତା ଶିବିର ଆୟୋଜନ କରି ଫିଜିଓ ଥେରାପି,ହିୟରିଂ ଏଡ୍ ସେବା ଏବଂ ଟ୍ରାୟାଲ୍,ଶ୍ରବଣ ଯାଞ୍ଚ ଏବଂ ଅଟିଜମ୍ ସଚେତନତା ପ୍ରଦାନ,ବୃଦ୍ଧବୃଦ୍ଧା ବର୍ଗଙ୍କୁ ଆଣ୍ଠୁ ଗଣ୍ଠି,ଅଣ୍ଟା ଓ ଗଳା ରୋଗ ଉପରେ ଚିକିତ୍ସା ପ୍ରଦାନ,ଶିଶୁମାନଙ୍କ ସ୍ପିଚ ତଥା ଭାଷା ବିକାଶ ସମ୍ବନ୍ଧୀୟ ମୂଲ୍ୟାୟନ ପାଇଥିଲେ ଏବଂ ଅଟିଜିମ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଅଭିଭାବକମାନେ ନୂଆ ଦିଗଦର୍ଶନ ପାଇଛନ୍ତି । ଏହି ଯୁବ ଥେରାପିଷ୍ଟ ମାନଙ୍କ ଜନ ମଙ୍ଗଳ କାର୍ଯ୍ୟକୁ କଟକ ସଦର ପ୍ରତିଭା ବିକାଶ ପ୍ରତିଷ୍ଠାନ,ନେତାଜୀ ପରିଷଦ ବରାଳ ୪୨ ମୌଜା କଟକ ସଦର ଓଡ଼ିଶା ରାଷ୍ଟ୍ରବଦୀ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ରାଜରାସ୍ତାରେ ଆମିଷ ବେପାରକୁ ନେଇ ଲୋକେ ଅତିଷ୍ଠ




କାମାକ୍ଷାନଗର,୧୨।୩ (ସୁମନ୍ତ ଜେନା): କାମାକ୍ଷାନଗର ସହର ସାରା ଆମିଷ ଗନ୍ଧା ଯିଏ ଯେଉଁଠି ପାରିଲା ଦିନ ଦେଖି ବେପାର କଲା। ଆମିଷ ବର୍ଜ୍ୟବସ୍ତୁକୁ ଏଣେତେଣେ ପକାଇବା ଓ ଆମିଷ ପାଣି ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଗନ୍ଧରେ ନାକ ଫାଟି ପଡୁଛି। ପ୍ରମୁଖ ରାସ୍ତା ଉପରେ, ମେଡିକାଲ ପାର୍ଶ୍ୱରେ, ଉପଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପାଖରେ ମାଛ ବେପାର ଚାଲିଛି। ଏଥିପ୍ରତି ପ୍ରଶାସନର ନିଘା ନାହିଁ। କାମାକ୍ଷାନଗର ଏନ୍ଏସି ଅନ୍ତର୍ଗତ ଉପଖଣ୍ଡ ମେଡିକାଲ ମୁଖ୍ୟ ଗେଟ୍ ନିକଟ ପାଚେରି କଡ଼ରେ ପ୍ରତି ରବିବାର, ଶୁକ୍ରବାର ଓ ବୁଧବାର ମାଛ ବେପାରୀ ଆସି ପସରା ମେଲାଉଛନ୍ତି। ମାଛ କିଣିବାକୁ ଲୋକମାନେ ଭିଡ଼ ଜମାଉଥିବା ବେଳେ ରାସ୍ତା କଡ଼ରେ ଗାଡ଼ିମଟର ରଖିବା ଯୋଗୁଁ ରାସ୍ତା ଜାମ୍ ପରିସ୍ଥିତି ଉପୁଜୁଛି ମେଡିକାଲ ଅଞ୍ଚଳରେ ମଧ୍ୟ ଖୁଲମଖୋଲା ବେପାର ଚାଲିଛି। ଫଳରେ ଅନେକ ସମୟରେ ମେଡିକାଲ ଆସୁଥିବା ରୋଗୀ ହଇରାଣ ହେଉଛନ୍ତି। ଖାଲି ସେତିକି ନୁହଁ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ମଧ୍ୟ ସେହି ନିକଟରେ ରହିଛି। ଏହି ରାସ୍ତାଦେଇ କାମାକ୍ଷାନଗର ମହାବିଦ୍ୟାଳୟଠାରୁ ଆରମ୍ଭକରି ଯନ୍ତାରୀବୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜିଲ୍ଲା ଦକ୍ଷତା ବିକାଶ ଶିକ୍ଷାକେନ୍ଦ୍ର ସହ ଆହୁରି ଅନେକ ସରକାରୀ କାର୍ଯ୍ୟାଳୟ ଥିବାବେଳେ ରାସ୍ତାରେ ଯାଉଥିବା ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହା ଉପରେ ଅଙ୍କୁଶ ନଲଗାଇବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ମାଛ ବ୍ୟବସାୟ ପାଇଁ ସ୍ୱତନ୍ତ୍ର ମାଛ ଦୋକାନ ଥିବାବେଳେ ଅଧିକ ବିକ୍ରି ଆଶାରେ ମେଡିକାଲ ନିକଟରେ ବେପାର ଚାଲୁଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏହା ଉପରେ ଏଏସି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାୟକ କହିଛନ୍ତି।

## ଜଙ୍ଗଲ ଅଗ୍ନିକାଣ୍ଡ ପ୍ରତିରୋଧ ନେଇ ସାମ୍ବାଦିକ ସମ୍ମିଳନୀ

ପାରଳାଖେମୁଣ୍ଡି,୧୨।୩(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଥିବା ବନଖଣ୍ଡ ଅଧିକାରୀ (ଡ଼ିଏଫଓ ) ଙ୍କ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ମଧ୍ୟରେ ଅଗ୍ନିକାଣ୍ଡ ହେଲେ ତାହାର ପ୍ରତିରୋଧ ଓ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟ ଯୋଜନାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛିଓ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ ନାଗାରାଜୁ ଯୋଗଦେଇ ଜଙ୍ଗଲ ଅଗ୍ନିକାଣ୍ଡ ପ୍ରତିରୋଧ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ବର୍ତ୍ତମାନ ସୁଦ୍ଧା ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ମୋଟ ୫୯୬ ଗୋଟି ଜଙ୍ଗଲ ନିକଟସ୍ଥ ଗ୍ରାମ ଗୁଡିକରେ ଅଗ୍ନି ପ୍ରତିରୋଧ ସଚେତନତା ବୈଠକ ଆୟୋଜିତ କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ଏଥିସହ ଗଜପତି ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ଦେଖା ଦେଇଥିବା ଅଗ୍ନିକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ଜଙ୍ଗଲ ନିଆଁକୁ ପ୍ରତିରୋଧ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏସିଏଫ ସାଇନି ଶ୍ରୀ ଦାସ, ଦେବଗିରି ରେଞ୍ଜ ଅଧିକାରୀ ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମନରେଗା ଯୋଜନାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ




ବେଗୁନିଆପଡା,୧୨।୩ (ସିପ୍ରା ପଟ୍ଟନାୟକ): ବେଗୁନିଆପଡା ବ୍ଲକ୍‌ରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ସମଗ୍ର ଶିକ୍ଷା ଯୋଜନାର ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ତା- ୦୧/୦୪/୨୦୨ ୫ ରିଖ ଠାରୁ ତା- ୩୦ /୦୯/୨୦୨ ୫ ରିଖ ମଧ୍ୟରେ ହୋଇଥିବା କାର୍ଯ୍ୟ ଗୁଡିକର ଜନ ଶୁଣାଣୀ ହୋଇଥିଲା । ୧୬୭୬ ଟି ପ୍ରକଳ୍ପ କରିବା ପାଇଁ ହାତକୁ ନିଆଯାଇଥିବା ବେଳେ ୭୯୨ ଟି ପ୍ରକଳ୍ପ ଶେଷ ହୋଇଛି । ଏଥି ମଧ୍ୟରୁ ୩୩୭ ଜଣଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆ ଯାଇଛି। କେତେକ ବିଦ୍ୟାଳୟ ରେ ବାଉଣ୍ଡେରୀ ୱାଲ, ଖେଳ ପଡିଆ, ପାଇଖାନା ଓ ଅତିରିକ୍ତ ଶ୍ରେଣୀ ଗୃହ ନ ଥିବା ଆଲୋଚନା ହୋଇଥିବା ବେଳେ କେତେକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ଛାତ୍ରଛାତ୍ରୀଙ୍କୁ ପୋଷାକ ନିମ୍ନ ମାନର ପ୍ରଦାନ କରାଯାଉଥିବା ଜନପ୍ରତିନିଧି ଅଭିଯୋଗ କରିଥିଲେ । ଅନେକ ଯୋଜନାରେ ପ୍ରକଳ୍ପ ମଞ୍ଜୁରୀ ହୋଇଥିଲେ ମଧ୍ୟ କାମ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା । ମୃତ୍ତିକା ସଂରକ୍ଷଣ ଓ ଜଙ୍ଗଲ ବିଭାଗ ରେ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଥିଲା । ବ୍ଲକ ଓ ପଂଚାୟତର ଉନ୍ନୟନ କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀ ମାନେ ସହଯୋଗ କରୁନଥିବା ଅଭିଯୋଗ କରିଥିଲେ। ଏଥିରେ ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରା , ବିଡିଓ ଦିବ୍ୟରଞ୍ଜନ ବିଶ୍ୱାଳ , ଏ ବିଡି ଓ ନିରଞ୍ଜନ ବେହେରା, ବିଇ ଓ ରୁଦ୍ର ନାରାୟଣ ସାହୁ, ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ନାଥ ମଲାଣି,ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, ବ୍ଲକ ସାମାଜିକ ସମୀକ୍ଷକ ରାଜେନ୍ଦ୍ର କୁମାର ସାହୁ,ଏ ପି ଓ ରଞ୍ଜନ କୁମାର ନାହାକ ,ସରପଞ୍ଚ,ସମିତିସଭ୍ୟ, କନିଷ୍ଠ ଯନ୍ତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ, ପି ଇ ଓ,ଏ ଡି ଇ ଓ , ଭି ଆର ପି ମାନେ ଉପସ୍ଥିତ ଥିଲେ।

# ମଦ ଭାଟି ପାଲଟିଛି କୁଟୀର ଶିଳ୍ପ

ବୁଗୁଡ଼ା, ୧୨।୩ (ଅକ୍ଷର ଓଡ଼ିଶା): ବୁଗୁଡା ଥାନା ଅଞ୍ଚଳରେ ଦେଶୀ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଚୋରା ମଦ କାରବାରକୁ ରୋକିବା ପାଇଁ ସରକାର ବଦ୍ଧପରିକର ବୋଲି କୁହାଯାଉଥିବା ବେଳେ ବୁଗୁଡ଼ା ଅଞ୍ଚଳରେ କେବଳ ଉପର ଠାଉରିଆ ଭାବେ କାଁ ଭାଁ ଧରାଯାଉଥିବା ବେଳେ ଚୋରା ମଦ ଭାଟି ଏଥିରୁ ବାଦ ପଡୁଛି । ଫଳରେ ସହର ତଳି ଅଞ୍ଚଳ ଓ ଗାଁ ଗହଳିରେ ଏବେ ଚୋରା ମଦ ଭାଟି କୁଟୀର ଶିଳ୍ପ ପାଲଟିଛି ଆଉ ସେଥିରେ ଉବୁଟୁବୁ ହେଉଛନ୍ତି ମଦୁଆ । ସହରାଞ୍ଚଳରେ ବିଭିନ୍ନ ଦୋକାନରେ ଖୁଲମଖୁଲା ମଦ ବେପାର ଚାଲୁଥିବା ବେଳେ ଗ୍ରାମାଞ୍ଚଳ ମଧ୍ୟ ଏଥିରୁ ବାଦ ପଡିନି । ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦୁଇଚକିଆ ଯାନରେ ବ୍ୟାଗ ଭିତରେ ଶହ ଶହ ଦେଶୀ ମଦ ପୁଡିଆ ଧରି ପହଞ୍ଚି ଯାଉଛନ୍ତି ଚୋରା ମଦ ବେପାରୀ । ଚଢା ଦରରେ ମଦ ପୁଡିଆ ବିକି ଚୋରା ବେପାରୀ ମାଲାମାଲ୍ ହେଉଥିବା ବେଳେ ଗାଁ ଗାଁରେ ମଦୁଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଚୋରାମଦ ବେପାରୀଙ୍କର ମାସିକିଆ ବଟି ଅବକାରୀ ଓ ପୋଲିସ ପାଇଁ ନିଦ ବଟିକା ଭଳି କାମ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଅନ୍ୟପକ୍ଷରେ ଚୋରା ମଦ ପିଇ କେତେବେଳେ ଯେ କାହାର ଜୀବନ ଚାଲିଯିବ ସେନେଇ ଆଶଙ୍କା ଦେଖା ଦେଇଛି । ତେବେ ପୂର୍ବରୁ ଗଞ୍ଜାମ ଜିଲ୍ଲାର ଚିକିଟି ଓ ଦିଗପହଣ୍ଡିରେ ମଦମୃତ୍ୟୁ ଅଭିଯୋଗର ଦୃଷ୍ଟାନ୍ତ ରହିଥିବା ବେଳେ ବୁଗୁଡ଼ା ପୋଲିସ ଓ ଅବକାରୀ ବିଭାଗ କେବେ ଚେତିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ନଦେଲେ ବୁଗୁଡ଼ା ଅଞ୍ଚଳରେ ମଧ୍ୟ ମଦ ମୃତ୍ୟୁ ଆଶଙ୍କା ବାସ୍ତବ ରୂପ ନେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ବିପୁଳ ଦେଶୀ ମଦ ସହ ୨ ଗିରଫ



ଗଁଦିଆ,୧୨।୩ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ୟୁନିଟ୍ ସମେତ ଗଁଦିଆ ଅବକାରୀ ଥାନା ପକ୍ଷରୁ ମୋବାଇଲ ୟୁନିଟ ଇନଚାର୍ଜ ସୁନିତା କେର୍କେଟାଙ୍କ ସହ ଅନ୍ୟ କର୍ମଚାରୀମାନଙ୍କ ଏକ ମିଳିତ ଚଢ଼ାଉ କରାଯାଇ ଦୁଇ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଦେଶୀ ମଦ ସହ ଏକ ମୋଟର ସାଇକେଲ ଜବତ୍ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମଦାର ପେଟ୍ରୋଲ ପମ୍ପ ନିକଟରେ ଅବକାରୀ ବିଭାଗ ଚଢ଼ାଉ କରି ଭୁବନ ଅଞ୍ଚଳର ଏକତାଳି ଗ୍ରାମର ବାପିନ ରାଉତ (୩୨)ଙ୍କୁ କାବୁ କରିଥିଲେ। ତାଙ୍କ ପାଖରୁ ୨୩ ଲିଟର ଦେଶୀ ମଦ ଜବତ୍ ହେବା ସହ ଏକ ହୋଣ୍ଡା ୟୁନିକର୍ଣ୍ଣ ବାଇକ୍ (OD ୦୬ ଗ ୪୦୪୫) କୁ ବିଭାଗୀୟ ଅଧିକାରୀମାନେ ଜବତ୍ କରିଛନ୍ତି। ଏହି ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ-୩୦୭/୨୦୨୫-୨୬) ରୁଜୁ କରାଯାଇଛି। ସେହିପରି ଅନ୍ୟ ଏକ ଚଢ଼ାଉରେ ଏକତାଳି ଗ୍ରାମର ଟଙ୍କଧର ରାଉତଙ୍କ ପାଖରୁ ୨୦ ଲିଟର ଚୋରା ମଦ ଜବତ୍ କରାଯାଇଛି। ତାଙ୍କ ବିରୋଧରେ ମଧ୍ୟ ମାମଲା (ନଂ-୩୦୮/୨୦୨୫-୨୬) ରୁଜୁ କରି ତଦନ୍ତ ଜାରି ରଖିଛି ବିଭାଗ। ଗିରଫ ଉଭୟ ବ୍ୟକ୍ତି ବୃତ୍ତିଗତ ଭାବେ ମଦ ବ୍ୟବସାୟରେ ସଂପୃକ୍ତ ଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।ତେବେ ଗଁଦିଆ ର ବିଭିନ୍ନ ଗ୍ରାମାଞ୍ଚଳରେ ଚୋରା ମଦ ଓ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଏହି ଚଢ଼ାଉକୁ ନେଇ ସ୍ଥାନୀୟ ଅଞ୍ଚଳରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଚୋରା ମଦ ଯୋଗୁଁ ଅନେକ ସମୟରେ ଅପ୍ରୀତିକର ଘଟଣା ଘଟୁଥିବାରୁ, ବିଭାଗ ଆଗକୁ ଏହି ଅଭିଯାନକୁ ଆହୁରି କଡ଼ାକଡ଼ି କରିବାକୁ ଅଣ୍ଟା ଭିଡ଼ିଛି।

# ୧ ଲକ୍ଷରୁ ଅଧିକ ଲୋକଙ୍କୁ ଯୋଡ଼ିଲା ଐତିହାସିକ 'ନ୍ୟାୟ ସଂହିତା'

ଭୁବନେଶ୍ୱର, ୧୨।୩ ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ସପ୍ତାହବ୍ୟାପୀ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ଆଜି ସଫଳତାର ସହ ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱରର UnitIIIର ଇଡକୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଏହି ପ୍ରଦର୍ଶନୀରେ ୧ ଲକ୍ଷରୁ ଅଧିକ ଲୋକ ଯୋଡ଼ି ହୋଇଥିଲେ। ଏହି ସମ୍ମିଳନୀ ବୃହତ୍ତର ଭାବେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ଓ କମ୍ୟୁନିଟି ପୋଲିସିଂରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନା କରିସାରିଛି। ପ୍ରଦର୍ଶନୀର ଶେଷ ଦିନରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡାକ୍ତର ମନୋଜ କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର, ଶ୍ରମ ଓ ESI ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରା ଅରୁମୁଗମ, ଏବଂ ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଶେଷଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ RPF, CISF I CRPFe କର୍ମଚାରୀ ଓ ତାଙ୍କ ପରିବାରସଦସ୍ୟମାନେ ଯୋଗଦେଇ ଭାରତର ନୂତନ ନ୍ୟାୟ ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ,ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଦୁଇ ଦିନ ସମୟ ବଢ଼ାଯାଇଥିବା ଏହି ପ୍ରଦର୍ଶନୀ ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତାକୁ ସାଧାରଣ ଲୋକଙ୍କ ମଧ୍ୟରେ ସରଳ ଭାବରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ଆଇନ ୧ ଜୁଲାଇ ୨୦୨୪ ଠାରୁ ଔପନିବେଶିକ ଯୁଗର ପୁରୁଣା ଆଇନକୁ ପରିବର୍ତ୍ତନ କରି ଏକ ଅଧିକ ପାରଦର୍ଶୀ, କାର୍ଯ୍ୟକୁଶଳ ଓ ନାଗରିକମୁଖୀ ନ୍ୟାୟ ବ୍ୟବସ୍ଥା ଗଢ଼ି ତୋଳିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟି ଦ୍ୱାରା ପରିକଳ୍ପିତ ଏହି ପ୍ରଦର୍ଶନୀକୁ "Journey of Justice" ଭାବେ ଗଢ଼ାଯାଇଥିଲା। ପରମ୍ପରାଗତ ବ୍ୟାଖ୍ୟା ପରିବର୍ତ୍ତେ ଏଠାରେ ଏକ ଅନୁଭୂତିମୂଳକ ପ୍ରଦର୍ଶନୀ ତିଆରି କରାଯାଇଥିଲା। ଦର୍ଶକମାନେ ପ୍ରଥମେ ଏକ ବାସ୍ତବସଦୃଶ ଉତ୍କ୍ରସଙ୍କର ଝମରଭର ପାଭିଲିଅନ୍‌ରୁ ଯାତ୍ରା ଆରମ୍ଭ କରିଥିଲେ, ଯେଉଁଠାରେ ଫରେନ୍ସିକ୍ ଏକ୍ସପର୍ଟମାନେ ପ୍ରମାଣ ସଂଗ୍ରହର "Golden Hour" ବିଷୟରେ ପ୍ରଦର୍ଶନ କରିଥିଲେ। ତାପରେ ଏହି ଯାତ୍ରା Police Control Room ମାଧ୍ୟମରେ ଆଗକୁ ବଢ଼ିଥିଲା, ଯେଉଁଠାରେ Dial-୧୧୨ ହେଲ୍ପଲାଇନ୍ ଓ ଏଚଓ-ସମର୍ଥିତ ପୋଲିସ୍ ଡିସ୍ପାଚ୍ ପ୍ରଣାଳୀ ପ୍ରଦର୍ଶିତ ହୋଇଥିଲା। Police Station ଅଂଶରେ ତରକ୍କ୍ଟ ରିଓଜ ନିବନ୍ଧନ ଓ ଡିଜିଟାଲ୍ କେସ୍ ମ୍ୟାନେଜମେଣ୍ଟ ଭଳି ଆଧୁନିକ ପ୍ରଣାଳୀ ବିଷୟରେ ଜଣାଯାଇଥିଲା। ପରେ Hospital I Forensic Laboratory ପାଭିଲିଅନ୍‌ରେ ବୈଜ୍ଞାନିକ ଓ ପ୍ରମାଣଭିତ୍ତିକ ତଦନ୍ତ ପ୍ରଣାଳୀ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଦର୍ଶକମାନେ ଏକ ଜିଲ୍ଲା କୋର୍ଟ ଓ ଉଚ୍ଚ ନ୍ୟାୟାଳୟ ପରିବେଶରେ ମାମଲା ଶୁଣାଣି ଓ ଅପିଲ୍ ପ୍ରକ୍ରିୟାକୁ ନିକଟରୁ ଦେଖିଥିଲେ। ଶେଷରେ ରେ ନୂତନ ଆଇନର ସୁଧାରମୂଳକ ପ୍ରୟାସଯଥା କଏଦୀମାନଙ୍କ ପାଇଁ ବୃତ୍ତିମୂଳକ ପ୍ରଶିକ୍ଷଣ ଓ ସମାଜରେ ପୁନର୍ବାସଉପସ୍ଥାପିତ ହୋଇଥିଲା। ନ୍ୟାୟ ପ୍ରକ୍ରିୟା ବ୍ୟତୀତ ପ୍ରଦର୍ଶନୀରେ ଓଡ଼ିଶା ପୋଲିସର ବିଭିନ୍ନ କ୍ଷମତାକୁ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। Special Operations Group (SOG) I Odisha Disaster Rapid Action Force (ODRAF) ର ପ୍ରଦର୍ଶନ ପରେ ଦର୍ଶକମାନେ ପୋଲିସର Carrier Pigeon Service ବିଷୟରେ ଜାଣିଥିଲେଯାହା ବିଶ୍ୱରେ ଏକମାତ୍ର କାର୍ଯ୍ୟରତ ସେବା ଭାବେ ପରିଚିତ। ଏହା ସହ Modern Communication Stall (ERSS) ରେ ସାଟେଲାଇଟ୍ ଯୋଗାଯୋଗ ବ୍ୟବସ୍ଥା, ଏନ୍କ୍ରିପ୍ଟେଡ୍ ଡିଜିଟାଲ୍ ରେଡିଓ ନେଟଓ୍ୱର୍କ ଓ CCTNS ସଂଯୁକ୍ତ ପ୍ରଣାଳୀ ପ୍ରଦର୍ଶନ କରାଯାଇଥିଲା। ପ୍ରଦର୍ଶନୀରେ ସମାଜର ପ୍ରାୟ ସମସ୍ତ ବର୍ଗର ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ନ୍ୟାୟାଧୀଶ, ବରିଷ୍ଠ ପ୍ରଶାସକ, ଆଇନଜୀବୀ, ଶିକ୍ଷାବିତ ଓ ଯୁବ ପ୍ରତିନିଧିମାନଙ୍କ ସହ ଶ୍ରମିକ, ଆଶା ଓ ଅଙ୍ଗନବାଡି କର୍ମୀ ଓ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟମାନେ ମଧ୍ୟ ଯୋଗଦେଇଥିଲେ। ଚଳଚ୍ଚିତ୍ର ଜଗତର ବ୍ୟକ୍ତିତ୍ୱ, ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର୍ ଓ ମିଡିଆ ପେଶାଦାରମାନଙ୍କ ଉପସ୍ଥିତି ଏହି ବାର୍ତ୍ତାକୁ ଆହୁରି ବ୍ୟାପକ କରିଥିଲା। ଜଟିଳ ଆଇନ ଭାଷାକୁ ସାଧାରଣ ଲୋକଙ୍କ ପାଇଁ ସହଜ କରିବା ପାଇଁ ପ୍ରତିଦିନ ଓଡ଼ିଆ ନାଟକୀୟ ଅଭିନୟ ମାଧ୍ୟମରେ ନ୍ୟାୟ ସଂହିତାର ବିଭିନ୍ନ ପ୍ରାବଧାନକୁ ଉପସ୍ଥାପନ କରାଯାଇଥିଲା। ସମ୍ପୂର୍ଣ୍ଣ ପ୍ରଦର୍ଶନୀଟି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ପରିଚାଳନାରେ ସୁଚାରୁ ଭାବେ ଆୟୋଜିତ ହୋଇଥିଲା। ସପ୍ତାହବ୍ୟାପି ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ପୂର୍ବତନ IPS ଅଧିକାରୀ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଆଲୋଚନା କରିଥିଲେ। ଗତ ବର୍ଷରେ ତରକ୍କ୍ଟ ରିଓଜ କ୍ଷେତ୍ରରେ ୧୬୬% ବୃଦ୍ଧି ଓ ଦଣ୍ଡାଦେଶ ହାର ୮୭.୬% କୁ ପହଞ୍ଚିଥିବା ପରିପ୍ରେକ୍ଷୀରେ, ଏହି ପ୍ରଦର୍ଶନୀ ଜନସାଧାରଣ ମଧ୍ୟରେ ବିଶ୍ୱାସ ଓ ସଚେତନତା ବଢ଼ାଇବାରେ ଏକ ଶକ୍ତିଶାଳୀ ଉଦ୍ୟମ ଭାବେ ପ୍ରମାଣିତ ହୋଇଛି। ଏହା ଓଡ଼ିଶା ପୋଲିସର ପାରଦର୍ଶୀ, କାର୍ଯ୍ୟକୁଶଳ ଓ ଲୋକାଭିମୁଖୀ ନ୍ୟାୟ ବ୍ୟବସ୍ଥା ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି ଏବଂ "ବିକଶିତ ଓଡ଼ିଶା" ଗଢ଼ିବାରେ ଲୋକଙ୍କ ସହ ଭାଗୀଦାର ହେବାର ସଙ୍କଳ୍ପକୁ ଦୃଢ଼ କରୁଛି।




ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ବିକଶିତ ଭାରତ ପାଇଁ 'ଶାନ୍ତି'ର ଦୃଷ୍ଟିଭଙ୍ଗୀ

ପ୍ରତିବର୍ଷ ମୌସୁମୀ ଯେତେବେଳେ ପ୍ରଥମେ ଦାକ୍ଷିଣାତ୍ୟର ସ୍ଥଳଭାଗ ଛୁଇଁଥାଏ, ଲକ୍ଷ ଲକ୍ଷ କ୍ଷୁଦ୍ର ଝରଣା ଓ ଜଳଧାର ନିଜକୁ ନଦୀରେ ପରିଣତ କରିଦେଇଥାଆନ୍ତି । ଏହା ଏକ ବଜ୍ରପାତ ନୁହେଁ ଯାହା ଜଳକୁ ଶକ୍ତିରେ ରୂପାନ୍ତରୀତ କରିଥାଏ ବରଂ ଏହା ଏକ ଧୈର୍ଯ୍ୟପୂର୍ଣ୍ଣ ସଂଯୋଗ ଜଳଧାରରୁ ଜଳଧାର, ଗାଆଁରୁ ଗାଆଁ ଯେ ପର୍ଯ୍ୟନ୍ତ ଏହି ପ୍ରବାହ ଏକ ସହରକୁ ଆଲୋକିତ କରିବା ନିମନ୍ତେ ଯଥେଷ୍ଟ ଆତ୍ମବିଶ୍ୱାସୀ ହୋଇ ନଥାଏ । ପରମାଣୁ ଶକ୍ତି ସହିତ ଭାରତର ଯାତ୍ରା ଏପରି ଏକ ଅନୁଭବରେ ପରିଣତ ହୋଇଛି: ଦଶନ୍ଧି ଦଶନ୍ଧି ଧରି ବିଜ୍ଞାନର ନୀରବ ପଥଗୁଡ଼ିକ ଏକତ୍ରିତ ହୋଇଚାଲିଛି ଏବଂ ବର୍ତ୍ତମାନ ରାତି ଅଧରେ ସୁଦ୍ଧା ଗୋଟିଏ ଡାଟା ସେଣ୍ଟରକୁ ଶକ୍ତି ପ୍ରଦାନ କରିବା, ଅପରାହ୍ନରେ ଖାଦ୍ୟକୁ ଜୀବାଣୁମୁକ୍ତ କରିବା ଏବଂ ସନ୍ଧ୍ୟା ସୁଦ୍ଧା ଜଣେ ଡାକ୍ତରଙ୍କୁ ଏକ ଶିଶୁକୁ ବଞ୍ଚାଇବାରେ ସାହାଯ୍ୟ କରିବା ନିମନ୍ତେ ଯଥେଷ୍ଟ ଶକ୍ତିଶାଳୀ ପ୍ରବାହ ଭାବରେ ଏକତ୍ରିତ ହେଉଛି ।

'ଶାନ୍ତି' ବିଲ୍ - ଟ୍ରାନ୍ସଫର୍ମିଂ ଇଣ୍ଡିଆ ବିଲ୍, ୨୦୨୫ର ପ୍ରଚଳନ ସହିତ ଆମେ ଆମର ନଦୀଶଯ୍ୟାକୁ ଏପରି ଆକାର ଦେଉଛୁ ଯେ ଏହି ପ୍ରବାହ ପ୍ରତ୍ୟେକ ଘର, ଶିଳ୍ପ ଏବଂ ପ୍ରତିଷ୍ଠାନରେ ପହଞ୍ଚିବ, ଯାହାକୁ ନିର୍ଭରଯୋଗ୍ୟ, ସ୍ୱଚ୍ଛ ଶକ୍ତି ଏବଂ ଜୀବନବର୍ଦ୍ଧକ ପ୍ରୟୋଗରେ ପରିଣତ କରାଯିବା ଆବଶ୍ୟକ । ଏହି ମୁହୂର୍ତ୍ତ କାହିଁକି ଗୁରୁତ୍ୱପୂର୍ଣ୍ଣ ତାହା ବୁଝିବା ପାଇଁ, ଆମକୁ ଏଭଳି ପ୍ରସଙ୍ଗ ସହିତ ଆଲୋଚନା ଆରମ୍ଭ କରିବାକୁ ପଡିବ । ୨୦୧୪ ମସିହା ପୂର୍ବରୁ, ଭାରତର ପରମାଣୁ ଢାଞ୍ଚା ଦୁଇଟି ପୃଥକ ଆଇନ ଭାବରେ ପ୍ରତିଷ୍ଠିତ ଥିଲା: ପରମାଣୁ ଶକ୍ତି ଆଇନ, ୧୯୬୨ ଯାହା ବିକାଶ ଏବଂ ନିୟନ୍ତ୍ରଣକୁ ମାର୍ଗଦର୍ଶନ କରୁଥିଲା ଏବଂ ପରମାଣୁ କ୍ଷତି ପାଇଁ ନାଗରିକ ଦାୟିତ୍ୱ ଆଇନ ୨୦୧୦, ଯାହା କୌଣସି ଦୋଷ ନଥିବା କ୍ଷତିପୂରଣ ବ୍ୟବସ୍ଥା ପ୍ରଦାନ କରିଥିଲା । ପ୍ରତ୍ୟେକ ଆଇନ ନିଜର ସମୟ ଅତିକ୍ରମ କରି ପ୍ରତ୍ୟେକ ଆଇନ ଏକ ଯୁଗକୁ ମଧ୍ୟ ପ୍ରତିଫଳିତ କରିଥିଲା ଯେତେବେଳେ ପରମାଣୁ କ୍ଷମତା ମୁଖ୍ୟତଃ ଏକ ସାର୍ବଭୌମ ପ୍ରୟାସ ଥିଲା । ବ୍ୟାପକ ଇକୋସିଷ୍ଟମ ଉତ୍ପାଦନ, ଆର୍ଥିକ, ବୀମା, ଷ୍ଟାର୍ଟ ଅପ୍ ଏବଂ ଉନ୍ନତ ଗବେଷଣା - ଅଂଶଗ୍ରହଣ କରିବା ପାଇଁ ଖୁବ୍ ସୀମିତ ସୁଯୋଗ ଥିଲା । ଶାନ୍ତି ଏହି ଧାରାଗୁଡ଼ିକୁ ଏକତ୍ରିତ କରି, ଉଭୟ ଆଇନକୁ ବାତିଲ କରି ଏକ ଆଧୁନିକ ଢାଞ୍ଚା ସହିତ ବଦଳାଇ-ଗୋଟିଏ ଥରରେ ଆମର ନିୟାମକ, ପରମାଣୁ ଶକ୍ତି ନିୟାମକ ବୋର୍ଡ (ଏଇଆରବି) କୁ ସାମ୍ବିଧାନିକ କ୍ଷମତା ପ୍ରଦାନ କରି, ସ୍ୱଷ୍ଟତା ସହିତ ଭୂମିକା ଏବଂ ଦାୟିତ୍ୱକୁ ପରିଭାଷିତ କରିବା ଏବଂ ସରକାରଙ୍କ ପାଇଁ ସମ୍ବେଦନଶୀଳ କାର୍ଯ୍ୟଗୁଡିକୁ ସଂରକ୍ଷଣ କରି ସରକାରୀ ଘରୋଇ ଅଂଶଗ୍ରହଣ ପାଇଁ ଦାୟୀ କରିବାର ମାର୍ଗ ଉନ୍ମୋଚନ କରିଥିଲା ।

ତୁଳନାତ୍ମକ ଅଧ୍ୟୟନ ଆମକୁ ଦର୍ଶାଏ ଯେ, ଏହି ନଦୀ କେତେ ଦୂର ପର୍ଯ୍ୟନ୍ତ ବିସ୍ତାର ହୋଇଛି । ବିଗତ ଦଶନ୍ଧିରେ ଭାରତ ପରମାଣୁ ଇନ୍ଧନ ଚକ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିଛି ଏବଂ ଏହି କାର୍ଯ୍ୟକ୍ରମକୁ ଦାୟିତ୍ୱର ସହିତ ପରିଚାଳନା କରିଛି । ବର୍ତ୍ତମାନ ଆମେ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ (ଜି.ଡବ୍ଲୁ.) ପରମାଣୁ କ୍ଷମତାର ଏକ ଜାତୀୟ ଲକ୍ଷ୍ୟ ହାସଲ କରିବାକୁ ପ୍ରସ୍ତୁତ ହେଉଛୁ । କୃତ୍ରିମ ପ୍ରଜ୍ଞା, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସ୍ୱଦେଶୀ ସେମିକଣ୍ଡକ୍ଟର ନିର୍ମାଣ ଏବଂ ବିରାଟ ମାତ୍ରାର ତଥ୍ୟ ଗବେଷଣାକୁ ସମର୍ଥନ କରିବା ପାଇଁ ନିର୍ଭରଯୋଗ୍ୟ ବେସଲୋଡ୍ ଶକ୍ତି ଯୋଗ କରିବାକୁ ମଧ୍ୟ ସଂକଳ୍ପବଦ୍ଧ । ବିଲ୍ ଏହି ପ୍ରସ୍ତୁତିକୁ ସଂହିତାବଦ୍ଧ କରେ: ଏହା ଏକ ଏକୀକୃତ ଲାଇସେନ୍ସିଂ ଏବଂ ସୁରକ୍ଷା ପ୍ରାଧିକରଣ ବ୍ୟବସ୍ଥା ସୃଷ୍ଟି କରେ। ଏହା ଅପରେଟରମାନଙ୍କ ପାଇଁ ଗ୍ରେଡେଡ୍ ଦାୟିତ୍ୱ ସ୍ଥିର କରେ - ସର୍ବବୃହତ ରିଆକ୍ଟର ପାଇଁ ୩,୦୦୦ କୋଟି ଟଙ୍କା , ଛୋଟ ରିଆକ୍ଟର ଏବଂ ଇନ୍ଧନ ଚକ୍ର ସୁବିଧା ପାଇଁ ୧୦୦ କୋଟି ଟଙ୍କାର ପ୍ରାବଧାନ କରେ । ତେଣୁ କ୍ଷୁଦ୍ରାକୃତି ରିଆକ୍ଟର ଏବଂ କ୍ଷୁଦ୍ର ମଡ୍ୟୁଲାର୍ ରିଆକ୍ଟର (ଏସଆରଏମ) ପରି ଉଦ୍ଭାବନ ସମାନୁପାତିକ ସୁରକ୍ଷା ସହିତ ଆଗକୁ ଅଗ୍ରଗତି କରିପାରିବ ।

# ସଞ୍ଜୁ ସାମସନଙ୍କଠୁ କଣ ଶିଖିଲେ






ମାନସ ରଞ୍ଜନ ପ୍ରଧାନ
ଭୁବନେଶ୍ୱର
୯୩୩୭୩୫୫୬୫୮


ବିଶ୍ୱ ବିଜେତା ସାଜିସାରିଛି ଭାରତ । ୨୦୨୪ ପରେ ପୁଣି ଥରେ ଡିଫେଣ୍ଡିଂ ଚାମ୍ପିଅନ ଟିମ୍ ଇଣ୍ଡିଆ ଟି ୨୦ ବିଶ୍ୱକପ କରାୟତ୍ତ କରିଛି । ଭାରତ ଚାମ୍ପିଅନ ହେବାରେ ୱିକେଟ କିପର ସଞ୍ଜୁ ସାମସନଙ୍କ ସବୁଠୁ ବଡ ଭୂମିକା ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ସାମସନଙ୍କ ବିଶ୍ୱକପ ଯାତ୍ରାର କାହାଣୀ ବର୍ତ୍ତମାନ ସମସ୍ତଙ୍କ ପାଇଁ ପ୍ରେରଣା ।

୨୦୨୪ ମସିହାରେ ସଞ୍ଜୁ ରୋହିତ ଶର୍ମାଙ୍କ ନେତୃତ୍ୱରେ ଚାମ୍ପିଅନ ହେଇଥିବା ଦଳର ମଧ୍ୟ ସଦସ୍ୟ ଥିଲେ । ମାତ୍ର ୧୫ ଜଣିଆ ଦଳରେ ଥିଲେ ବି ଚୂଡାନ୍ତ ଏକାଦଶରେ ସାମିଲ ନ ହୋଇ ଗୋଟିଏ ବି ମ୍ୟାଚ୍ ଖେଳି ନ ଥିଲେ । କେବଳ ଟିମ୍ ଇଣ୍ଡିଆକୁ ଡଗ୍ ଆଉଟ୍‌ରେ ବସି ଦେଖୁଥିଲେ ଆଉ ପଡ଼ିଆକୁ ପାଣି ବୋତଲ ନେବା ଆଣିବା କରି ତାଙ୍କ ବିଶ୍ୱକପ ଅଭିଯାନ ଶେଷ ହୋଇଥିଲା । ପରବର୍ତ୍ତୀ ସମୟରେ ନ୍ୟୁଜିଲାଣ୍ଡ ସିରିଜରେ ବି ସଞ୍ଜୁଙ୍କ ବ୍ୟାଟ ବାରମ୍ବାର ନିରାଶ କରିଥିଲା କ୍ରିକେଟ ପ୍ରେମୀଙ୍କୁ । ଭିତରୁ ସଞ୍ଜୁ ସାମସନ ଭାଙ୍ଗି ପଡ଼ିଥିଲେ । ତାଙ୍କ ଆତ୍ମବିଶ୍ୱାସ ଚୂରମାର ହୋଇ ସାରିଥିଲା । ଚଳିତ ବିଶ୍ୱକପ୍ ର ପ୍ରାରମ୍ଭିକ ପର୍ଯ୍ୟାୟରେ ବି ସେ ଖେଳି ନ ଥିଲେ । ଲାଗୁଥିଲା ୩୧ ବର୍ଷୀୟ ସଞ୍ଜୁ ଙ୍କ କ୍ରିକେଟ କ୍ୟାରିଅର ବିଶ୍ୱକପ୍ ପରେ ବିରାମ ନେଇଯିବ । ମାତ୍ର ପରବର୍ତ୍ତୀ ସମୟରେ ଯାହା ହେଲା ତାହା ସାରା ବିଶ୍ୱ ଦେଖି ସାରିଛି । ସଞ୍ଜୁ ଏବେ ସାରା ଦୁନିଆରେ ରାଜ କରୁଛନ୍ତି । ଚାରିଆଡ଼େ ତାଙ୍କର ଭୂରି ଭୂରି ପ୍ରଶଂସା ସାଉଁଟୁଛନ୍ତି । କ୍ରିକେଟର ଭଗବାନ୍ ସଚିନ ତେନ୍ଦୁଲକରଙ୍କ ପରାମର୍ଶ ସଞ୍ଜୁଙ୍କ ପାଇଁ ରାମବାଣ ସାବ୍ୟସ୍ତ ହୋଇଥିଲା ବୋଲି ସେ ନିଜେ ବିଶ୍ୱକପ ବିଜୟ ପରେ କହିଛନ୍ତି । ଦୀର୍ଘ ଦିନ ଧରି ଟିମ୍ ଇଣ୍ଡିଆରୁ ଖେଳୁଥିବା ୱିକେଟରକ୍ଷକ ବ୍ୟାଟର ସଞ୍ଜୁ ସାମସନ ଅନ୍ଧାର ରୂପକ ଜୀବନରୁ ବାହାରି ସାରା ଦୁନିଆରେ ନିଜର ଆଲୋକ ବିଚ୍ଛୁରିତ କରି ପାରିଛନ୍ତି । ସୁପର ୮ ମୁକାବିଲାରେ ୱେଷ୍ଟଇଣ୍ଡିଜ ବିପକ୍ଷ 'କର ଅବା ମର' ମୁକାବିଲାରେ ସାମସନ ୯୭ ରନର ଅପରାଜିତ ଐତିହାସିକ ଇନିଂସ୍ ଖେଳିଥିଲା । ଯଦିଓ ସେ ଶତକରୁ ବଞ୍ଚିତ ହୋଇଥିଲେ, ତଥାପି ବ୍ୟକ୍ତିଗତ ମାଇଲଷ୍ଟୋନ୍ ନ ଦେଖି ଦଳ ପାଇଁ ଖେଳିଥିଲେ । ପରେ ସେମିଫାଇନାଲ ଓ ଫାଇନାଲରେ ବି ସଞ୍ଜୁ ୮୯ ଲେଖାଏଁ ରନର ବିସ୍ଫୋରକ ପାଳି ଖେଳି ଭାରତକୁ ବିଶ୍ୱ ବିଜେତା କରିଥିଲେ । ତାହା ସହ 'ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ବି ହାତେଇଥିଲେ ।

ଦିନେ ଦଳର ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡୁଥିବା ସଞ୍ଜୁ ଆଜି ସାରା ବିଶ୍ୱରେ ବାଜିଗର । ଅନେକ ସମାଲୋଚନା ଆଲୋଚନା ସହି ସଞ୍ଜୁ ସମୟକୁ ଅପେକ୍ଷା କରିଥିଲେ । ସୁଯୋଗ ମିଳିଲେ ସେ ନିଜକୁ ପ୍ରମାଣିତ କରିବା ପାଇଁ ନିଜ ମନୋବଳକୁ ଆକାଶଛୁଆଁ କରି ସାରିଥିଲେ । ସୋସିଆଲ ମିଡ଼ିଆଠୁ ନିଜକୁ ଦୂରେଇ ରଖି ହାରି ସାରିଥିବା ସଞ୍ଜୁ ଜିତିବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ । ନିଜେ ନିଜକୁ ବାରମ୍ବାର କହୁଥିଲେ ଦିନେ ସେ ଚୁପ୍ ଚାପ୍ ନିଜକୁ ପ୍ରମାଣିତ କରିଦେବେ । ଆଉ ଶେଷରେ ଆତ୍ମବିଶ୍ୱାସ ହରାଇ ସାରିଥିବା ସଞ୍ଜୁ ପୁନର୍ବାର ନିଜକୁ ଆତ୍ମବିଶ୍ୱାସଭରା ସଞ୍ଜୁ ରେ ରୂପାନ୍ତରିତ କରି ବିଶ୍ୱକୁ କହି ଦେଇଛନ୍ତି ଅସଫଳତା ହିଁ ସଫଳତାର ନୂଆ ବାଟ ତିଆରି କରେ ।

ସଞ୍ଜୁଙ୍କ ପାଖରେ ଭରପୂର୍ ପ୍ରତିଭା ଥିଲା । ଏକଥା ସମସ୍ତେ ଜାଣି ବି ଥିଲେ । ହେଲେ ଉଚିତ୍ ସମୟକୁ ଅପେକ୍ଷା କରି ଆଜି ସେ ଇତିହାସରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି । ଅନେକ ରେକର୍ଡ କରି ଯେଉଁ କାମ ସଚିନ, ବିରାଟ, ଯୁବରାଜ, ଧୋନି, ରୋହିତଙ୍କ ଭଳି ଖେଳାଳି କରି ନ ଥିଲେ ତାହା କରି ଦେଖାଇଛନ୍ତି ।

ଆଜିର ସମୟରେ ବହୁ ସମୟରେ ପ୍ରତିଭା ଥିବା ମଣିଷ ହାର ମାନି ଯାଏ ଶିକ୍ଷା, ବ୍ୟବସାୟ, କ୍ରୀଡ଼ା, ରାଜନୀତି ତଥା ଅନ୍ୟାନ୍ୟ କ୍ଷେତ୍ରରେ । ଲୋକେ ଅନେକ କ୍ଷେତ୍ରରେ ନିରାଶ ହୋଇ ଆତ୍ମହତ୍ୟା ଭଳି ପଦକ୍ଷେପ ମଧ୍ୟ ନିଅନ୍ତି ଧୈର୍ଯ୍ୟହରା ହୋଇ । ୩୧ ବର୍ଷ ବୟସରେ ସାଧାରଣତଃ ଖେଳାଳି ଅବସର ନେବାକୁ ଚିନ୍ତା କରନ୍ତି 'ଆଉ ହେବନି କହି' । ହେଲେ ସଞ୍ଜୁ ତାହାର ବ୍ୟତିକ୍ରମ । ସେ ସେହି ୩୧ ବର୍ଷ ସମୟରେ ହିଁ ଜୀବନର ସବୁଠୁ ବଡ ସଫଳତା ପାଇଛନ୍ତି । ବ୍ୟାଟର ସଞ୍ଜୁ ଙ୍କ ଜୀବନ କୁହେ ଅନ୍ଧାର ଯଦି ଜୀବନ ରେ ଅଛି, ଆଲୋକ ବି ଦିନେ ଆସିବ । ବାସ୍ ଅପେକ୍ଷା କରନ୍ତୁ ।

# ସମୟର ଚକ




ଲଳିତ ମୋହନ ମିଶ୍ର
ନୟାଗଡ଼, ୯୪୩୭୯୮୫୮୬୬



ମୂଳଭାଷା ହିନ୍ଦୀ
ଭଗବତୀ ସକ୍ସେନା ଗୌଡ଼
ଅନୁସୃଜନ
ଲଳିତ ମୋହନ ମିଶ୍ର


ଆଜି ପାର୍କରେ ପ୍ରାତଃ ଭ୍ରମଣ ସମୟରେ ହଠାତ୍ ବରିଷ୍ଠ ନାଗରିକ ରୁଚି ତଳେ ପଡ଼ିଗଲେ । ତାଙ୍କ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ସହିତ ସେ ଠିଆ ହୋଇପାରୁ ନଥିଲେ କି ଚାଲି ପାରୁ ନଥିଲେ । କିଛି ଲୋକ ତାଙ୍କର ମୋବାଇଲ୍ ଫୋନ୍ ମାଗି, ତାଙ୍କ ଘର ଠିକଣା ପଚାରି ତାଙ୍କର ଘରେ ନେଇ ଛାଡିଦେଲେ । ବୋହୂ ରୀତା ଘରୋଇ ଉପଚାର ପ୍ରୟୋଗ କରି ତାଙ୍କର ଗୋଡରେ ଔଷଧ ମଲିସ୍ କଲେ, ହେଲେ ରାତିରେ ଗୋଡଟି ଫୁଲିଗଲା । ତେଣୁ ସକାଳୁ ସକାଳୁ ତାଙ୍କୁ ଆପୋଲୋ ହସ୍ପିଟାଲ ନିଆଗଲେ । ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଗଲା ଏବଂ ତିନି ମାସ ପ୍ଲାଷ୍ଟର ଲାଗିଲା । ଦୁଇ ଦିନ ପାଇଁ ଡାକ୍ତର ତାଙ୍କୁ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ଡାକ୍ତରଖାନାରେ ରଖିଲେ । ସେହି ୱାର୍ଡରେ ଜଣେ ମହିଳା ରୋଗୀ ଥିଲେ ଯିଏ ବିଛଣାରେ ପଡ଼ି ରହୁଥିଲେ । ନର୍ସମାନେ ଆସି ତାଙ୍କୁ ପୂର୍ଣ୍ଣ ସହାୟତା କରୁଥିଲେ । ପରଦିନ ସକାଳେ, ରୋଗୀଟି ଏକ ସୁମଧୁର ସ୍ୱରରେ ଭଜନ ଗାଉଥିଲେ, ଯାହା ପୂର୍ବରୁ ଶୁଣିଲା ଶୁଣିଲା ପରି ମନେ ହେଉଥିଲା । ସେ ବାରମ୍ବାର ମନେ ପକାଇବାକୁ ଚେଷ୍ଟା କରୁଥିଲେ । ମୁଁ ଏହି ମହିଳାଙ୍କୁ ପୂର୍ବରୁ କେଉଁଠି ଦେଖିଛି ଏବଂ ଏହାଙ୍କର ସ୍ୱର ଶୁଣିଛି ।

ତା'ପରେ ସେ ନର୍ସଙ୍କୁ ଡାକି ପଚାରିଲେ, ସେ କିଏ କହିଲେ ? ତାଙ୍କର ନାମ କ'ଣ ଏବଂ ତାଙ୍କର କ'ଣ ହୋଇଛି ? ସେ ପଞ୍ଚସ୍ତରି ବର୍ଷ ବୟସ୍କା ପାର୍ବତୀ ମା', ଯେଉଁ ଡାକ୍ତର ଆପଣଙ୍କର ଅସ୍ତ୍ରୋପଚାର କରିଛନ୍ତି, ତାଙ୍କର ମା' ଇଏ । ତାଙ୍କର କୌଣସି ରୋଗ ବୈରାଗ୍ୟ ନାହିଁ । ସେ ଏକ ଦୁର୍ଘଟଣାରେ ତାଙ୍କର ଗୋଡ଼ଟି ହରାଇ ଦେଇଛନ୍ତି । ଏଣୁ ସେ ଚାଲି ପାରୁ ନାହାଁନ୍ତି । ଘରେ ବୋହୂ ଏବଂ ପିଲାମାନେ ଅଛନ୍ତି, କିନ୍ତୁ ଠିକ୍ ସମୟରେ ଖାଇବା ପିଇବାକୁ ଦେବା ଏବଂ ସେବାଯତ୍ନ କରିବା ପାଇଁ କାହାରି ପାଖରେ ସମୟ ନାହିଁ । ସ୍ଥାୟୀ ଚାକର ବାକରଟିଏ ମଧ୍ୟ ପାଇପାରୁ ନାହାଁନ୍ତି । ତେଣୁ ଡାକ୍ତର ସାହେବ ତାଙ୍କୁ ଏଠାରେ ରଖିଛନ୍ତି । ତାଙ୍କ ସହିତ କଥା ହେବା ପାଇଁ ମଧ୍ୟ ଡାକ୍ତର ବାବୁଙ୍କର ସମୟ ନାହିଁ । ତେଣୁ କ'ଣ କରିପାରିବେ ? ଗୀତ ଗାଇ ନିଜେ ନିଜର ମନୋରଞ୍ଜନ କରୁଅଛନ୍ତି ।

ରୁଚିଙ୍କ ଆଖି ଲୁହରେ ଆସି ଯାଇଥିଲା । ପନ୍ଦର ବର୍ଷ ପୂର୍ବେ ରୁଚି ଓ ପାର୍ବତୀ ଦେବୀ ରେଲୱେ କଲୋନୀରେ ରହୁଥିଲେ । ଏକାଠି କିଟି ପାର୍ଟି ଗୁଡିକରେ ଯୋଗ ଦେଉଥିଲେ, ବୁଲାବୁଲି କରୁଥିଲେ । ସେତେବେଳେ ପାର୍ବତୀ ବନ୍ଧୁମାନଙ୍କ ପାଖରେ ତାଙ୍କର ସୁମଧୁର ସ୍ୱର ପାଇଁ ପ୍ରସିଦ୍ଧ । ସମୟର ଚକ ପାର୍ବତୀଙ୍କୁ କେଉଁଠାରୁ କେଉଁଠିକୁ ନେଇ ଆସିଲା । ଯିଏ ଏତେ ସମ୍ମାନର ସହିତ ରହୁଥିଲେ ? ଆଜି ତାଙ୍କର ଅବସ୍ଥା କ'ଣ ? ସେ ସବୁବେଳେ କୁହନ୍ତି, ମୋର ପୁଅ ଏମ୍ ଏସ୍ ପଢ଼ିବାକୁ ଆମେରିକା ଯାଇଛି । ପାର୍ବତୀଙ୍କ ସ୍ୱାମୀ ଓ ଆମର ଇଏ ଉଭୟ ରେଲୱେ ଅଧିକାରୀ ଥିଲେ । କିନ୍ତୁ ଉଭୟ ଆଜିର ଦିନରେ ଆଉ ନାହାଁନ୍ତି । ରୁଚି ତାଙ୍କର ପୁଅ ଏବଂ ବୋହୂ ସହିତ ମେଟ୍ରୋ ସହରରେ ରହୁଛନ୍ତି । ଆଜି ମଧ୍ୟ ତାଙ୍କର ବହୁତ ସାଙ୍ଗସାଥି ଅଛନ୍ତି । ତା'ପରେ ହଠାତ୍ ପାର୍ବତୀ ରୁଚିକୁ ଧ୍ୟାନର ସହିତ ଦେଖିଲେ । ପଚାରିଲେ ଭଉଣୀ, ତୁମର ନାମ କ'ଣ ? ତୁମ ଗୋଡରେ ପ୍ଲାଷ୍ଟର କାହିଁକି ଲାଗିଛି ? ସବୁର ଉତ୍ତର ଦେଲେ ରୁଚି । ଯାହା ହେଉ ମୁଁ ମୋର ଜଣେ ପୁରୁଣା ବନ୍ଧୁଙ୍କୁ ପାଇଗଲି । ଏବେ ଆମେ ଦୁହେଁ ଏକାଠି ଗୀତ ଗାଇବା... 'ଆଜ ରପଟ ଯାଏ ତୋ ହମେ ନ ଉଠାଇୟୋ' । ତାଙ୍କର କଥା ଶୁଣି ରୁଚି କାନ୍ଦି ପକାଇଲା ଏବଂ କହିଲା, ତୁମେ ସିନା ପ୍ରଥମେ ମୋତେ ଚିହ୍ନି ପାରିଲ ନାହିଁ, କିନ୍ତୁ ମୁଁ ତୁମକୁ ଜାଣିଛି । ତୁମେ ପାର୍ବତୀ ଶର୍ମା । ସଖି, ମୁଁ ଜାଣି ପାରିଲି, କିନ୍ତୁ ମୁଁ ତୁମକୁ ମୋର ଏ ଦୟନୀୟ ଅବସ୍ଥା ବିଷୟରେ କିପରି ଅବଗତ କରାଇବି ? ମୁଁ ଅସହାୟ ଅକ୍ଷମ ଅପଙ୍ଗ ବୃଦ୍ଧା... ଯିଏ ପରିବାର ପାଇଁ ଏକ ବୋଝ । ସେହି ସମୟରେ, ରୁଚିର ପୁଅ ମାଆକୁ ଘରକୁ ନେବା ପାଇଁ ଆସିଲା । ରୁଚି ପାର୍ବତୀଙ୍କୁ କହିଲେ, ଚିନ୍ତା କର ନାହିଁ, ମୁଁ ମୋ ପୁଅକୁ କହି ଆପଣଙ୍କୁ ମିଶିବା ପାଇଁ ଏଠାକୁ ଆସିବି । ମୁଁ ମୋର ପୁରୁଣା ବନ୍ଧୁ ପାଇଗଲି, ଛାଡ଼ିବି ନାହିଁ । ସେ ବୁଝି ପାରିଥିଲେ, ତାଙ୍କର ଡାକ୍ତର ପୁଅ ପାର୍ବତୀଙ୍କୁ ବୃଦ୍ଧାଶ୍ରମର ବିକଳ୍ପ ଭାବରେ ସେଠାରେ ରଖିଅଛନ୍ତି ।

# ନାମ ପରିବର୍ତ୍ତନ

ସ୍ୱତନ୍ତ୍ର କେରଳ ପ୍ରଦେଶ ଗଠନର ସାତଦଶନ୍ଧି ପରେ ଏବେ ଏହାର ନାମ ପରିବର୍ତ୍ତନ କରି କେରଳମ୍ ରଖିବା ପାଇଁ ରାଜ୍ୟ ସରକାର କହିଥିବା ସୁପାରିଶକୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି । କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପରେ କେରଳ କେରଳମ୍ ରାଜ୍ୟ ନାମରେ ନାମିତ ହେବ । କେରଳର ସ୍ଥାନୀୟ ଭାଷା ହେଉଛି ମାଲାୟଲମ୍ । ଭାଷାର ଛାନ୍ଦ ଅନୁଯାୟୀ କେରଳ ନାମରେ କେବଳ ଏମ୍ ସଂଯୋଗ ହେବ । ଉଲ୍ଲେଖଯୋଗ୍ୟ ଯେ ବ୍ରିଟିଶ ଶାସନ ଅମଳରେ କେରଳ ନାମ ଇଂରେଜମାନେ ରଖିଥିଲେ । ଇତିହାସ କହେ କେରଳ ହେଉଛି କେରମ୍ ଗଛର ଭୂମି । ମାଲାୟଲମ୍ ଭାଷାରେ କେରମ ଅର୍ଥ ହେଉଛି ନଡିଆ । ଅର୍ଥାତ କେରଳ ହେଉଛି ନଡିଆ ଗଛର ରାଜ୍ୟ । ନଡିଆ ଗଛ ହେଉଛି କେରଳର ପରିଚୟ । ଏବେ ମଧ୍ୟ କେରଳର ବୃକ୍ଷରାଜିରେ ନଡିଆ ଗଛର ପ୍ରାବଲ୍ୟତା ରହିଛି ଏବଂ ଏହା ରାଜ୍ୟର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ବିଶେଷ । ଉଲେ୍ଲଖଯୋଗ୍ୟ ଯେ, ଆମ ଦେଶରେ ରାଜ୍ୟ ଓ ସହରର ନାମ ପରିବର୍ତ୍ତନ ନୂଆ ନୁହେଁ । ବ୍ରିଟିଶ, ମୋଗଲ ଶାସକ ସମୟରେ ନାମିତ ବହୁ ରାଜ୍ୟ ଓ ସହର ନାମ ଐତିହାସିକ, ସାଂସ୍କୃତିକ ଦୃଷ୍ଟି କୋଣରୁ ଦେଶ ସ୍ୱାଧୀନ ହେବା ପରେ ପରିବର୍ତ୍ତନ ହୋଇଛି । ଏବେ ମଧ୍ୟ ଏହି ନାମ ପରିବର୍ତ୍ତନ ପ୍ରକ୍ରୀୟା ଜାରି ରହିଛି । ୧୯୫୦ରୁ ୧୯୭୦ ମଧ୍ୟରେ ମାଡ୍ରାସ ରାଜ୍ୟର ନାମ ଆଂଚଳିକ ଭାଷା ସାଂସ୍କୃତିକ ଐତିହ୍ୟ ଅନୁଯାୟୀ 'ତାମିଲନାଡୁ' ମହୀଶୂରର ନାମ 'କର୍ଣ୍ଣାଟକ', ବମ୍ବେର ନାମ ମହାରାଷ୍ଟ୍ର, ବମ୍ବେ ସହରର ନାମ ମୁମ୍ବାଇ, କଲିକତା ସହରର ନାମ କୋଲକତା, ମାଡ୍ରାସର ନାମ ଚେନ୍ନାଇ, ବାଙ୍ଗାଲୋର ସହରର ନାମ ବେଙ୍ଗାଲୁର ନାମକୁ ପରିବର୍ତ୍ତନ କରାଯାଇଛି । ଆଂଚଳିକ ଭାଷା ଓ ଐତିହ୍ୟ ଅନୁସାରେ ଏହି ରାଜ୍ୟ ଓ ସହରଗୁଡିକର ନାମ ପରିବର୍ତ୍ତନ କରାଯାଇଥିବା ଜଣାଯାଏ । ଦିଲ୍ଲୀର ନାମ ଇନ୍ଦ୍ରପସ୍ଥକୁ ବଦଳାଇବା ପାଇଁ ଦାବି ଉଠିଲାଣି । ଉଲ୍ଲେଖଯୋଗ୍ୟ ଯେ, ଦେଶ ସ୍ୱାଧୀନ ହେବା ପରେ ୧୯୫୬ ମସିହାରେ ସ୍ୱତନ୍ତ୍ର କେରଳ ରାଜ୍ୟ ଗଠନ ହୋଇଥିଲା । ମାଡ୍ରାସ ପ୍ରେସିଡେନ୍ସରୁ ଟ୍ରାଭଙ୍କୋର, କୋଚି, ମାଲାବର ଆଦି ସ୍ୱାଧୀନ ରାଜ୍ୟ (ପ୍ରିନସ୍ ଷ୍ଟେଟ) ପୃଥକ ହେବା ପରେ ଏହି ସବୁ ଭୂଖଣ୍ଡକୁ ନେଇ ସ୍ୱତନ୍ତ୍ର କେରଳ ରାଜ୍ୟ ଗଠିତ ହୋଇଥିଲା । ପରବର୍ତୀ କାଳରେ ମାଡ୍ରାସ ପ୍ରେସିଡେନ୍ସରୁ ମାଡ୍ରାସ ରାଜ୍ୟ ଏବଂ ପରେ ତାମିଲନାଡୁରେ ନାମକୁ ପରିବର୍ତ୍ତିତ ହୋଇଥିଲା । କେବଳ କେରଳର ନାମକୁ ନୁହେଁ, ରାଜ୍ୟର ହାଇକୋର୍ଟ, ଗୋଟିଏ ବିଶ୍ୱବିଦ୍ୟାଳୟ, ବହୁ ସରକାରୀ ବିଭାଗ ଏବଂ ଏପରିକି ରଣଜୀ ଟିମର ନାମ ପରିବର୍ତ୍ତନ ହେବାକୁ ଯାଉଛି । କେରଳ ପରି ଏକ ଗୁରୁତର ଆର୍ଥୀକ ସଂକଟର ସମ୍ମୁଖୀନ ଥିବା ରାଜ୍ୟରେ କେରଳ ନାମରେ କେବଳ 'ଏମ' ବା 'ମ' ଯୋଗ କରିବାରେ ବିଶେଷ କିଛି ବ୍ୟୟ ଭାର ପଡିବ ନାହିଁ । କହିବା ଯଥାର୍ଥ ହେବ ଯେ, ସାଂସ୍କୃତିକ ଚେତନାର ଜାଗରଣ, ଜାତୀୟ ସ୍ୱାଭିମାନ, ଐତିହାସିକ ଭ୍ରାନ୍ତିର ସଂଶୋଧନ ଯୋଗୁଁ ସ୍ଥାନାନ୍ତର ଅବା ରାଜ୍ୟର ନାମ ପରିବର୍ତ୍ତନ ବିଶେଷ ଭୂମିକା ନେଇଛି । ବିଶେଷ କରି କେନ୍ଦ୍ରରେ ବିଜେପି ସରକାର କ୍ଷମତାସୀନ ହେବା ପରେ ଦେଶର ବହୁ ଐତିହାସିକ ଓ ଧାର୍ମିକ ସହର ଏବଂ ରେଲଷ୍ଟେସନର ନାମ ପରିବର୍ତ୍ତନ ହୋଇଛି । ବହୁ ରାଜ୍ୟରେ କେତେକ ସହରର ନାମ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ପ୍ରସ୍ତାବ କରିଛନ୍ତି । ପଶ୍ଚିମବଙ୍ଗର ନାମ ବଦଳାଇ ବେଙ୍ଗଲ ବା ବଙ୍ଗଲା କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି । ଆହୁରି ମଧ୍ୟ ଆମ ରାଜ୍ୟର ନାମ ପୂର୍ବରୁ ଇଂରାଜୀ ବନାନ ଅନୁଯାୟୀ ଓରିଶା ଥିଲା । ସମ୍ବିଧାନ ସଂଶୋଧନ ପୂର୍ବକ ନାମ ଓଡ଼ିଶା ହୋଇଛି । ଅର୍ଥାତ ଇଂରାଜି ବନାନରେ ଓଡିଶା ହୋଇଛି । ଏବେ କେତେ ଜିଲ୍ଲା ଓ ସ୍ଥାନର ନାମ ଇଂରାଜୀ ବନାନରେ ତୃଟି ଥିବାରୁ ସେଗୁଡିକ ସଂଶୋଧନ ପାଇଁ ସରକାର ପ୍ରକ୍ରୀୟା ଆରମ୍ଭ କରିଛନ୍ତି ଯାହାକି ସ୍ୱାଗତଯୋଗ୍ୟ । ତେବେ ନାମ ପରିବର୍ତ୍ତନ ସହ ଅତୀତର ଦୃତ ଗୌରବ ଫେରାଇ ଆଣିବା ଲାଗି ପ୍ରୟାସର ଆବଶ୍ୟକତା ରହିଛି ।




ସୌଭାଗ୍ୟ ରଞ୍ଜନ ମହାନ୍ତି
ପ୍ଲଟ ନଂ-୫୮/୩୫୮୧,
ଗଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ଼-୭୫୧୦୦୨
ମୋ- ୭୯୭୮୬୬୬୪୦୩


# ସତରେ କଣ ଈଶ୍ୱର ଅଛନ୍ତି ?

ଈଶ୍ୱର କିଏ ? ତାଙ୍କ ସ୍ୱରୂପ କଣ ? କେମିତି ସିଏ ଆମ ସହ ଜଡ଼ିତ ? ଏହି ସତ୍ତାକୁ ଅନୁଭବ କରିବା ଆମ ସାଧାରଣ ମଣିଷ ପାଖେ ଅସମ୍ଭବ ତଥାପି ମନରେ ଉଙ୍କି ମାରୁଥିବା ପ୍ରଶ୍ନର ଉତ୍ତରକୁ ଖୋଜିବା ସମୟରେ ବିବେକ ବାଧ କରୁଛି କିଛି ଅଦୃଶ୍ୟ ସତ୍ୟକୁ ପରିପ୍ରକାଶ କରିବା ପାଇଁ । ବେଳେବେଳେ ଆମ ସହ ଏମିତି କିଛି ଘଟଣା ଘଟେ ଯାହାଦ୍ୱାରା ଆମେ ଭାବିବାକୁ ବିବଶ ହୋଇଯାଉ ଯେ ଈଶ୍ୱର ଅଛନ୍ତି ଏବଂ ଆମ ପାଖେ ପାଖେ ରହି ଆମକୁ ସୁରକ୍ଷା ଦେଉଛନ୍ତି । ଗତ ମାର୍ଚ୍ଚ ୮ ତାରିଖରେ ମୋ ସହ ଘଟିଥିବା ଏକ ସଦ୍ୟ ଘଟଣାରୁ ନିଜ ଅନୁଭୂତି କଥା କହୁଛି । ମୁଁ ଏବଂ ମୋର ଜଣେ ଘନିଷ୍ଠ ବନ୍ଧୁ କୋରାପୁଟ ସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀ ଗୁପ୍ତେଶ୍ୱରଙ୍କ ଦର୍ଶନ କରିବା ପାଇଁ ବାହାରିଲୁ । ଛୁଟିଦିନ ଥିବା ଯୋଗୁ ମନରେ କୌଣସିବି ସଙ୍କୋଚ ନଥିଲା । ଆମ ସହ ଅନ୍ୟ ଦୁଇଜଣ ବନ୍ଧୁ ମଧ୍ୟ ଥିଲେ । ସୁରୁଖୁରୁରେ ବାବାଙ୍କ ପୀଠରେ ପହଞ୍ଚି ଆନନ୍ଦ ମନରେ ଦର୍ଶନ କଲୁ ଏବଂ କିଛି ସମୟ ବିତାଇ ଘରକୁ ଫେରି ଆସିଲୁ କିନ୍ତୁ ବାଟରେ ଆସୁଥିବା ସମୟରେ ଆମ ସହ କିଛି ଏମିତି ଘଟଣା ଘଟିଲା ଯାହା କେବେବି କଳ୍ପନା କରିନଥିଲୁ । ମନ୍ଦିର ପାଖରୁ ପ୍ରାୟ ୯ କିଲୋମିଟର ଆସିଲା ପରେ ଆମେ ଏକ ସଡ଼କ ଦୁର୍ଘଟଣାର ଶିକାର ହେଲୁ । ସାଙ୍ଗରେ ଆସିଥିବା ଅନ୍ୟ ଦୁଇଜଣ ବନ୍ଧୁ ମଟର ସାଇକଲରେ ଆଗକୁ ଚାଲିଯାଇଥିଲେ । ମୁଁ ଏବଂ ମୋର ବନ୍ଧୁ ଆମେ ଦୁଇଜଣ ଧୀରେ ଧୀରେ ସ୍କୁଟିରେ ରାସ୍ତାର ବାମ ପାର୍ଶ୍ ?ରେ ଯାଉଥିଲୁ । ମୁଁ ଦେଖିଲି ବିପରୀତ ପାର୍ଶ୍ୱରୁ ଏକ ନୀଳ ରଙ୍ଗର କାର ଆମ ଆଡ଼କୁ ମାଡ଼ି ଆସୁଛି । କିଛି ବୁଝିବା ଆଗରୁ ଗାଡ଼ିଟି ଦ୍ରୁତ ବେଗରେ ଆସି ଆମକୁ ଏକ ଶକ୍ତ ଧକ୍କା ଦେଲା । ବିଶ୍ୱାସ କରିବେନି ସେହି ଧକ୍କା ସମୟରେ ମତେ ଲାଗିଲା ଯେପରି ଆମ ଦୁଇଜଣଙ୍କ ପ୍ରାଣ ବାୟୁ ସେହି ସ୍ଥାନରେ ହିଁ ଚାଲିଯିବ । ପାଖାପାଖି ପାଞ୍ଚ ଫୁଟ ଉଚ୍ଚକୁ ଛିଟିକି ପଡ଼ି ମୁଁ ରାସ୍ତାର କଡ଼ ପାର୍ଶ୍ୱରେ ପଡ଼ିଲି । ଭାଗ୍ୟକୁ ସେଠାରେ ପତ୍ର ପଡ଼ିଥିବା ଯୋଗୁ ମୋର ବିଶେଷ କିଛି କ୍ଷତି ହେଲାନାହିଁ , ଖାଲି ଯାହା ଗୋଡ଼ରେ ସାମାନ୍ୟ ଆଘାତ ଲାଗିଲା ହେଲେ ମୋ ବନ୍ଧୁ ଯିଏ ଗାଡ଼ି ଚଳାଉଥିଲା ତା ଦେହରେ ଶକ୍ତ ଆଘାତ ଲାଗିଲା ଏବଂ ଜଙ୍ଘ ହାଡ଼ଟି ଭାଙ୍ଗିଗଲା । ଆମକୁ ଦୁର୍ଘଟଣା କରିଥିବା ଗାଡ଼ିରେ ଦୁଇଜଣ ବୟସ୍କ ବ୍ୟକ୍ତି ଥିଲେ, ଜଣେ ସେନାର ଅବସରପ୍ରାପ୍ତ କର୍ମଚାରୀ ଏବଂ ଆଉ ଜଣେ ପୁରୀର ବାସିନ୍ଦା । ଗାଡ଼ି ଚଳାଉଥିବା ବ୍ୟକ୍ତି ନିଶାଗ୍ରସ୍ତ ଅବସ୍ଥାରେ ଥିଲେ ତେଣୁ ଭାରସାମ୍ୟ ହରାଇ ସେ ଆମକୁ ଧକ୍କା ଦେଲେ । ଦୁର୍ଘଟଣା ପରେ ମୋ ବନ୍ଧୁ ତଳେ ପଡ଼ି ଯନ୍ତ୍ରଣାରେ ଜୋରରେ ଚିତ୍କାର କରୁଥାଏ । କିଛି ବୁଦ୍ଧିବାଟ ନପାଇ ସଙ୍ଗେ ସଙ୍ଗେ ଦୁର୍ଘଟଣା କରିଥିବା ଗାଡ଼ିର ଲୋକଙ୍କୁ ମୁଁ ଅନୁରୋଧ କଲି ସାଙ୍ଗକୁ ଡାକ୍ତରଖାନା ନେଇଯିବା ପାଇଁ । ଆମେ ଦୁଇଜଣ ଯେଉଁଠି ଦୁର୍ଘଟଣାର ଶିକାର ହେଲୁ ତାହା ଏକ ଶୁନଶାନ୍ ଜଙ୍ଗଲ ରାସ୍ତା ଥିଲା ଏବଂ ରାସ୍ତାଟି ପୁରା ପ୍ରସାର ଥିବା ସତ୍ତ୍ୱେ ଭୁଲ୍ ଗାଡ଼ି ଚାଳନା ପାଇଁ ସେ ଗାଡ଼ିଟି ଆମକୁ ଦୁର୍ଘଟଣା କଲା । ସେହି ସ୍ଥାନରେ ଆମ ସହ କିଛି ବି ହୋଇପାରିଥାନ୍ତା କିନ୍ତୁ ଅନୁଭବ ହେଲା ଯେପରି ଈଶ୍ୱର ସେହି ସ୍ଥାନରେ ଆମ ଦୁହିଁଙ୍କୁ ନୂତନ ଜୀବନଟିଏ ଦେଲେ । କୁହାଯାଏ ଯାହା ଭାଗ୍ୟରେ ଥିବ ତାହାହିଁ ଘଟିବ । ଦୁର୍ଘଟଣା ଘଟିବାର କିଛି ସମୟ ପୂର୍ବରୁ ଆମେ ମନ୍ଦିରରୁ ବାହାରିବା ସମୟରେ ହେଲମେଟ ଛାଡ଼ି ଦେଇ ଆସିଥିଲୁ କିନ୍ତୁ କିଛିବାଟ ଆସିବା ପରେ ଆମର ମନେପଡ଼ିଲା ଏବଂ ପୁଣି ଯାଇ ଆମେ ନେଇକି ଆସିଲୁ । ସାଙ୍ଗଟି ହେଲମେଟ ପିନ୍ଧିଥିବା ଯୋଗୁ ତାର ଜୀବନ ରକ୍ଷା ପାଇଗଲା । ଏଇଠି ଗୋଟିଏ କଥା ମଧ୍ୟ ସାମ୍ନାକୁ ଆସୁଛି , ଯଦି ଆମେ ପଛକୁ ଫେରି ହେଲମେଟ ପାଇଁ ନଯାଇଥାନ୍ତୁ ତେବେ ହୁଏତ ସେହି ଦୁର୍ଘଟଣାର ସମୟ ପାର୍ ହୋଇଯାଇଥାନ୍ତା । ମୁଁ ମୋ ସାଙ୍ଗକୁ ମଧ୍ୟ କହୁଥିଲି ଯେ ତୁ ଗାଡ଼ି ପଛରେ ବସ ମୁଁ ଚଳାଇବି ହେଲେ ସେ ମନାକଲା । ଆମକୁ ଦୁର୍ଘଟଣା କରିଥିବା ବ୍ୟକ୍ତି ପରବର୍ତ୍ତୀ ସମୟରେ ଆମ ପାଖେ ରହି ସମସ୍ତ ସହଯୋଗ କରିଥିଲେ । ତେଣୁ ଯାହା ସହ ଯେଉଁ ସମୟରେ ଯାହା ଘଟିବା କଥା ତାକୁ କେହି ବି ରୋକି ପାରିବେ ନାହିଁ । ମୋ ବନ୍ଧୁ ଏବେ ଡାକ୍ତରଖାନାରେ , ଅପରେସନ କରାଯାଇ ତାର ଜଙ୍ଘ ହାଡ଼କୁ ଠିକ୍ କରିବା ପାଇଁ ସମସ୍ତ ପ୍ରୟାସ ହୋଇଛି । ବର୍ତ୍ତମାନ ସେ ଏକବର୍ଷ ଯାଏ ଘରେ ରହି ଚିକିତ୍ସିତ ହେବ , ଏକଥା ଭାବିଲେ ବହୁତ୍ କଷ୍ଟ ଲାଗୁଛି । ପରିବାରର ସିଏ ଆଉ ମୁଁ ଗୋଟିଏ ବୋଲି ପୁଅ । ଈଶ୍ୱରଙ୍କ କୃପାରୁ ଆମେ ନୂଆ ଜୀବନ ପାଇ ଫେରି ଆସିଲୁ ସେଥିପାଇଁ ତାଙ୍କୁ କୋଟି କୋଟି ଧନ୍ୟବାଦ୍ । ସତରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ପରଖିବା ସହଜ କଥା ନୁହେଁ । ମୋ ସାଙ୍ଗଟି ଶୀଘ୍ର ସୁସ୍ଥ ହେଇଯାଉ, ସେହି ବାବା ଗୁପ୍ତେଶ୍ୱରଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି । ଆପଣ ସମସ୍ତଙ୍କୁ ଆନ୍ତରିକ ଅନୁରୋଧ ଯେତେବେଳେ ବାହାରକୁ ଗାଡ଼ି ନେଇ ଯାଉଛନ୍ତି ହେଲମେଟ ନିଶ୍ଚୟ ପିନ୍ଧନ୍ତୁ ଏବଂ ସତର୍କତାର ସହ ଆଗପଛ ଦେଖି ଗାଡ଼ି ଚଳାନ୍ତୁ ।


-ଅଧ୍ୟାପକ ରାଜେଶ୍ ରାୟ
ସାମୟିକ ଉଦଘୋଷକ, ଆକାଶବାଣୀ,
ଜୟପୁର, କୋରାପୁଟ
ମୋବାଇଲ୍ :- ୬୩୭୧୫୫୫୯୪୦


# ମନର ପ୍ରତୀକ



ମନର ସ୍ଥିତିକୁ ନେଇ ମଣିଷ ସୁଖ ଓ ଦୁଃଖ ଲାଭ କରିଥାଏ । ମନ ଅସ୍ଥିର ହେଲେ ଅଶାନ୍ତି ଓ ସ୍ଥିର ହେଲେ ଶାନ୍ତି ମିଳିଥାଏ । ମନ ହେଉଛି ଜୀବାତ୍ମାର ବନ୍ଧନ ଓ ମୋକ୍ଷର କାରଣ । ମନ ହେଉଛି ଏକ ବେଗବାନ ଅଶ୍ୱ । ସେ ନିମିଷକେ ସମଗ୍ର ଜଗତକୁ ପରିକ୍ରମା କରିପାରେ । ମନର ସ୍ୱଭାବ ଅତି ଚଞ୍ଚଳ । ଚିନ୍ତା କରିବା ତା'ର ସହଜାତ ପ୍ରବୃତ୍ତି । ସକାରାତ୍ମକ ହେଉ ବା ନକାରାତ୍ମକ ଚିନ୍ତା ସେ ସର୍ବଦା କରିଥାଏ । ମନକୁ ଶୃଙ୍ଖଳିତ କରି କାର୍ଯ୍ୟ କଲେ ସଫଳତା ମିଳିଥାଏ । ମନକୁ ଆୟତ୍ତରେ ରଖିବା ପାଇଁ ଯୋଗର ଆବଶ୍ୟକତା ରହିଛି । ହସ୍ତୀକୁ ଆୟତ୍ତରେ ରଖିବା ପାଇଁ ଯେପରି ଅଙ୍କୁଶ ଲଗାଯାଏ, ସେପରି ମନ ଉପରେ ମଧ୍ୟ ଅଙ୍କୁଶ ଲାଗିବା ଉଚିତ । ମନକୁ ମୁନ କରି ପାରିଲେ ସିଦ୍ଧି ମିଳେ । ଏହାକୁ ଅନ୍ତର୍ମୁଖୀ ନକରିବା ଯାଏଁ ଏହା ପାଗଳ ପରି ବାହ୍ୟ ଜଗତରେ ଘୁରି ବୁଲୁଥାଏ । ମନକୁ ସ୍ଥୁଳରୁ ସୂକ୍ଷ୍ମ ସ୍ତରକୁ ଆଣିବା ପାଇଁ ସାଧୁ ସନ୍ଥ ମାନେ ତପସ୍ୟା କରିଥାନ୍ତି । ଏକାଗ୍ର ମନରେ ହିଁ ଈଶ୍ୱରୋପଲବ୍ଧି ହୋଇଥାଏ । ନିଜର ବିକ୍ଷିପ୍ତ ଭାବକୁ ବୁଦ୍ଧି ଓ ପ୍ରୟାସ ଦ୍ୱାରା ନିୟନ୍ତ୍ରଣ କରାଯାଇ ପାରେ । ମନକୁ ଅନ୍ତର୍ମୁଖୀ କରିବା ନିମନ୍ତେ ପ୍ରଥମେ ମନର ପବିତ୍ରତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ନମ୍ରତା ଓ ବିନୟ ଭାବ ଶୁଦ୍ଧ ମନର ପ୍ରତୀକ ଅଟେ । ଏହି ଦୁଇଟି ଗୁଣ ଦ୍ୱାରା ମଣିଷ ଅନ୍ତର୍ମୁଖୀ ହୋଇ ଆତ୍ମୋପଲବ୍ଧି କରି ଚିର ସୁଖ ଶାନ୍ତି ଲାଭ କରିଥାଏ ।


-ବସନ୍ତ କୁମାର ପ୍ରଧାନ
ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪

ଶୁକ୍ରବାର ୧୩।୦୩।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା


## ଇରାନ୍‌ରେ ଫସିଛନ୍ତି ୯୦୦୦ ଭାରତୀୟ

### ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କ ସୂଚନା



ନୂଆଦିଲ୍ଲୀ,୧୨।୩: ଇରାନରେ ୯୦୦୦ ଭାରତୀୟ ଫସି ରହିଛନ୍ତି। ଏନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ସୂଚନା ଦେଇ କହିଛନ୍ତି, ଏହି ୯ ହଜାରଙ୍କ ମଧ୍ୟରେ ଛାତ୍ର, ବ୍ୟବସାୟୀ, କର୍ମଜୀବୀ ଏବଂ ତୀର୍ଥଯାତ୍ରୀ ଫସି ରହିଛନ୍ତି। ଅନେକ ଭାରତୀୟ ନାଗରିକ ଓ ଅଧିକାଂଶ ଛାତ୍ର ଘରକୁ ଫେରିଛନ୍ତି। ତେହରାନରେ ରହୁଥିବା ଅନ୍ୟ ସୁରକ୍ଷିତ ସ୍ଥାନ ଓ ସହରଗୁଡ଼ିକୁ ଅନେକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଯେଉଁମାନେ ଆଜରବାଇଜାନ ଏବଂ ଆର୍ମେନିଆ ଦେଇ ଯିବାକୁ ଚାହୁଁଛନ୍ତି ସେମାନଙ୍କୁ ଭିଜା ଏବଂ ସ୍ଥଳ ସୀମା କ୍ରସିଂ ସହିତ ସହାୟତା କରୁଛୁ ଯାହା ଦ୍ୱାରା ସେମାନେ ବାଣିଜ୍ୟ ବିମାନରେ ଫେରିପାରିବେ। ତେହରାନରେ ଆମର ମିଶନ ସମ୍ପ୍ରଦାୟ ସହିତ ନିରନ୍ତର ଯୋଗାଯୋଗରେ ରହିଛି ଏବଂ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରୁଛି। ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ୩ ଥର ଆଲୋଚନା କରିଛନ୍ତି।

## ରାସ୍ତା ଖାଲଖମା ପାଇଁ ନୂତନ ଜୀବନ ପାଇଲେ ମହିଳା



ପିଲିଭିତ,୧୨।୩ :ରାସ୍ତାରେ ଥିବା ଖାଲଖମା ଦୁର୍ଘଟଣା ଏବଂ ମୃତ୍ୟୁର କାରଣ ସାଜିଥାଏ, ହେଲେ ପିଲିଭିତରେ ଘଟିଛି କିଛି ଅଲଗା ଏକ ଖାଲ ଯୋଗୁଁ ନୂତନ ଜୀବନ ପାଇଲେ ମହିଳା । ସୂଚନାଅନୁସାରେ ଡାକ୍ତରଙ୍କ ଦ୍ୱାରା 'ବ୍ରେନ୍ ଡେଡ୍' ଘୋଷଣା ହୋଇସାରିଥିବା ଜଣେ ମହିଳା ଆମ୍ବୁଲାନ୍ସରେ ଫେରୁଥିବା ସମୟରେ ଏକ ବଡ଼ ଖାଲରେ ପଡ଼ି ଝଟକା ଖାଇବା ପରେ ଆଶ୍ଚର୍ଯ୍ୟଜନକ ଭାବେ ପୁଣି ବଞ୍ଚି ଉଠିଛନ୍ତି । ପୀଡ଼ିତା ମହିଳାଙ୍କ ନାମ ବିନୀତା ଶୁକ୍ଳା । ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବରେଲିର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ତାଙ୍କର ବଞ୍ଚିବାର କୌଣସି ଆଶା ନାହିଁ ଏବଂ ସେ 'ବ୍ରେନ୍ ଡେଡ୍' ହୋଇଯାଇଛନ୍ତି ବୋଲି ଡାକ୍ତରମାନେ ସ୍ପଷ୍ଟ କହିଦେଇଥିଲେ । ଏହାପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରିଦିଆଯାଇଥିଲା । ଆଉ ଘରେ ଶେଷକୃତ୍ୟ ପ୍ରସ୍ତୁତି ମଧ୍ୟ କରିଦେଇଥିଲେ । ବିନୀତାଙ୍କ ସ୍ୱାମୀ କୁଳଦୀପ କୁମାର ଶୁକ୍ଳା ଏକ ଆମ୍ବୁଲାନ୍ସ ଯୋଗେ ପତ୍ନୀଙ୍କୁ ଧରି ଘରକୁ ଫେରୁଥିଲେ । ମହିଳା ଆମ୍ବୁଲାନ୍ସରେ ଫେରୁଥିବା ସମୟରେ ଏକ ବଡ଼ ଖାଲରେ ପଡ଼ି ଝଟକା ଖାଇବା ପରେ ଆଶ୍ଚର୍ଯ୍ୟଜନକ ଭାବେ ପୁଣି ବଞ୍ଚି ଉଠିଛନ୍ତି । ଆଉ ସେ ଆମ୍ବୁଲାନ୍ସକୁ ବୁଲାଇ ପିଲିଭିତ ସ୍ଥିତ ନ୍ୟୁରୋସିଟି ହସ୍ପିଟାଲକୁ ନେଇ ବିନୀତାଙ୍କୁ ଭର୍ତ୍ତି କରିଥିଲେ । ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଚାଲିଛି ।

## ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୟୁଏଇରେ ମହଙ୍ଗା ମାଡ

### ୨୫୦ଟଙ୍କାରେ ପହଞ୍ଚିଲାଣି ଟମାଟୋ ଦର



ନୂଆଦିଲ୍ଲୀ, ୧୨।୩ : ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଏବେ ସାରା ବିଶ୍ୱରେ ମୁଣ୍ଡବିନ୍ଧାର କାରଣ। ବିଶ୍ୱ ବଜାରରେ ତୈଳ ଦରରେ ନିଆଁ ଲାଗିଥିବା ବେଳେ ରନ୍ଧନ ଗ୍ୟାସ୍ ଆରମ୍ଭ କରି ଖାଇବା ତେଲ ଯାଏଁ ସବୁ ମହଙ୍ଗା ହୋଇଗଲାଣି। ମହଙ୍ଗା ମାଡରେ ସନ୍ତୁଳି ହେଉଛନ୍ତି ଲୋକେ। ଟମାଟୋ ଏବଂ ପିଆଜ ଦର ଆକାଶ ଛୁଆଁ। ଦୁଇ ଦିନ ଭିତରେ ୟୁଏଇ ରୋଷେଇ ଘରୁ ଗାଏବ ହୋଇଗଲାଣି ପରିବା। ସୁପରମାର୍କେଟ୍‌ରେ ଟମାଟୋ କିଲୋ ପିଛା ୨୫୦ ଟଙ୍କାରେ ବିକ୍ରି। ସେହିପରି ପିଆଜ ଦର ୧୭୫ ଟଙ୍କା ଛୁଇଁଲାଣି। ଦୁବାଇର ଜଣେ ବ୍ୟକ୍ତି ଅବଦୁଲ୍ଲାଙ୍କ କହିବା ଅନୁଯାୟୀ, ମଧ୍ୟପ୍ରାଚ୍ୟରେ ଅଶାନ୍ତି ଆରମ୍ଭ ହେବା ଦିନଠୁ ଦରଦାମ୍ ବଢିବା ଆରମ୍ଭ ହୋଇଛି। କିଛି ଫଳ ଏବଂ ପରିବା ଦର ଅଚାନକ ବୃଦ୍ଧି ଘଟିଛି। ୟୁଏଇର ଅର୍ଥ ମନ୍ତ୍ରାଳୟ ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍ ପ୍ରତିଦିନ ବିଭିନ୍ନ ସ୍ଥାନରେ ରେଡ୍ କରୁଛନ୍ତି। ଦରଦାମ୍ ନିୟନ୍ତ୍ରଣ ପାଇଁ ଅଧିକରୁ ଅଧିକ ଆମଦାନୀ କରାଯାଉଛି। କଳାବଜାର ରୋକିବାକୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ରିପୋର୍ଟ ଅନୁଯାୟୀ, ୟୁଏଇରେ ଖାଇବା ତେଲ, ଦୁଗ୍ଧ ଜାତୀୟ ଜିନିଷ, ଚାଉଳ, ଚିନି, କୁକୁଡା ପାଳନ, ଡାଲି, ରୁଟି, ଏବଂ ଗହମ ଦର ସରକାର ନିୟନ୍ତ୍ରଣ କରନ୍ତି। ସରକାରଙ୍କ ବିନା ଅନୁମତିରେ ଏହି ସବୁ ଜିନିଷ ଗୁଡିକର ଦରଦାମ୍ ବୃଦ୍ଧି କରିବା ବେଆଇନ। ତେବେ ଅତ୍ୟାବଶ୍ୟକ ଜିନିଷ ୟୁଏଇରେ ମହଜୁଦ ରଖିବା ପାଇଁ ସରକାର ସମ୍ପୂର୍ଣ୍ଣ ରୂପେ ଚେଷ୍ଟା ଚଳାଇଛନ୍ତି। ଏହା ସହ ଉପଭୋକ୍ତାଙ୍କ ପାଇଁ ବହୁ ବିକଳ୍ପ ରହିଛି।

## ବିଦ୍ୟୁତ୍ ମିଟର କମ୍ପାନିରେ ଭୟାବହ ଅଗ୍ନିକାଣ୍ଡ

# ୨୬ରୁ ଅଧିକ କର୍ମଚାରୀ ଆହତ



ନୋଏଡା,୧୨।୩: ଦିଲ୍ଲୀ ସଂଲଗ୍ନ ନୋଏଡାର ସେକ୍ଟର-୪ରେ ଥିବା ଏକ ବିଦ୍ୟୁତ୍ ମିଟର ନିର୍ମାଣକାରୀ କମ୍ପାନିରେ ଗୁରୁବାର ଭୋର ସମୟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ସମ୍ପୂର୍ଣ୍ଣ କୋଠା ଧୂଆଁରେ ବୁଡ଼ି ଯାଇଥିଲା। ଦୁର୍ଘଟଣା ସମୟରେ କାରଖାନା ଭିତରେ ୨୪୦ କର୍ମଚାରୀ କାମ କରୁଥିଲେ, ସେମାନଙ୍କ ମଧ୍ୟରୁ ୨୬ରୁ ଅଧିକ କର୍ମଚାରୀ ଆହତ। ଆହତମାନଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ଚିକିତ୍ସା ଲାଗି ହସ୍ପିଟାଲକୁ ପଠାଯାଇଛି। ଘଟଣାସ୍ଥଳରେ ୨୫ ରୁ ଅଧିକ ଦମକଳ ଗାଡ଼ି ପହଞ୍ଚି ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରହିଛନ୍ତି। ଅଗ୍ନିକାଣ୍ଡର ଧୂଆଁ କିଛି କିଲୋମିଟର ଦୂରରୁ ଦେଖାଯାଉଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସୂଚନା ଅନୁସାରେ, ବି-୪୦ କ୍ୟାପିଟାଲ ପାୱାର ସିଷ୍ଟମ ଲିମିଟେଡ୍ ନାମକ ଏକ କମ୍ପାନିରେ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଭୋର ସାଢେ ୫ଟାରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଯେଉଁ ତିନି ମହଲା କୋଠାରେ ଅଗ୍ନିକାଣ୍ଡ ଘଟିଥିଲା ସେହି କୋଠାରେ ବିଦ୍ୟୁତ ମିଟର ତିଆରି ହୁଏ। ଅଗ୍ନିକାଣ୍ଡ ସମୟରେ ରାତ୍ରି ସିଫ୍ଟ କର୍ମଚାରୀମାନେ କାରଖାନା ଭିତରେ ଥିଲେ। ସୂଚନା ପାଇବା ମାତ୍ରେ ବରିଷ୍ଠ ପୁଲିସ ଅଧିକାରୀ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ କୋଠା ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ଏବଂ ନିଆଁକୁ ନିୟନ୍ତ୍ରଣ କରିବା ଉଦ୍ୟମ ଜାରି ରଖିଛନ୍ତି। ଆଇନ ଏବଂ ଶୃଙ୍ଖଳା ବିଭାଗର ଯୁଗ୍ମ କମିସନର ରାଜୀବ ନାରାୟଣ ମିଶ୍ର କହିଛନ୍ତି, ବର୍ତ୍ତମାନ ପ୍ରାଥମିକତା ହେଉଛି ନିଆଁ ଲିଭାଇବା ତଥା ଆହତମାନଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଚିକିତ୍ସା ଯୋଗାଇବା। ଅଗ୍ନିକାଣ୍ଡ ସର୍ଟ ସର୍କିଟ ଯୋଗୁଁ ହୋଇଛି ନା ଅନ୍ୟ କୌଣସି କାରଣ ଯୋଗୁଁ ହୋଇଛି ତାହା ପୁଲିସ ଏବଂ ଅଗ୍ନିଶମ ବିଭାଗ ଦ୍ୱାରା ତଦନ୍ତ କରାଯିବ।

## ଫରମାନ ଖାନଙ୍କୁ ବିବାହ କଲେ ମହାକୁମ୍ଭ ଭାଇରାଲ ଗର୍ଲ

ନୂଆଦିଲ୍ଲୀ,୧୨।୩: ମହାକୁମ୍ଭ ଭାଇରାଲ ଗର୍ଲ ମୋନାଲିସା ପୁଣି ଥରେ ଚର୍ଚ୍ଚାରେ ଆସିଛନ୍ତି। ସେ ନିଜ ପ୍ରେମିକ ଫରମାନ ଖାନଙ୍କୁ ବିବାହ କରିଛନ୍ତି। ମୋନାଲିସା ଅରୁମାନୁର ମନ୍ଦିରରେ ଫରମାନଙ୍କୁ ବିବାହ କରିଥିଲେ। ପ୍ରଶଂସକ, ଗଣମାଧ୍ୟମ ଏବଂ ରାଜନେତା ଏହି ବିବାହରେ ଯୋଗ ଦେଇଥିଲେ। ବିବାହ ରୀତିନୀତି ପରେ ଦମ୍ପତି ପୁରୋହିତଙ୍କଠାରୁ ଆଶୀର୍ବାଦ ନେଇଥିଲେ। କେରଳ ଶିକ୍ଷା ମନ୍ତ୍ରୀ ଭି. ଶିବନକୁଟ୍ଟି, ସିପିଏମ ରାଜ୍ୟ ସମ୍ପାଦକ ଏମ.ଭି. ଗୋବିନ୍ଦନ ଏବଂ ସାଂସଦ ଏ.ଏ. ରହିମ ସେମାନଙ୍କ ବିବାହରେ ଉପସ୍ଥିତ ଥିଲେ। ବିବାହରେ ମୋନାଲିସା ଏକ ଲାଲ ଶାଢ଼ି ପିନ୍ଧିଥିଲେ। ଏହାସହ ହାର ଏବଂ ସିନ୍ଦୁର ପିନ୍ଧିଥିଲେ। ଏହି ଲୁକରେ ମୋନାଲିସା ବହୁତ ସୁନ୍ଦର ଦେଖାଯାଉଥିଲେ। ମୋନାଲିସାଙ୍କ ସ୍ୱାମୀ ଜଣେ ମୁସଲମାନ। ମୋନାଲିସା ମଧ୍ୟପ୍ରଦେଶର ଇନ୍ଦୋରର ହୋଇଥିବାବେଳେ ଫରମାନ ମହାରାଷ୍ଟ୍ରର। ଉଭୟ ଦେଢ଼ ବର୍ଷ ଧରି ସମ୍ପର୍କରେ ଥିଲେ। କିନ୍ତୁ ସେମାନଙ୍କ ପରିବାର ବିବାହ ବିରୋଧରେ ଥିଲେ। ଏହି କାରଣରୁ ଦୁହେଁ କେରଳରେ ଆଶ୍ରୟ ନେଇଥିଲେ। ମୋନାଲିସା ତିରୁଭାନନ୍ତପୁରମର ଥାମ୍ପାନୁର ପୁଲିସ ଷ୍ଟେସନରେ ସୁରକ୍ଷା ମାଗିଥିଲେ। ସେ କହିଥିଲେ, ତାଙ୍କ ବାପା ବିଜୟ ସିଂହ ଭୋସଲେ ତାଙ୍କ ପସନ୍ଦର ପୁରୁଷଙ୍କୁ ବିବାହ କରିବାକୁ ତାଙ୍କୁ ଚାପ ପକାଉଥିଲେ। ମୋନାଲିସା ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଦି ଡାଏରୀ ଅଫ ମଣିପୁର' ଫିଲ୍ମରେ ନଜର ଆସିବେ। ଫିଲ୍ମର ଟ୍ରେଲର ଫେବୃଆରୀରେ ରିଲିଜ ହୋଇଥିଲା। ମୋନାଲିସା ଏହି ଫିଲ୍ମ ପାଇଁ କଠିନ ପରିଶ୍ରମ କରିଥିଲେ।

## ଇରାନ ଉପରେ ଆମେରିକାର ବିଜୟ:ଦାବି କଲେ ଟ୍ରମ୍ପ




ୱାଶିଂଟନ,୧୨।୩: ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ମନ୍ତବ୍ୟ ଦେଇ ବିଶ୍ୱକୁ ଚକିତ କରିଛନ୍ତି। କେଣ୍ଟୁକିର ହେବ୍ରନରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ସମୟରେ, ଟ୍ରମ୍ପ ଇରାନ ଯୁଦ୍ଧରେ ତାଙ୍କର ବିଜୟକୁ ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି। ସେ ଉତ୍ସାହ ଭରା ସ୍ୱରରେ କହିଛନ୍ତି ଯେ, ଅପରେସନ ଆରମ୍ଭ ହେବାର ପ୍ରଥମ ଘଣ୍ଟା ମଧ୍ୟରେ ଆମେରିକୀୟ ସେନା ସବୁକିଛି ସମାପ୍ତ କରିସାରିଛି। ଇରାନ ଯୁଦ୍ଧରେ ବିଜୟର ଏହି ଦାବି କରିବା ସମୟରେ ଟ୍ରମ୍ପ ବେଶ୍ ଖୁସି ଦେଖାଯାଉଥିଲେ। ସେ ମଞ୍ଚ ଉପରେ ନାଚି ନିଜର ଖୁସି ପ୍ରକାଶ କରିଛନ୍ତି। ଆମେ ଜିତିଛୁ। କିନ୍ତୁ ଏତେ ଶୀଘ୍ର ବିଜୟ ଘୋଷଣା କରିବାକୁ ମତେ ଭଲ ଲାଗୁନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଅଭିଯାନର ନାମ ଅପରେସନ୍ ଫ୍ୟୁରି ରଖାଯାଇଥିଲା ଟ୍ରମ୍ପ କହିଛନ୍ତି, ସାମରିକ ଅଭିଯାନର ନାମ ଅପରେସନ୍ ଫ୍ୟୁରି ରଖାଯାଇଥିଲା, ଯାହା ତାଙ୍କର ବ୍ୟକ୍ତିଗତ ପସନ୍ଦ ଥିଲା। ଆମେରିକୀୟ ସାମରିକ ଅଧିକାରୀମାନେ ମତେ ପ୍ରାୟ ୨୦ ସମ୍ଭାବ୍ୟ ନାମର ଏକ ତାଲିକା ପ୍ରଦାନ କରିଥିଲେ, ଯେଉଁଥିରୁ ଏପିକ୍ ଫ୍ୟୁରି ସବୁଠାରୁ ଉପଯୁକ୍ତ ଥିଲା। ମୁଁ ଅନ୍ୟ ନାମଗୁଡ଼ିକୁ ପସନ୍ଦ କରିନଥିଲି ବୋଲି ଟ୍ରମ୍ପ୍ କହିଛନ୍ତି। କିନ୍ତୁ ମୁଁ ଏପିକ୍ ଫ୍ୟୁରି ଦେଖିବା ମାତ୍ରେ କହିଥିଲି ଯେ ମୋତେ ଏହା ପସନ୍ଦ ଆସିଛି। ସେ ମଜାଳିଆ ଭାବେ ରାଲିରେ ଜମା ହୋଇଥିବା ଭିଡ଼କୁ ପଚାରିଛନ୍ତି ଯେ, ସେମାନେ ଏହି ନାମକୁ ଚମତ୍କାର ଏବଂ ପ୍ରଭାବଶାଳୀ ଲାଗିଲା କି ନାହିଁ ? ଟ୍ରମ୍ପଙ୍କ ଅନୁସାରେ, ଆମେରିକୀୟ ସେନା ପ୍ରଭାବଶାଳୀ ଭାବରେ ଇରାନ ସାମରିକ ଭିତ୍ତିଭୂମିକୁ ଧ୍ୱଂସ କରିଦେଇଛି। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ମିଶନ ସମ୍ପୂର୍ଣ୍ଣ ଭାବରେ ସମାପ୍ତ ନହେବା ପର୍ଯ୍ୟନ୍ତ ଆମେରିକା ସୈନ୍ୟ ପ୍ରତ୍ୟାହାର କରିବେ ନାହିଁ। ଇରାନ ଗତ ୪୭ ବର୍ଷ ଧରି ଆମ ଲୋକଙ୍କୁ ହତ୍ୟା କରିଆସୁଛି, ଏବଂ ଏହାକୁ ବନ୍ଦ କରିବା ଜରୁରୀ ଥିଲା। ଟ୍ରମ୍ପ ତାଙ୍କ ସେନାର ସାହସିକତାକୁ ପ୍ରଶଂସା କରି ଇରାନ ନୌସେନାର ପ୍ରବଳ କ୍ଷତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ସେ ଦାବି କରିଛନ୍ତି ଆମେରିକାର ଆକ୍ରମଣରେ ୫୮ଟି ଇରାନୀ ନୌସେନା ଜାହାଜ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ତାଙ୍କ ଅନୁସାରେ, ଇରାନର ସାମରିକ କ୍ଷମତା ଯୁଦ୍ଧରେ ବଡ଼ ଏବଂ ସବୁଠାରୁ ବିନାଶକାରୀ ଆଘାତ ପାଇଛି। ଆମ ସୈନ୍ୟବାହିନୀ ଯୁଦ୍ଧର ପ୍ରଥମ ଦୁଇ ଦିନ ମଧ୍ୟରେ ୫୪ଟି ଜାହାଜକୁ ନଷ୍ଟ କରିଦେଇଥିଲେ। ଏବେ ଇରାନ ଉପରେ ଟାର୍ଗେଟ କରି ଆକ୍ରମଣ କରିବା ଭଳି ଆଉ କିଛି ନାହିଁ ବୋଲି ଟ୍ରମ୍ପ ଉତ୍ସାହିତ ହୋଇ ନାଚି ନାଚି କହିଛନ୍ତି।

## ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ

# ଅଳ୍ପକେ ବର୍ତ୍ତିଲେ ଫାରୁକ୍



### ୨୦ବର୍ଷ ହେଲା ଫାରୁକ୍‌ଙ୍କୁ ହତ୍ୟା କରିବାକୁ ଚାହୁଁଥିଲା ଅଭିଯୁକ୍ତ

ଶ୍ରୀନଗର,୧୨।୩: ଫାରୁକ୍ ଅବଦୁଲ୍ଲାଙ୍କୁ ମାରିବା ପାଇଁ ହତ୍ୟା ଉଦ୍ୟମ । ଅଳ୍ପକେ ବର୍ତ୍ତିଲେ ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ। ଜମ୍ମୁରେ ଏକ ହୋଟେଲରେ କାର୍ଯ୍ୟକ୍ରମବେଳେ ଫାରୁକଙ୍କ ଉପରେ ଗୁଳିମାଡ ହୋଇଥିଲା। ଜମ୍ମୁ-କାଶ୍ମୀର ନ୍ୟାସନାଲ କନଫରେନ୍ସ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କ ଗାଡ଼ି ଉପରକୁ ଜଣେ ବନ୍ଧୁକଧାରୀ ଗୁଳି ଚଳାଇବାକୁ ଚେଷ୍ଟା କରିଥିଲେ। ଦୁର୍ବୃତ୍ତ ଜଣକ ଅତି ନିକଟରୁ ଫାରୁକ୍ ଅବଦୁଲ୍ଲାଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା। ଜମ୍ମୁର ଗ୍ରେଟର କୈଳାସ ଅଞ୍ଚଳରେ ଏକ ବିବାହ ଉତ୍ସବରୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସୌଭାଗ୍ୟବଶତଃ, ଫାରୁକ୍ ଅବଦୁଲ୍ଲା ଏବଂ ତାଙ୍କ ସହ ଗାଡ଼ିରେ ଥିବା ଉପ-ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। କାହାରିକୁ କୌଣସି ଆଘାତ ଲାଗିନାହିଁ। ସୁରକ୍ଷାକର୍ମୀମାନେ ତୁରନ୍ତ ଦୁର୍ବୃତ୍ତକୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅଭିଯୁକ୍ତର ନାମ କମଲ ସିଂ ଜାମୱାଲ। ସେ ବ୍ୟବହାର କରିଥିବା ବନ୍ଧୁକଟି ଲାଇସେନ୍ସପ୍ରାପ୍ତ। ଅଭିଯୁକ୍ତ କହିଛି, ସେ ୨୦ ବର୍ଷ ହେଲା ଫାରୁକ ଅବଦୁଲ୍ଲାଙ୍କୁ ହତ୍ୟା କରିବାକୁ ଚାହୁଁଥିଲା। ଜମ୍ମୁ ପୁରୁଣା ମଣ୍ଡି ଅଞ୍ଚଳରେ କମଲ ସିଂର ଘର। ତେବେ ପୋଲିସ ଆକ୍ରମଣ ପଛର ପ୍ରକୃତ କାରଣ ଖୋଜୁଛି। ବର୍ତ୍ତମାନ ସୁଦ୍ଧା ଏହା ସହିତ କୌଣସି ଆତଙ୍କବାଦୀ ସଂଗଠନର ଲିଙ୍କ୍ ସମ୍ପୃକ୍ତି ଥିବା ପ୍ରମାଣ ମିଳିନାହିଁ।

## ରୁଷ୍‌ରୁ ଆସୁଛି ପ୍ରଚୁର ତୈଳ

# ଦୂର ହେବ ତୈଳ ସଙ୍କଟ




ନୂଆଦିଲ୍ଲୀ,୧୨।୩: ଆମେରିକା ଲଗାଇଥିବା କଟକଣା ସାମୟିକ ହଟାଇବା ପରେ ଭାରତ ପୁଣି ଥରେ ରୁଷରୁ ବିପୁଳ ପରିମାଣର ତୈଳ କ୍ରୟ ଆରମ୍ଭ କରିଛି। ଭାରତୀୟ ତୈଳ କମ୍ପାନିଗୁଡିକ ରୁଷରୁ ୩୦ ନିୟୁତ ବ୍ୟାରେଲ ତେଲ କିଣିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ତେଲ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଥିବା ବେଳେ ଏହି ତେଲ ବଜାରରେ ସ୍ଥିରତା ଫେରାଇ ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଆମେରିକା କଟକଣା ଲଗାଇବା ପରେ ଗତବର୍ଷଠାରୁ ଭାରତ ରୁଷରୁ ତେଲ କିଣା ବନ୍ଦ କରି ସାଉଦି ଆରବ ଓ ଇରାନରୁ ଅଧିକ ତେଲ କିଣୁଥିଲା। କିନ୍ତୁ ଇରାନ ସହ ଇସ୍ରାଏଲ ଓ ଆମେରିକା ଯୁଦ୍ଧ କରିବା ପରେ ସେହି ଯୋଗାଣ ପ୍ରଭାବିତ ହୋଇଛି। ସେଥିପାଇଁ ସାମୟିକ ଆଶ୍ୱସ୍ତି ସ୍ୱରୂପ ୩୦ ଦିନ ପାଇଁ ରୁଷରୁ ଭାରତ ତେଲ କିଣିପାରିବ ବୋଲି ଆମେରିକା ଅନୁମତି ଦେଇଛି। ଭାରତୀୟ କମ୍ପାନି ଇଣ୍ଡିଆନ ଅଏଲ୍ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷ୍‌ରୁ ଅଧିକ ତେଲ କିଣୁଛନ୍ତି। ଇଣ୍ଡିଆନ ଅଏଲ୍ ୧୦ ନିୟୁତ ବ୍ୟାରେଲ୍ ରୁଷ ତେଲ କିଣିଛି। ରିଲାଏନ୍ସ ମଧ୍ୟ ସମାନ ପରିମାଣର ତେଲ କ୍ରୟ କରିଛି। ଯୁଦ୍ଧ ପୂର୍ବରୁ ରୁଷ ତେଲ ରିହାତିରେ ମିଳୁଥିଲା। ଏବେ କିନ୍ତୁ ତାହା ବ୍ରେଣ୍ଟ୍ କ୍ରୁଡ୍ ଦରଠାରୁ ୨ରୁ ୮ ଡଲାର ପର୍ଯ୍ୟନ୍ତ ପ୍ରିମିୟମରେ ବିକ୍ରି ହେଉଛି। ଆମେରିକା କଟକଣା ହଟାଇବା ପରେ ବିଭିନ୍ନ ବନ୍ଦର ଓ ସମୁଦ୍ର ପଥରେ ଥିବା ରୁଷ ତେଲ ଜାହାଜଗୁଡିକ ଭାରତ ଆଡକୁ ମୁହାଁଇଛନ୍ତି। ଯାତ୍ରା ଆରମ୍ଭ କରିବା ପୂର୍ବରୁ ଏହି ଜାହାଜଗୁଡିକ ସିଙ୍ଗାପୁର ଅଭିମୁଖେ ଯାତ୍ରା କରୁଥିଲେ। ଚୀନ ଲାଗି ତେଲ ଲୋଡ୍ କରିଥିବା କିଛି ଜାହାଜ ମଧ୍ୟ ନିଜ ଦିଗ ପରିବର୍ତ୍ତନ କରି ଭାରତ ଆସୁଛନ୍ତି। ପାରମ୍ପରିକ ଭାବେ ରୁଷଠାରୁ ଭାରତ ତେଲ କିଣୁନଥିଲା। ମାତ୍ର ୨୦୨୨ରେ ରୁଷ୍-ୟୁକ୍ରେନ ଯୁଦ୍ଧ ପରେ ବିପୁଳ ରିହାତିରେ ରୁଷ୍ ତେଲ ବିକ୍ରି କରିବା ପରେ ଭାରତ ସର୍ବାଧିକ ପରିମାଣର ତେଲ ସେଠାରୁ କିଣିଥିଲା। ଭାରତର ସେହି ଆଭିମୁଖ୍ୟକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସହ୍ୟ କରିପାରିନଥିଲେ। ଯୁଦ୍ଧ ଲାଗି ରୁଷକୁ ଭାରତ ପାଣ୍ଠି ଯୋଗାଉଥିବା ଅଭିଯୋଗ କରିବା ପରେ ବିଭିନ୍ନ ଉପାୟରେ ଭାରତକୁ ଚାପରେ ରଖିବାକୁ ଉଦ୍ୟମ କରିଥିଲେ। ଶେଷରେ ଉଭୟ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ରୁଷ ତେଲ ଉପରେ କଟକଣା ଲଗାଇବା ପରେ ଭାରତକୁ ଆଉ ସେହି ତେଲ କିଣିବା ସହଜ ହୋଇନଥିଲା।

## ପୁଣି ଲୋକସଭା ବାଚସ୍ପତି ଆସନରେ ବସିଲେ ଓମ୍‌ବିର୍ଲା

### ନିୟମ ଊର୍ଦ୍ଧ୍ୱରେ କୌଣସି ସଦ୍ୟସ ନୁହଁନ୍ତି ବିର୍ଲା କହିଛନ୍ତି

ନୂଆଦିଲ୍ଲୀ, ୧୨।୩:ଅନାସ୍ଥା ପ୍ରସ୍ତାବ ଖାରଜ ପରେ ଲୋକସଭା ବାଚସ୍ପତି ଆସନରେ ବସିଲେ ଓମ୍ ବିର୍ଲା। ବିରୋଧୀଙ୍କ ପ୍ରତିଟି ଅଭିଯୋଗର ଉତ୍ତର ରଖିଲେ ଓମ୍ ବିର୍ଲା। ନିୟମ ଊର୍ଦ୍ଧରେ କୌଣସି ସଦ୍ୟସ ନୁହଁନ୍ତି ବୋଲି ବିର୍ଲା କହିଛନ୍ତି। ଗୃହ କାର୍ଯ୍ୟକୁ ଠିକ ଭାବେ ପରିଚାଳନା କରିବା ମୋ ଦାୟିତ୍ୱ। ମୁଁ ଗୃହର ଗରିମା ବୃଦ୍ଧି ପାଇଁ ସବୁବେଳେ ଉଦ୍ୟମରତ। ନିରପେକ୍ଷ ଭାବେ ଗୃହ କାର୍ଯ୍ୟ ପରିଚାଳନା ପାଇଁ ଚେଷ୍ଟା କରିଛି। ମାଇକ ସୁଇଚ୍ କୁ ଅଫ୍ କରାଯାଇଥିବା ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କଲେ। ବାଚସ୍ପତି ଆସନ ନିକଟରେ କୌଣସି ମାଇକ ସୁଇଚ ନଥାଏ। କୌଣସି ସଦସ୍ୟଙ୍କ ପ୍ରତି ମୁଁ ପକ୍ଷପାତିତା କରିନି ବୋଲି ଓମ୍ ବିର୍ଲା କହିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ପ୍ରବଳ ହଟ୍ଟଗୋଳ ଓ ନାରାବାଜି ମଧ୍ୟରେ ବାଚନିକ ଭୋଟ୍ ଜରିଆରେ ଏହି ପ୍ରସ୍ତାବକୁ ଖାରଜ କରାଯାଇଛି। ସଂଖ୍ୟା ଦୃଷ୍ଟିରୁ ଏନଡିଏ ପକ୍ଷ ଶକ୍ତିଶାଳୀ ଥିବାରୁ ଏହି ପ୍ରସ୍ତାବ କାଟ୍ ହେବା ପୂର୍ବରୁ ଅନୁମାନ କରାଯାଉଥିଲା। ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ବେଳେ ଗୃହମନ୍ତ୍ରୀ ଅମିତ ଶାହ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## ଏପ୍ରିଲ ୧୯ରୁ ଆରମ୍ଭ ହେବ ଚାରିଧାମ ଯାତ୍ରା

# କେଦାରନାଥ ଓ ବଦ୍ରିନାଥ ପରିସରରେ ଅଣହିନ୍ଦୁଙ୍କୁ ବାରଣ



ନୂଆଦିଲ୍ଲୀ,୧୨।୩ : ୨୦୨୬ ଏପ୍ରିଲ ୧୯ ତାରିଖରୁ ଉତ୍ତରାଖଣ୍ଡ ଚାରିଧାମ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏହି ଦିନ ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀ ମନ୍ଦିରର ଦ୍ୱାର ଖୋଲିବ। ତୀର୍ଥଯାତ୍ରୀଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ମାର୍ଚ୍ଚ ୬ ତାରିଖରୁ ଆରମ୍ଭ ହୋଇଥିଲା। ସରକାର ତୀର୍ଥଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ପାଇଁ ବ୍ୟବସ୍ଥା କରୁଛନ୍ତି । ସରକାର ପୂର୍ବରୁ ଚାରିଧାମ ମନ୍ଦିରରେ ମୋବାଇଲ୍ ଫୋନ୍ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇସାରିଛନ୍ତି। ଏହି ସମୟରେ, ବଦ୍ରିନାଥ-କେଦାର ମନ୍ଦିର କମିଟି ଅଣହିନ୍ଦୁମାନଙ୍କୁ ମନ୍ଦିର ପ୍ରବେଶରୁ ନିଷେଧ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଆଗାମୀ ଚାରିଧାମ ଯାତ୍ରା ସମୟରେ କେଦାରନାଥ ଏବଂ ବଦ୍ରିନାଥ ମନ୍ଦିର ପରିସରରେ ଅଣହିନ୍ଦୁମାନଙ୍କୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ବିକେଟିସି ଏହାର ଅଧିକାର କ୍ଷେତ୍ର ଅନ୍ତର୍ଗତ ୪୫ଟି ଅନ୍ୟ ମନ୍ଦିରରେ ମଧ୍ୟ ଅଣହିନ୍ଦୁମାନଙ୍କୁ ପ୍ରବେଶରୁ ନିଷେଧ କରିଛି । ବିକେଟିସି ସଭାପତି ହେମନ୍ତ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଡେରାଡୁନରେ ମନ୍ଦିର କମିଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବଜେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । କମିଟି ଚାରଧାମ ମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ନିଷେଧ କରିବା ଉପରେ ବିଚାର କରୁଛି । ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ଆସନ୍ତା ମାସରୁ ଆରମ୍ଭ ହେଉଥିବା ତୀର୍ଥଯାତ୍ରା ସହିତ କାର୍ଯ୍ୟକାରୀ ହେବ, ଏବଂ ଅଣହିନ୍ଦୁ ମାନେ ଆଉ ମନ୍ଦିର ପରିସର ଏବଂ ଗର୍ଭଗୃହରେ ପ୍ରବେଶ କରିପାରିବେ ନାହିଁ । ସେ ପୂର୍ବରୁ କହିଥିଲେ ଯେ ଅଣ-ହିନ୍ଦୁଙ୍କ ପ୍ରବେଶ ନିଷେଧ ଆଦି ଶଙ୍କରାଚାର୍ଯ୍ୟଙ୍କ ସମୟରୁ ଆରମ୍ଭ ହୋଇଥିଲା । ଏହି ବୈଠକରେ କମିଟି ଚାରିଧାମ ଯାତ୍ରାର ପ୍ରସ୍ତୁତିକୁ ହିସାବକୁ ନେଇ ଆଗାମୀ ଆର୍ଥିକ ବର୍ଷ ପାଇଁ ଆନୁମାନିକ ବଜେଟକୁ ଅନୁମୋଦନ କରିଛି । ୨୦୨୬-୨୭ ବର୍ଷ ପାଇଁ ମୋଟ୍ ୧୨୧ କୋଟି ଟଙ୍କାର ବଜେଟ ମଧ୍ୟରୁ ବଦ୍ରିନାଥ ଧାମ ପାଇଁ ୫୭.୫ କୋଟି ଏବଂ କେଦାରନାଥ ଧାମ ପାଇଁ ୬୩.୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ତେବେ ସୂଚନା ଅନୁସାରେ କେଦାରନାଥ ମନ୍ଦିରର ଦ୍ୱାର ଏପ୍ରିଲ ୨୨ରେ ଖୋଲିବ । ଯେତେବେଳେ ବଦ୍ରିନାଥ ମନ୍ଦିରର ଦ୍ୱାର ୨୩ ଏପ୍ରିଲ ୨୦୨୬ରେ ଖୋଲିବ । ୧୯ ଏପ୍ରିଲ ଅକ୍ଷୟ ତୃତୀୟା ଅବସରରେ ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀର ଦ୍ୱାର ମଧ୍ୟ ଖୋଲାଯିବ ।

## ସବୁ ଦେଶ ଉପରେ ଚାପ ସୃଷ୍ଟି କରୁଛି ୟୁଏସ୍

# ଭାରତ ଉପରେ ପୁଣି ଟାରିଫ୍ ଲଗାଇବ ଆମେରିକା




ନୂଆଦିଲ୍ଲୀ,୧୨।୩: ଆମେରିକା ଉପରେ ସମ୍ପୂର୍ଣ୍ଣ ଭରସା କରିବା ମୁସ୍କିଲ । ପରିସ୍ଥିତି ଏପରି ହୋଇଛି ଯେ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ନୀତିଗୁଡ଼ିକରେ ଅସ୍ଥିରତା ଦେଖାଦେଇଛି। ବର୍ତ୍ତମାନ ଟ୍ରମ୍ପ ଶୁଳ୍କକୁ ନେଇ ସବୁ ଦେଶକୁ ବ୍ଲାକମେଲ କରୁଛନ୍ତି। ବିଶ୍ୱମଞ୍ଚରେ ସବୁ ଦେଶ ଉପରେ ଚାପ ସୃଷ୍ଟି କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ସେ ଭାରତ, ଚୀନ୍ ଏବଂ ଅନ୍ୟ ଅନେକ ଦେଶର ବାଣିଜ୍ୟ ନୀତି ଉପରେ ଏକ ନୂତନ ତଦନ୍ତ ଆରମ୍ଭ କରିଛନ୍ତି। ଏହି ତଦନ୍ତ ପରେ, ଏହି ଦେଶଗୁଡ଼ିକ ଉପରେ ନୂତନ ଶୁଳ୍କ ଲାଗୁ କରିବାର ସମ୍ଭାବନା ରହିଛି। ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ଆମେରିକା ସହିତ ବାଣିଜ୍ୟ କରୁଥିବା ୧୬ ପ୍ରମୁଖ ସହଯୋଗୀ ଦେଶ ବିରୁଦ୍ଧରେ ଏକ ନୂତନ ତଦନ୍ତ ଆରମ୍ଭ କରିଛି। ଏହି ତଦନ୍ତର ଉଦ୍ଦେଶ୍ୟ ହେଉଛି ଏହି ଦେଶଗୁଡ଼ିକ ଆମେରିକା ସହିତ ବାଣିଜ୍ୟ କରିବା ସମୟରେ 'ଅନୁଚିତ ବାଣିଜ୍ୟ ଅଭ୍ୟାସ' ରେ ଲିପ୍ତ ଅଛନ୍ତି କି ନାହିଁ ତାହା ନିର୍ଣ୍ଣୟ କରିବା। ଏହି ତଦନ୍ତରେ ଅନ୍ତର୍ଭୁକ୍ତ ଦେଶଗୁଡ଼ିକ ମଧ୍ୟରେ ଭାରତ, ଚୀନ୍ ଏବଂ ବାଂଲାଦେଶ ମଧ୍ୟ ରହିଛି। ଯୁକ୍ତରାଷ୍ଟ୍ର ଦେଖିବାକୁ ଚାହୁଁଛି ଯେ ଏହି ଦେଶଗୁଡ଼ିକର ନୀତିଗୁଡ଼ିକ ଆମେରିକୀୟ ବାଣିଜ୍ୟ ପାଇଁ କ୍ଷତିକାରକ କି ନାହିଁ। ଗତ ମାସରେ ଆମେରିକାର ସୁପ୍ରିମକୋର୍ଟ ପୂର୍ବରୁ ଲାଗୁ ହୋଇଥିବା କିଛି ଶୁଳ୍କକୁ ଅବୈଧ ବୋଲି କହି ଖାରଜ କରିଥିଲେ। ସରକାର ଏବେ ଏକ ନୂତନ ତଦନ୍ତ ଆରମ୍ଭ କରିଛନ୍ତି। ଯାହା ପୁଣି ଶୁଳ୍କ ଲାଗୁ କରିବାର ସମ୍ଭାବନା ବୃଦ୍ଧି କରିଛି। ଏହି ତଦନ୍ତ ଭାରତ, ଚୀନ୍, ଇୟୁ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ତାଇୱାନ, ଭିଏତନାମ, ଥାଇଲ୍ୟାଣ୍ଡ, ମାଲେସିଆ, କାମ୍ବୋଡିଆ, ସିଙ୍ଗାପୁର, ଇଣ୍ଡୋନେସିଆ, ବାଂଲାଦେଶ, ସ୍ୱିଜରଲ୍ୟାଣ୍ଡ ଏବଂ ନରୱେକୁ ସିଧାସଳଖ ପ୍ରଭାବିତ କରିପାରେ। ଏହା ୬୦ଟି ବାଣିଜ୍ୟିକ ଅଂଶୀଦାର ଦେଶ ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ସମ୍ଭାବ୍ୟ ଭାବରେ ବିଶ୍ୱବ୍ୟାପୀ ଯୋଗାଣ ଶୃଙ୍ଖଳକୁ ପ୍ରଭାବିତ କରିବ। ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକାର ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ଲାଗିଛି। ଫେବୃଆରୀ ୨୦ ତାରିଖରେ, ସୁପ୍ରିମକୋର୍ଟ ଜାତୀୟ ଜରୁରୀକାଳୀନ ଆଇନ ଅନୁଯାୟୀ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ବିଶ୍ୱବ୍ୟାପୀ ଶୁଳ୍କକୁ ଅବୈଧ ଘୋଷଣା କରି ଖାରଜ କରିଥିଲେ। ଏହା ପରେ, ଟ୍ରମ୍ପ ପ୍ରଶାସନ ଏକ ନୂଆ ପଦ୍ଧତି ଗ୍ରହଣ କରିଥିଲା। ସେମାନେ ୧୯୭୪ ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ ୧୫୦ ଦିନ ପାଇଁ ଏକ ଅସ୍ଥାୟୀ ୧୦% ଶୁଳ୍କ ଲାଗୁ କରିଥିଲେ।

## ଇରାନ ସହିତ ଏସ. ଜୟଶଙ୍କରଙ୍କ ଆଲୋଚନା ସୁଫଳ

### ଭାରତୀୟ ପତାକାଯୁକ୍ତ ଟ୍ୟାଙ୍କରଗୁଡ଼ିକୁ ପଥ ପ୍ରଦାନ କରିଛି ଇରାନ

ନୂଆଦିଲ୍ଲୀ,୧୨।୩: ଭାରତ ଏବଂ ଇରାନ ମଧ୍ୟରେ ହୋଇଥିବା ଆଲୋଚନାର ସୁଫଳ ମିଳିଛି। ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ମଧ୍ୟରେ ଆଲୋଚନା ପରେ, ଇରାନ ଭାରତୀୟ ପତାକାଯୁକ୍ତ ଟ୍ୟାଙ୍କରଗୁଡ଼ିକୁ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ପଥ ପ୍ରଦାନ କରିଛି। ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା, ୟୁରୋପ ଏବଂ ଇସ୍ରାଏଲର ଜାହାଜଗୁଡ଼ିକ ପ୍ରତିବନ୍ଧକ ଏବଂ ଆକ୍ରମଣର ବିପଦର ସମ୍ମୁଖୀନ ହେଉଛନ୍ତି। କୂଟନୈତିକ ଚୁକ୍ତିର କିଛି ସମୟ ପରେ, ଦୁଇଟି ଭାରତୀୟ ଟ୍ୟାଙ୍କର, 'ପୁଷ୍ପକ' ଏବଂ 'ପରିମଳ', ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଭାବରେ ପରିବହନ କରୁଥିବା ଦେଖାଯାଇଥିଲା। ଆଞ୍ଚଳିକ ଉତ୍ତେଜନା ଯୋଗୁ ଅନେକ ଦେଶର ଜାହାଜଗୁଡ଼ିକ ଗମ୍ଭୀର ବିପଦର ସମ୍ମୁଖୀନ ହେଉଥିବା ସମୟରେ ସେମାନଙ୍କର ସୁରକ୍ଷିତ ପଥ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ। ଏହି ଆଶ୍ୱସ୍ତି ଏପରି ସମୟରେ ଆସିଛି ଯେତେବେଳେ ହର୍ମୁଜ ପ୍ରଣାଳୀ ପାଖରେ ଆକ୍ରମଣ ବୃଦ୍ଧି ପାଇଛି।



## ଜିଲ୍ଲା ପ୍ରଶାସନ ପକ୍ଷରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯାତ୍ରାର ଶୁଭାରମ୍ଭ



ବଲାଙ୍ଗିର,୧୨।୩ (ଦେବେନ୍ଦ୍ର) : ବଲାଙ୍ଗିର ଜିଲ୍ଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ ଏବଂ ରାଜ୍ୟ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଏବଂ ଯାତ୍ରା କରୁଥିବା ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ଶ୍ରଦ୍ଧାଳୁମାନଙ୍କ ଦର୍ଶନ କିପରି ଭଲରେ ହେବ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ସମୁଦାୟ ୧୮୫ ଜଣ ବରିଷ୍ଠ ନାଗରିକ ଏବଂ ବିଧବା ମା'ମାନେ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଯାତ୍ରୀମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ୫ଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି । ଯାତ୍ରୀମାନଙ୍କ ସୁବିଧା ବୁଝିବା ପାଇଁ ୫ ଜଣ ଏସକର୍ଟ ଅଫିସର, ୫ ଜଣିଆ ମେଡିକାଲ ଟିମ୍ ଏବଂ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମର ୫ ଜଣ ସୁପରଭାଇଜର ନିୟୋଜିତ କରାଯାଇଅଛି । ଯାତ୍ରା ଆରମ୍ଭ ପୂର୍ବରୁ ସମସ୍ତ ଶ୍ରଦ୍ଧାଳୁଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ଏବଂ ସେମାନଙ୍କୁ ଆବଶ୍ୟକୀୟ ଜରୁରୀକାଳୀନ ଔଷଧ ମଧ୍ୟ ପ୍ରଦାନ କରାଯାଇଛି । ଶ୍ରଦ୍ଧାଳୁମାନେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ବଲାଙ୍ଗିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ । ଏହି ଯାତ୍ରା ବରିଷ୍ଠ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅନେକ ଉତ୍ସାହ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମରେ ସନ୍ଦୀପ କୁମାର କୁଅଁର ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ପର୍ଯ୍ୟଟନ ବିଭାଗର କର୍ମଚାରୀ ନୀଳାଞ୍ଚଳ ଦୀପ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

## ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବିଭାଗ

ଆଠଗଡ଼,୧୨।୩(ଅବିନାଶ ଦାସ): ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରିଛି ଅଗ୍ନିଶମ ବିଭାଗ ।ସୂଚନା ଅନୁଯାୟୀ ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ନିକଟ ଜଙ୍ଗଲରେ ଗତକାଲି ରାତିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ଲୋକ ଏହା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ତିଗିରିଆ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।



## ବୃହତ୍ ବୃକ୍ଷରୋପଣ ଅଭିଯାନ ଉଦ୍‌ଘାଟିତ




ଗୋଲାମୁଣ୍ଡା,୧୨।୩(ଅକ୍ଷର ଓଡ଼ିଶା): କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ବିଭାଗ ଆନୁକୂଲ୍ୟରେ ଅଧକ୍ଷ ସରୋଜକାନ୍ତ ରଥଙ୍କ ଉପସ୍ଥିତି ଓ ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ାଙ୍କ ସାକାର ଉଦ୍ୟମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ମେଗା ବୃକ୍ଷରୋପଣ ଅଭିଯାନ ଉଦଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ । ଯୁବ ରେଡ଼କ୍ରସ୍ ,ଓଡ଼ିଶା ରାଜ୍ୟ ଶାଖାର ସହାୟତାରେ ଏହି ବୃହତ୍ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ , ସୁସ୍ଥ ପରିବେଶ ସହିତ ସ୍ୱପ୍ନସଜଡ଼ା ଜୀବନକୁ ସବୁଜ-ସୁନ୍ଦର କରୁଥିବା ଅନ୍ୟୁନ ଏକଶତ ଉପାଦେୟ ବୃକ୍ଷ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ଛାତ୍ର-ଛାତ୍ରୀମାନେ ଚଳିତ ୨୦୨୫-୨୬ ବର୍ଷର ବର୍ଷା ଋତୁରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରୋପଣ କରିଥିଲେ । ସେଗୁଡ଼ିକର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ପାଇଁ ପଦକ୍ଷେପ ସ୍ୱରୂପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ବିଭାଗ ତରଫରୁ ଲୁହା ତାରଜାଲି ବାଡ଼ ଦିଆଯିବା ସହିତ ନବନିର୍ମିତ ପାଣିଟାଙ୍କିରୁ ପାଇପ୍ ମାଧ୍ୟମରେ ସବୁ ବୃକ୍ଷମୂଳକୁ ବୁନ୍ଦା ଜଳସେଚନର ବ୍ୟବସ୍ଥା କରାଯାଇଛି ଓ ପ୍ରତ୍ୟେକ ବୃକ୍ଷରେ ବୃକ୍ଷରୋପଣ ସମ୍ପର୍କିତ ବିଭିନ୍ନ ଜନସଚେତନ ମୂଳକ ସ୍ଲୋଗାନ ଓ ବାର୍ତ୍ତା ଦିଆଯାଇଛି । ଏଥି ସହିତ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ପାଣି ପାଇଁ ତହଲବିକଳ ହୋଇ କଥା କହିପାରୁ ନଥିବା ନିରୀହ ପଶୁ-ପକ୍ଷୀଙ୍କ ଲାଗି ସିମେଣ୍ଟରେ ପ୍ରସ୍ତୁତ ପାଣିଭର୍ତ୍ତି ପାତ୍ରମାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୁବ୍ୟବସ୍ଥିତ କରାଯାଇଛି । ଶତାଧିକ ବୃକ୍ଷ ରୋପଣ ସହିତ ଉପଯୁକ୍ତ ଯତ୍ନ ଓ ସୁରକ୍ଷା ଦେଇ ସେଗୁଡିକୁ ବଞ୍ଚାଇ ସବୁଜ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଦଘାଟନୀ କାର୍ଯ୍ୟକ୍ରମରେ ଅଧକ୍ଷ ମତ ବ୍ୟକ୍ତ କରିଥିଲେ ।

### ବୁନ୍ଦା ଜଳସେଚନ ଯୋଗେ ବୃକ୍ଷର ଯତ୍ନ

### ଶବ ଆଣିବା ପାଇଁ ସରକାରଙ୍କୁ ଅନୁରୋଧ କଲେ ଗ୍ରାମବାସୀ

## ବାଙ୍ଗାଲୋରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ପାରଳାଖେମୁଣ୍ଡି,୧୨।୩( ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲାର ନିଜ ଭିଟାମିଟି ଛାଡି ଗତ ୭ ବର୍ଷ ତଳେ ପରିବାର ପରିପୋଷଣ ପାଇଁ ଦାଦନ ଶ୍ରମିକ ଭାବେ ବାଙ୍ଗାଲୋର ଯାଇଥିଲେ ଶୋଭିତ ବିରୋ, ଗତକାଲି ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ବାଙ୍ଗାଲୋରଠାରୁ ମୃତ ଦାଦନ ଶ୍ରମିକଙ୍କ ଶବକୁ ଫେରାଇ ଆଣିବା ପାଇଁ ତାଙ୍କ ଗ୍ରାମର ଗ୍ରାମବାସୀମାନେ ସରକାରଙ୍କୁ ନିବେଦନ କରିଛନ୍ତି । ଘଟଣାରୁ ପ୍ରକାଶ, ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଳିଗଡ଼ ଗ୍ରାମର ଶୋଭିତ ବିରୋ ଗତ ୭ ବର୍ଷ ତଳେ ଦାଦନ ଶ୍ରମିକ ଭାବେ ବାଙ୍ଗାଲୋର ଯାଇ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଗତ ସୋମବାର ଦିନ ତାଙ୍କର ଦେହ ଅସୁସ୍ଥ ହୋଇପଡିବାରୁ ଚିକିତ୍ସା ପାଇଁ ବାଙ୍ଗାଲୋର ସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଗତକାଲି ମଙ୍ଗଳବାର ଦିନ ହୃଦଘାତରେ ସେଠାରେ ତାଙ୍କର ମୃତ ଘଟିଛି । ଗଜପତିରେ ଥିବା ତାଙ୍କ ଗ୍ରାମ ଛେଳିଗଡ଼ ଗ୍ରାମରେ ଜଣା ପଡିବା ପରେ ଗଭୀର ଶୋକ ପ୍ରକାଶ ପାଇଛି । ଶ୍ରମିକ ଜଣକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ଶବକୁ ତାଙ୍କ ନିଜ ଗ୍ରାମ ଛେଳିଗଡ଼ ଗ୍ରାମକୁ ଆଣିବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି ।

## ୨ ଜଣ ଯୁବ ଚିତ୍ରଶିଳ୍ପୀଙ୍କ କଳା ପ୍ରଦର୍ଶନ

ସମ୍ବଲପୁର, ୧୨।୩ (ଅକ୍ଷର ଓଡ଼ିଶା): ୫ ତାରିଖରୁ ଭିଏତନାମ ହାନୋଇ ସହରରେ ୨ୟ ଥର ପାଇଁ ଆନ୍ତର୍ଜାତୀୟ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଭାରତ ସହ ବିଶ୍ୱର ୧୨ଗୋଟି ପ୍ରମୁଖ ରାଷ୍ଟ୍ରର ବିଶିଷ୍ଟ ଚିତ୍ରଶିଳ୍ପୀ ମାନେ ଅଂଶଗ୍ରହଣ କରିଛନ୍ତି । ସେଥି ମଧ୍ୟରୁ ଆମ ଭାରତରୁ ୯ଜଣ ଚିତ୍ରଶିଳ୍ପୀ ପ୍ରତିନିଧିତ୍ୱ କରିଛନ୍ତି । ଭାରତ ସମେତ ଏହି ଆନ୍ତର୍ଜାତିକ ଶିବିରରେ ଆର୍ଜେଣ୍ଟିନା, ବେଲଜିୟମ, ଚାଇନା, ଇଣ୍ଡୋନେସିଆ, ମାଲେସିଆ, ମଙ୍ଗୋଲିଆ, ସ୍ପେନ, ଶ୍ରୀଲଙ୍କା, ନେପାଳ ଓ ଭିଏତନାମର ମୋଟ ୬୨ଜଣ ବିଶିଷ୍ଟ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରି ନିଜର ଚିତ୍ରକଳା ପ୍ରଦର୍ଶନ କରିଛନ୍ତି । ଏହି ଶିବିର ଚଳିତ ମାର୍ଚ୍ଚ ୫ତାରିଖ ଠାରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି ।




ଆମ ସମ୍ବଲପୁରରୁ ଦୁଇ ଯୁବ ଚିତ୍ରଶିଳ୍ପୀ ପ୍ରେମଚାନ୍ଦ ରାଉତ, ଅନିଲ କେରକେଟା ସହିତ ବାଲେଶ୍ୱରରୁ ସୌମ୍ୟ ରଞ୍ଜନ ପାତ୍ର, ମୁକ୍ତିପଦ ନନ୍ଦି, କେନ୍ଦ୍ରାପଡ଼ାରୁ ପ୍ରଶନ୍ନ ସ୍ୱାଇଁ , ରାଷ୍ଟ୍ରପତି ପୁରଷ୍କାର ପ୍ରାପ୍ତ ଯୁବ ଶିଳ୍ପୀ ମାନସ କୁମାର ଦାସ କେନ୍ଦୁଝରରୁ, ଓଡ଼ିଶୀ ନୃତ୍ୟ ଶିଳ୍ପୀ କୁମାର ଭିମସେନ ପୁରୀରୁ ଲାଲ ସିଂ ଓ ଧନି ରାମ ହିମାଚଳ ପ୍ରଦେଶରୁ ଅଂଶ ଗ୍ରହଣ କରିଛନ୍ତି । ପ୍ରଥମ ଥର ପାଇଁ ସମ୍ବଲପୁରରୁ ଦୁଇ ଜଣ ଚିତ୍ର ଶିଳ୍ପୀ ଏହି ଆର୍ଟ ହେଣ୍ଡ-୨ ଶୀର୍ଷକ ଚିତ୍ରଶିଳ୍ପୀ କର୍ମଶାଳାରେ ଅଂଶଗ୍ରହଣ କରିବା ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ଯୁବ ଚିତ୍ରଶିଳ୍ପୀମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ୪୦ରୁ ଊର୍ଦ୍ଧ୍ୱ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀରେ ଯୋଗଦାନ ପୂର୍ବକ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଆସୁଛନ୍ତି ଏବଂ ସମ୍ବର୍ଦ୍ଧିତ ହୋଇଛନ୍ତି । ଓଡ଼ିଶାର କଳା ସଂସ୍କୃତି ଏବଂ ଦେଶ ଦେଶମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଓ ଇକୋ ଟୁରିଜମକୁ ଆଗକୁ ନେବା ମୂଳ ଲକ୍ଷ୍ୟ ବୋଲି ଆଶା ଓ ବିଶ୍ୱାସ ।

## ଅନ୍ନଦାତା ସୁଖୀ ଭବଃ

**ରାଜ୍ୟରେ ଜାରି ରହିଥିବା ଖରିଫ ୨୦୨୫-୨୬ ଧାନ ସଂଗ୍ରହ କିଣା ପ୍ରକ୍ରିୟାରେ ୧୨.୦୩.୨୦୨୬ (ଗୁରୁବାର) ପର୍ଯ୍ୟନ୍ତ ସାରା ଓଡିଶାରେ ଜିଲ୍ଲାୱାରୀ ଚାଷୀଙ୍କଠାରୁ ଧାନ କ୍ରୟ ଏବଂ ପ୍ରାପ୍ୟ ପ୍ରଦାନର ସବିଶେଷ ତଥ୍ୟ**

| ୧ | ୨ | ୩ | ୪ | ୫ | ୬ | ୭ |
|---|---|---|---|---|---|---|
| କ୍ର.ନଂ. | ଜିଲ୍ଲାର ନାମ | ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା | ମଣ୍ଡିରେ କ୍ରୟ ହୋଇଥିବା ଧାନର ପରିମାଣ (ମେଟ୍ରିକ୍ ଟନ୍‌ରେ) | ମୋଟ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ (କୋଟିରେ) | ଇନ୍‌ପୁଟ୍ ସହାୟତା ରାଶି ଟଙ୍କା (କୋଟିରେ) | ସର୍ବମୋଟ ଧାନର ଦେୟ (୫ ସ୍ତମ୍ଭ + ୬ ସ୍ତମ୍ଭ) (କୋଟିରେ) |
| ୧. | ଅନୁଗୁଳ | ୪୬,୫୭୧ | ୧,୩୫,୦୩୪ | ୩୧୩.୮୩ | ୯୬.୮୪ | ୪୧୦.୬୭ |
| ୨. | ବାଲେଶ୍ୱର | ୮୦,୭୪୩ | ୨,୩୦,୧୩୬ | ୫୧୨.୪୭ | ୧୫୮.୧୩ | ୬୭୦.୬ |
| ୩. | ବରଗଡ଼ | ୧,୫୮,୯୮୨ | ୭,୬୯,୪୯୫ | ୧,୭୯୬.୩୮ | ୫୫୪.୩୧ | ୨,୩୫୦.୬୯ |
| ୪. | ଭଦ୍ରକ | ୬୦,୨୬୨ | ୨,୩୫,୧୫୬ | ୪୦୯.୯୬ | ୧୨୬.୫୦ | ୫୩୬.୪୬ |
| ୫. | ବଲାଙ୍ଗୀର | ୧,୦୧,୬୦୬ | ୪,୪୯,୨୫୦ | ୧,୦୫୯.୪୧ | ୩୨୬.୯୦ | ୧,୩୮୬.୩୧ |
| ୬. | ବୌଦ୍ଧ | ୪୪,୮୬୦ | ୨,୦୭,୧୦୮ | ୪୮୬.୭୭ | ୧୫୦.୨୦ | ୬୩୬.୯୭ |
| ୭. | କଟକ | ୫୭,୯୭୭ | ୧,୮୧,୩୫୧ | ୩୮୬.୮୬ | ୧୧୯.୩୭ | ୫୦୬.୨୩ |
| ୮. | ଦେବଗଡ଼ | ୨୦,୭୧୫ | ୬୫,୯୧୯ | ୧୫୦.୫୮ | ୪୬.୪୬ | ୧୯୭.୦୪ |
| ୯. | ଢେଙ୍କାନାଳ | ୪୧,୬୯୮ | ୧,୩୧,୪୩୭ | ୨୯୭.୭୩ | ୯୧.୮୭ | ୩୮୯.୬୦ |
| ୧୦. | ଗଜପତି | ୧୫,୦୮୦ | ୬୯,୫୪୪ | ୧୫୮.୬୫ | ୪୮.୯୫ | ୨୦୭.୬ |
| ୧୧. | ଗଞ୍ଜାମ | ୧,୫୦,୧୦୩ | ୫,୫୪,୬୩୦ | ୧,୨୯୦.୪୯ | ୩୯୮.୨୧ | ୧,୬୮୮.୭୦ |
| ୧୨. | ଜଗତସିଂହପୁର | ୨୪,୧୮୦ | ୯୦,୪୭୦ | ୧୮୯.୦୪ | ୫୮.୩୩ | ୨୪୭.୩୭ |
| ୧୩. | ଯାଜପୁର | ୪୭,୨୪୬ | ୧,୭୦,୧୨୧ | ୩୩୮.୦୪ | ୧୦୪.୩୧ | ୪୪୨.୩୫ |
| ୧୪. | ଝାରସୁଗୁଡ଼ା | ୨୨,୫୮୫ | ୯୭,୨୫୩ | ୨୨୦.୪୨ | ୬୮.୦୧ | ୨୮୮.୪୩ |
| ୧୫. | କଳାହାଣ୍ଡି | ୧,୧୭,୬୯୮ | ୬,୪୩,୦୭୬ | ୧,୫୧୩.୮୪ | ୪୬୭.୧୨ | ୧,୯୮୦.୯୬ |
| ୧୬. | କନ୍ଧମାଳ | ୩,୨୬୫ | ୧୨,୮୩୨ | ୨୮.୬୯ | ୮.୮୫ | ୩୭.୫୪ |
| ୧୭. | କେନ୍ଦ୍ରାପଡ଼ା | ୩୯,୩୦୯ | ୧,୩୧,୬୬୪ | ୨୭୨.୩୭ | ୮୪.୦୫ | ୩୫୬.୪୨ |
| ୧୮. | କେନ୍ଦୁଝର | ୬୩,୧୩୬ | ୨,୨୪,୧୫୯ | ୪୮୯.୦୭ | ୧୫୦.୯୧ | ୬୩୯.୯୮ |
| ୧୯. | ଖୋର୍ଦ୍ଧା | ୪୯,୯୪୦ | ୧,୬୫,୬୪୦ | ୩୭୯.୫୧ | ୧୧୭.୧୧ | ୪୯୬.୬୨ |
| ୨୦. | କୋରାପୁଟ | ୪୧,୮୮୯ | ୨,୬୮,୯୪୭ | ୬୩୧.୮୨ | ୧୯୪.୯୬ | ୮୨୬.୭୮ |
| ୨୧. | ମାଲକାନଗିରି | ୩୭,୭୦୯ | ୧,୩୮, ୭୫୯ | ୨୯୭.୧୮ | ୯୧.୭୦ | ୩୮୮.୮୮ |
| ୨୨. | ମୟୂରଭଞ୍ଜ | ୬୬,୦୧୫ | ୨,୪୫,୨୫୧ | ୫୩୭.୫୬ | ୧୬୫.୮୮ | ୭୦୩.୪୪ |
| ୨୩. | ନବରଙ୍ଗପୁର | ୪୨,୯୯୭ | ୨,୪୧,୯୩୫ | ୫୨୯.୩୬ | ୧୬୩.୩୪ | ୬୯୨.୭ |
| ୨୪. | ନୟାଗଡ଼ | ୪୯,୭୫୩ | ୧,୫୦,୫୨୬ | ୩୨୯.୧୪ | ୧୦୧.୫୬ | ୪୩୦.୭ |
| ୨୫. | ନୂଆପଡ଼ା | ୪୯,୨୯୯ | ୨,୫୦, ୭୭୫ | ୫୯୪.୦୭ | ୧୮୩.୩୧ | ୭୭୭.୩୮ |
| ୨୬. | ପୁରୀ | ୩୯,୭୨୯ | ୧,୪୪,୦୬୫ | ୩୧୪.୪୭ | ୯୭.୦୪ | ୪୧୧.୫୧ |
| ୨୭. | ରାୟଗଡ଼ା | ୧୯,୦୧୧ | ୧,୦୯,୯୯୨ | ୨୫୪.୩୮ | ୭୮.୪୯ | ୩୩୨.୮୭ |
| ୨୮. | ସମ୍ବଲପୁର | ୬୩,୩୨୨ | ୩,୨୭,୦୭୯ | ୭୭୩.୩୯ | ୨୩୮.୬୪ | ୧୦୧୨.୦୩ |
| ୨୯. | ସୁବର୍ଣ୍ଣପୁର | ୭୦,୫୧୯ | ୩,୭୯,୦୦୦ | ୮୯୭.୧୬ | ୨୭୬.୮୪ | ୧୧୭୪ |
| ୩୦. | ସୁନ୍ଦରଗଡ଼ | ୫୬,୩୬୬ | ୨,୬୨,୬୬୫ | ୫୯୮.୦୭ | ୧୮୪.୫୫ | ୭୮୨.୬୨ |
| ସର୍ବମୋଟ: | | ୧୬,୮୨,୫୧୫ | ୭୦,୮୩,୨୭୦ | ୧୬,୦୫୦.୭୧ | ୪,୯୫୨.୭୫ | ୨୧,୦୦୩.୪୬ |

### ନାରାୟଣ ପୋଷି ଛକକୁ ଭୁଲିଗଲେ କି କୋଇଡ଼ା ପ୍ରଶାସନ ?



କୋଇଡ଼ା,୧୨।୩ (ଅକ୍ଷର ଓଡ଼ିଶା): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ରାସ୍ତା ମଧ୍ୟରୁ ଗୋଟିଏ ହେଉଛି ନାରାୟଣ ପୋଷି ଛକ । କିନ୍ତୁ ବର୍ତ୍ତମାନ ଏହି ଛକର ଯାତାୟାତ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । କିଛି ମାସ ପୂର୍ବରୁ ଏଠାରେ ଗାଡ଼ି ଯାମ ଓ ଅବ୍ୟବସ୍ଥିତ ଯାତାୟାତ ଯୋଗୁଁ ଘଟିଥିବା ଦୁଃଖଦ ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା । ସେହି ଘଟଣା ପରେ କୋଇଡ଼ା ପ୍ରଶାସନ ତତ୍‌କ୍ଷଣାତ୍ ସଚେତନ ହୋଇ କଠୋର ପଦକ୍ଷେପ ନେଇଥିଲା । ସେତେବେଳେ ନାରାୟଣ ପୋଷି ଛକରେ ଭାରୀ ଯାନ ଚଳାଚଳ ଉପରେ କଡ଼ା ନଜର ରଖାଯାଇଥିଲା ଓ ଯାତାୟାତକୁ ନିୟନ୍ତ୍ରଣ କରାଯାଇଥିଲା । କିଛି ଦିନ ପର୍ଯ୍ୟନ୍ତ ଏମିତି ପରିସ୍ଥିତି ଥିଲା ଯେ ଛକରେ ଗୋଟିଏ ମଧ୍ୟ ଭାରୀ ଯାନ ଦେଖିବାକୁ ମିଳୁନଥିଲା । ଏହା ଫଳରେ ସ୍ଥାନୀୟ ଲୋକମାନେ ମଧ୍ୟ କିଛି ପରିମାଣରେ ସ୍ୱସ୍ତି ଅନୁଭବ କରିଥିଲେ । କିନ୍ତୁ ଦିନ କଟିବା ସହିତ ସେହି କଡ଼ା ନିୟମ ଓ ନିୟନ୍ତ୍ରଣ ଧୀରେ ଧୀରେ ଶିଥିଳ ହୋଇଯାଇଛି । ପୁନର୍ବାର ଏହି ଛକରେ ଭାରୀ ଟ୍ରକ୍ ଓ ଟିପର ଯାନର ଅତ୍ୟଧିକ ଚଳାଚଳ ଦେଖାଯାଉଛି । ଫଳରେ ପୁଣିଥରେ ଗାଡ଼ି ଯାମ ଓ ଦୁର୍ଘଟଣାର ଆଶଙ୍କା ବଢ଼ିବାରେ ଲାଗିଛି । ଏହାକୁ ନେଇ ସ୍ଥାନୀୟ ଲୋକମାନେ ପ୍ରଶ୍ନ କରୁଛନ୍ତି କୋଇଡ଼ା ପ୍ରଶାସନ କି ନାରାୟଣ ପୋଷି ଛକର ସେହି ଦୁଃଖଦ ଘଟଣାକୁ ଭୁଲିଯାଇଛି । ସ୍ଥାନୀୟ ଲୋକଙ୍କ ଦାବି ହେଉଛି, ପୁଣିଥରେ ନାରାୟଣ ପୋଷି ଛକରେ ଯାତାୟାତ ବ୍ୟବସ୍ଥାକୁ କଡ଼ା କରାଯାଉ ଓ ଭାରୀ ଯାନ ଚଳାଚଳ ଉପରେ ସଠିକ ନିୟନ୍ତ୍ରଣ ରଖାଯାଉ, ଯାହା ଫଳରେ ଆଗାମୀ ଦିନରେ ଏପରି ଦୁଃଖଦ ଦୁର୍ଘଟଣା ପୁଣି ଘଟିବାକୁ ରୋକାଯାଇପାରିବ ।

### ପଦ୍ମଶ୍ରୀ ବିଦୁଷୀ ଡଃ ଶ୍ୟାମାମଣୀ ଦେବୀଙ୍କୁ ଜୀବନ ବ୍ୟାପି ସଙ୍ଗୀତ ସାଧନା

## ଓଡ଼ିଆ ନାରୀ ଅସ୍ମିତା ସମ୍ମାନ ୨୦୨୬ ପ୍ରଦାନ




ଭୁବନେଶ୍ୱର,୧୨।୩ ସ୍ଥାନୀୟ ଜୟଦେବ ଭବନ ଠାରେ ଓଡିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀର ମିଳିତ ସହଯୋଗରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ରୂପାୟନ ଟ୍ରଷ୍ଟ ତରଫରୁ ସୋମବାର ଦିନ ଆୟୋଜିତ ୧୩ତମ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଓଡ଼ିଆ ନାରୀ ଅସ୍ମିତା ସମ୍ମାନ ୨୦୨୬ କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭା ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟକ ଭାବେ ଯୋଗଦେଇ ଥିବା ବେଳେ ବିଶିଷ୍ଟ ସାହିତ୍ୟିକ ତଥା ଲେଖିକା ଅର୍ଚ୍ଚନା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅମିୟ ବାଳା ପରିଡ଼ା, ଭାଗ୍ୟଲକ୍ଷ୍ମୀ ମହାପାତ୍ର, ତନ୍ଦ୍ରା ରାୟ ଓ ସୁମିତ୍ରା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜୀବନ ବ୍ୟାପି ସଙ୍ଗୀତ ସାଧନା ନିମନ୍ତେ ପଦ୍ମଶ୍ରୀ ବିଦୁଷୀ ଡଃ ଶ୍ୟାମାମଣୀ ଦେବୀଙ୍କୁ ଓଡ଼ିଆ ନାରୀ ଅସ୍ମିତା ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା । ଓଡ଼ିଆ ଅଭୁଲା ଗୀତ ଓ କବିତା ପାଠରୁ ଆରମ୍ଭ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ, ଦଶ ମହାବିଦ୍ୟା ଏବଂ ଫେସନ ସୋ ଦର୍ଶକଙ୍କୁ ବିମୋହିତ କରିଥିଲା । ପରେ ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଓଡ଼ିଆ ନାରୀ ଅସ୍ମିତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗାୟତ୍ରୀ ମିଶ୍ର, ସାମ୍ବାଦିକତା କ୍ଷେତ୍ରରେ କଳ୍ପନା କର, କ୍ରୀଡ଼ା କ୍ଷେତ୍ରରେ ଦ୍ୱିତୀ ଚାନ୍ଦ, ସଙ୍ଗୀତ କ୍ଷେତ୍ରରେ ସଙ୍ଗୀତା ପଣ୍ଡା, ସମାଜସେବା କ୍ଷେତ୍ରରେ ମାନସୀ ଶତପଥୀ, ଚଳଚ୍ଚିତ୍ର ଅଭିନୟ କ୍ଷେତ୍ରରେ ଅଞ୍ଜନା ଦାସ, ନୃତ୍ୟ କଳା କ୍ଷେତ୍ରରେ ଲିମିଶ୍ରୀ ନାୟକ, ମସାଧାନ ବିଜ୍ଞାନ କ୍ଷେତ୍ରରେ ମିତିମଞ୍ଜୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସାମାଜିକ କର୍ମୀ ସସ୍ମିତା ଦାସ, ଯାତ୍ରା ଜଗତ କ୍ଷେତ୍ରରେ ବରିଷ୍ଠ ଅଭିନେତ୍ରୀ ଜୟନ୍ତୀ ନାୟକ, ସୁ ଗୃହିଣୀ ଅଞ୍ଜଳୀ ଲେଙ୍କା, ବନ୍ଦନା ଭଦ୍ର, ମମତା ମହାନ୍ତି, ଯୁବ କବି ଗିତାଞ୍ଜଳୀ ପାତ୍ର ପ୍ରମୁଖଙ୍କୁ ରୂପାୟନ ପରିବାର ସଭାନେତ୍ରୀ ତାପସ ସାହୁ, ଉପ ସଭାପତି ସଞ୍ଜୟ ଭଞ୍ଜଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ତଥା ସଦସ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ରୂପାୟନର ପ୍ରତିଷ୍ଠାତା ଡଃ ଶ୍ରଦ୍ଧାଞ୍ଜଳୀ ରୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଲୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଅନୁସୂୟା ସାହୁ ସୁଚାରୁ ରୂପେ ସଞ୍ଚାଳନା କରିଥିଲେ ।

# ଆୟୁଷ ବଢ଼ାଏ କଳା ଅଣ୍ଡା



ଜାପାନରେ ଏପରି ଏକ ସ୍ଥାନ ଅଛି । ଯେଉଁଠି ଲୋକେ କଳା ସିଝା ଅଣ୍ଡା ଖାଇବାକୁ ଲମ୍ବା ଲାଇନ୍ ଲଗାଇଥାନ୍ତି । ଏହି ଅଣ୍ଡା ଖାଇଥିବା ବ୍ୟକ୍ତିର ଆୟୁ ୭ ବର୍ଷ ବଢ଼ିଯାଏ ବୋଲି ସ୍ଥାନୀୟ ଲୋକ କଥାରେ କୁହାଯାଇଛି । କୁହାଯାଏ ଯେ ଏହି ଅଣ୍ଡା ଖାଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କ ଆୟୁଷ ସାତ ବର୍ଷ ବୃଦ୍ଧି ପାଏ । ଏହି କଳା ଅଣ୍ଡାଗୁଡ଼ିକ ଜାପାନର ଓ୍ୱାକୁଡାନି ଉପତ୍ୟକାରେ ମିଳିଥାଏ, ଯାହା ପର୍ଯ୍ୟଟକଙ୍କ ମଧ୍ୟରେ ଲୋକପ୍ରିୟ ଏକ ଜ୍ୱାଳାମୁଖୀ ଅଞ୍ଚଳ । ତେବେ ଆସନ୍ତୁ ଜାଣିବା ପୁରା ଘଟଣା ।

## ଓ୍ୱାକୁଡାନି ଉପତ୍ୟକା କ'ଣ ?

ଓ୍ୱାକୁଡାନି ଜାପାନର ହାକୋନ ପର୍ବତମାଳାରେ ଅବସ୍ଥିତ । ଯାହା ଟୋକିଓରୁ ପ୍ରାୟ ୯୦ କିଲୋମିଟର ଦୂରରେ ଅବସ୍ଥିତ । ଏହି ଉପତ୍ୟକା ପ୍ରାୟ ୩,୦୦୦ ବର୍ଷ ପୂର୍ବେ ଏକ ଜ୍ୱାଳାମୁଖୀ ଉଦ୍ଗୀରଣ ଦ୍ୱାରା ଗଠିତ ହୋଇଥିଲା । ଏହି ସ୍ଥାନଟି ଏକ ସମ୍ପୂର୍ଣ୍ଣ ଭିନ୍ନ ଦୁନିଆ ପରି ଦେଖାଯାଏ । ଭୂମିରୁ ନିରନ୍ତର ବାଷ୍ପ ଉଠୁଥାଏ । ବାୟୁ ଏକ ତୀବ୍ର ସଲଫର ଗନ୍ଧରେ ପରିପୂର୍ଣ୍ଣ । ଚାରିପାଖରେ ପଥର ଏବଂ ଗରମ ଝରଣା ଦୃଶ୍ୟମାନ ହୁଏ । ଜାପାନୀ ଭାଷାରେ ଓ୍ୱାକୁଡାନିର ଅର୍ଥ 'ବଡ଼ ଫୁଟୁଥିବା ଉପତ୍ୟକା' ।

## କଳା ଅଣ୍ଡା କ'ଣ ?

ଏହି ଅଣ୍ଡାଗୁଡ଼ିକୁ ଜାପାନୀ ଭାଷାରେ କୁରୋ ତାମାଗୋ କୁହାଯାଏ । ଏଗୁଡ଼ିକ କୌଣସି ବିଶେଷ ପ୍ରଜାତିର ଅଣ୍ଡା ନୁହେଁ, ବରଂ ସାଧାରଣ କୁକୁଡ଼ା ଅଣ୍ଡା । ଏଗୁଡ଼ିକୁ ଉପତ୍ୟକାର ପ୍ରାକୃତିକ ଭାବରେ ଗରମ ପାଣିରେ ସିଝାଯାଏ, ଯେଉଁଥିରେ ସଲଫର ଓ ଲୁହା ଥାଏ । ଯେତେବେଳେ ଅଣ୍ଡାଖୋଳ ଏହି ଉପାଦାନଗୁଡ଼ିକ ସହିତ ସଂସ୍ପର୍ଶରେ ଆସେ । ଏକ ରାସାୟନିକ ପ୍ରତିକ୍ରିୟା ଘଟେ, ଯାହା ଖୋଳକୁ ସମ୍ପୂର୍ଣ୍ଣ କଳା କରିଦିଏ । ଭିତରେ, ଅଣ୍ଡା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଥାଏ ।

# ଅଧିକ ମାତ୍ରାରେ ଆଣ୍ଟିବାୟୋଟିକ୍ ଖାଇବା ଦ୍ୱାରା ଦେଖାଯାଏ ଅନ୍ତଃନଳୀ ସମସ୍ୟା



ବର୍ତ୍ତମାନର ସମୟରେ ଆମେ ଛୋଟ ମୋଟ ରୋଗରେ ମଧ୍ୟ କଷ୍ଟ ସହିବାକୁ ରାଜି ନୁହଁ । କିଭଳି ଶ୍ରୀଘ୍ର ରୋଗ ଦୂର ହେବ ସେଥି ପାଇଁ ବି ଆଣ୍ଟିବାୟୋଟିକ୍ ନେବାର ଧାରା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଆଣ୍ଟିବାୟୋଟିକ୍ ହେଉଛି ଜୀବାଣୁ ସଂକ୍ରମଣର ଚିକିତ୍ସା ପାଇଁ ଦିଆଯାଉଥିବା ଔଷଧ । ଅନେକ ଲୋକ ଥଣ୍ଡା, ଜ୍ୱର କିମ୍ବା ଗଳା ଯନ୍ତ୍ରଣା ଭଳି ସମସ୍ୟା ପାଇଁ ଡାକ୍ତରଙ୍କ ପରାମର୍ଶ ବିନା ଏହାକୁ ସେବନ କରିଥା'ନ୍ତି । ଏହି ଜୀବାଣୁ ଖାଦ୍ୟ ହଜମ କରିବା, ଶରୀରକୁ ପୋଷକ ତତ୍ତ୍ୱ ପରିବହନ କରିବା ଏବଂ ଏକ ଦୃଢ଼ ପ୍ରତିରକ୍ଷା ପ୍ରଣାଳୀ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆଣ୍ଟିବାୟୋଟିକ ଏବଂ ଗଟ୍ ହେଲ୍ଥ ଘନିଷ୍ଠ ଭାବରେ ଜଡିତ କାରଣ ସେମାନଙ୍କର ପ୍ରଭାବ କେବଳ ଅନ୍ତର୍ନିହିତ ରୋଗ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ପାଚନ ପ୍ରଣାଳୀକୁ ମଧ୍ୟ ପ୍ରଭାବିତ କରିପାରେ । ଏହି କାରଣରୁ ଆଣ୍ଟିବାୟୋଟିକ୍ ବ୍ୟବହାର ଅନ୍ତନଳୀ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ । ତେଣୁ ଶରୀରର ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ପାଇଁ ଏହି ଔଷଧଗୁଡ଼ିକୁ ଉପଯୁକ୍ତ ପରାମର୍ଶ ସହିତ ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ଅନ୍ତନଳୀ ଉପରେ ଆଣ୍ଟିବାୟୋଟିକ୍ସର ପ୍ରଭାବ

ଆରଏମଏଲ ହସ୍ପିଟାଲର ମେଡିସିନ ବିଭାଗର ନିର୍ଦ୍ଦେଶକ କୁହନ୍ତି ବାରମ୍ବାର ଆଣ୍ଟିବାୟୋଟିକ୍ ବ୍ୟବହାର ଅନ୍ତନଳୀରେ ଭଲ ଏବଂ ଖରାପ ବ୍ୟାକ୍ଟେରିଆର ସନ୍ତୁଳନକୁ ବିଗାଡିପାରେ । ଏହା ପାଚନ ପ୍ରକ୍ରିୟାକୁ ପ୍ରଭାବିତ କରେ ଏବଂ ମାଇକ୍ରୋବାଇଓମରେ ଅସନ୍ତୁଳନ ସୃଷ୍ଟି କରିପାରେ । ଭଲ ବ୍ୟାକ୍ଟେରିଆର ଅଭାବ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ଦୁର୍ବଳ କରିପାରେ । କିଛି କ୍ଷେତ୍ରରେ ଡାଇରିଆ, ଗ୍ୟାସ୍, ପେଟ ଯନ୍ତ୍ରଣା କିମ୍ବା ଫୁଲିବା ଭଳି ସମସ୍ୟା ବଢ଼ିପାରେ । ଲମ୍ବା ସମୟ ଧରି ଆଣ୍ଟିବାୟୋଟିକ୍ ଔଷଧର ବ୍ୟବହାର ଅନ୍ତନଳୀର କାର୍ଯ୍ୟକୁ ଧୀର କରିପାରେ ଏବଂ ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱକୁ ସଠିକ୍ ଭାବରେ ଗ୍ରହଣ କରିବାରେ ବାଧା ଦେଇପାରେ । ଏହା ଦୁର୍ବଳତା ଏବଂ ବାରମ୍ବାର ସଂକ୍ରମଣର ଆଶଙ୍କା ମଧ୍ୟ ବଢ଼ାଇପାରେ ।

## ଏହିସବୁ ଲକ୍ଷଣ ଦେଖାଦେଲେ, ହୋଇଯାନ୍ତୁ ସାବଧାନ

ଯଦି ଆପଣ ଆଣ୍ଟିବାୟୋଟିକ୍ ଖାଇବା ପରେ ପେଟ ଖରାପ, ବାରମ୍ବାର ଝାଡ଼ା, ଗ୍ୟାସ୍, ପେଟ ଫୁଲିବା କିମ୍ବା ବାନ୍ତି ଅନୁଭବ କରନ୍ତି ତେବେ ଏହା ଅନ୍ତନଳୀ ସ୍ୱାସ୍ଥ୍ୟ ବିଗିଡ଼ିବାର ଏକ ଲକ୍ଷଣ ହୋଇପାରେ । କିଛି ଲୋକଙ୍କର ଭୋକ କମିଯିବା, ଥକ୍କାପଣ କିମ୍ବା ବାରମ୍ବାର ସଂକ୍ରମଣ ମଧ୍ୟ ହୋଇପାରେ । ଏହି କ୍ଷେତ୍ରରେ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ଆଣ୍ଟିବାୟୋଟିକ୍ ନିଅନ୍ତୁ ଏବଂ ସମ୍ପୂର୍ଣ୍ଣ କୋର୍ସ ସମାପ୍ତ କରନ୍ତି । ଔଷଧ ଖାଇବା ପରେ ଦହି, ବଟରମିଲ୍କ ଏବଂ ଫାଇବରଯୁକ୍ତ ଖାଦ୍ୟ ସହିତ ଏକ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ପ୍ରଚୁର ପାଣି ପିଅନ୍ତୁ ଏବଂ ଅନାବଶ୍ୟକ ଔଷଧ ସେବନରୁ ଦୂରେଇ ରୁହନ୍ତୁ । ଆବଶ୍ୟକ ହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

# ଜଣେ ବ୍ୟକ୍ତି ଦିନକୁ କେତେ ପରିମାଣର ପ୍ଲାଷ୍ଟିକ୍ ବ୍ୟବହାର କରେ



ଆଜିକାଲି ପ୍ଲାଷ୍ଟିକ୍ ଏକ ପ୍ରମୁଖ ସମସ୍ୟା ପାଲଟିଛି । ଯଦି ଆମେ ଆମ ଚାରିପାଖରେ ନଜର ପକାଇବା, ତେବେ ଆମେ ସବୁଠି ପ୍ଲାଷ୍ଟିକ୍ ପାଇବା, ତାହା ଆମର ପାଣି ବୋତଲ ହେଉ କିମ୍ବା ଲଞ୍ଚ ବାକ୍ସ ସବୁ ଜିନଷରେ ପ୍ଲାଷ୍ଟିକ ବ୍ୟବହାର ହେଉଛି । ଏହି ପ୍ଲାଷ୍ଟିକ ଗୁଡିକ ପୁନଃଚକ୍ରିତ ହୁଏ ନାହିଁ, ଏବଂ କିଛି ସମୟ ପରେ ଏହାକୁ ପୁନଃବ୍ୟବହାର କରିବା ମଧ୍ୟ ଘାତକ ହୋଇପାରେ । ଏହା ହେଉଛି ସେହି ପ୍ଲାଷ୍ଟିକ୍ ଯାହାକୁ ଆମେ ଆମ ଆଖିରେ ଦେଖିପାରୁଛୁ, କିନ୍ତୁ ଆମ ଚାରିପାଖରେ



ଥିବା ବାୟୁରେ ଅଗଣିତ ପ୍ଲାଷ୍ଟିକ୍ ନାନୋପାର୍ଟିକଲ୍ସ ଉପସ୍ଥିତ ଅଛି, ଯାହା ଆମକୁ ପ୍ରତି ସେକେଣ୍ଡରେ ମୃତ୍ୟୁ ଆଡ଼କୁ ଠେଲି ଦେଉଛି । ହଁ, ଡଡର (ୱାର୍ଲଡ ୱାଇଡ୍ ଫଣ୍ଡ ଫର୍ ନେଚର) ର ଏକ ରିପୋର୍ଟ ଅନୁଯାୟୀ, ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ପ୍ରାୟ ୫ ଗ୍ରାମ ପ୍ଲାଷ୍ଟିକ୍ ବ୍ୟବହାର କରନ୍ତି ।

ଗୋଟିଏ ସପ୍ତାହ ମଧ୍ୟରେ, ଆମେ ଜାଣତରେ କିମ୍ବା ଅଜାଣତରେ ଏକ କ୍ରେଡିଟ୍ କାର୍ଡ ସମାନ ପରିମାଣର ପ୍ଲାଷ୍ଟିକ୍ ବ୍ୟବହାର କରୁ, କେତେବେଳେ ବୋତଲ ପାଣି ମାଧମରେ ତ କେତେବେଳେ ପ୍ରଦୂଷିତ ବାୟୁ ନିଶ୍ୱାସ ନେବାବେଳେ ।

### ଆସନ୍ତୁ ଜାଣିବା ଶରୀରରେ ପ୍ଲାଷ୍ଟିକ୍ କିପରି ଜମା ହୁଏ

ଏକ ରିପୋର୍ଟ ଅନୁସାରେ, ପ୍ରତି ମାସରେ ଆମ ଶରୀରରେ ୨୦ ଗ୍ରାମ ପ୍ଲାଷ୍ଟିକ୍ ଜମା ହୁଏ, ଏବଂ ବର୍ଷକୁ ୨୫୦ ଗ୍ରାମ । ସମୟ ଏବଂ ପ୍ରଯୁକ୍ତିବିଦ୍ୟା ଆଗକୁ ବଢ଼ିବା ସହିତ, ଏହାର ପରିମାଣ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । ଏହା ବ୍ୟତୀତ, ୬୦ କିମ୍ବା ୭୦ ବର୍ଷ ବୟସ ସୁଦ୍ଧା, ଏହି ପ୍ଲାଷ୍ଟିକର ଓଜନ କିଛି କିଲୋଗ୍ରାମ ହୋଇଯାଏ, ଯାହା ଦୁଇଟି ବଡ଼ ଡଷ୍ଟବିନ୍ ସହିତ ସମାନ । ଏହା କେବଳ ଆମ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ ନାହିଁ ବରଂ କର୍କଟ ଭଳି ବିପଦପୂର୍ଣ୍ଣ ରୋଗର ଆଶଙ୍କାକୁ ବୃଦ୍ଧି କରେ ।

### ଶରୀରରେ ପ୍ଲାଷ୍ଟିକ ଜମା ହେବାର କ୍ଷତି

କଳ୍ପନା କରନ୍ତୁ ଯେ ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥରେ ତିଆରି ପ୍ଲାଷ୍ଟିକ ପରିବେଶରେ ନଷ୍ଟ ନ ହେଲେ ଆମକୁ କିପରି କ୍ଷତି ପହଞ୍ଚାଇପାରେ । ଏହା ବ୍ୟତୀତ, ପ୍ଲାଷ୍ଟିକରେ ସୀସା ଏବଂ ଆର୍ସେନିକ୍ ମଧ୍ୟ ଥାଏ, ଯାହା ଅତ୍ୟନ୍ତ ବିଷାକ୍ତ ଏବଂ ଅଳ୍ପ ସମୟ ମଧ୍ୟରେ ଆମକୁ ମାରିପାରେ ।

### ପ୍ଲାଷ୍ଟିକ ଦ୍ୱାରା ହେଉଥିବା ରୋଗ

ଆପଣ ହୁଏତ ଜାଣି ନଥିବେ ଯେ ପ୍ଲାଷ୍ଟିକ ସେବନ କରିବା ଦ୍ୱାରା ଆମକୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ କର୍କଟ, ସ୍ତନ କର୍କଟ, ପ୍ରଜନନ ହ୍ରାସ, ଫୁସଫୁସ କ୍ଷତି ଏବଂ ମସ୍ତିଷ୍କ କ୍ଷତି ଭଳି ଅନେକ ଗମ୍ଭୀର ରୋଗର ବିପଦ ଥାଏ । ଏହି ସମସ୍ତ ରୋଗ ଏପରି ଯେ ମାନବ ଶରୀର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଏ କିମ୍ବା ମୃତ୍ୟୁର ଆଶଙ୍କା ବଢିଯାଏ ।

# ପରିସ୍ରା ରୋକିବା ଭୟଙ୍କର ହୋଇପାରେ

ପରିସ୍ରା ଲାଗୁଥିବ କିନ୍ତୁ ରୋକିକରି ବସିଥିବେ ଏମିତି କେବେ ପରିସ୍ଥିତି ଉପୁଜିଛି କି ? ଏ ପ୍ରଶ୍ନରେ ବୋଧହୁଏ ଆପଣ ଭାବୁଥିବେ ଏ ତ ନିତିଦିନିଆ କଥା , କାମରେ ବ୍ୟସ୍ତ ରହିଗଲେ ବେଳେବେଳେ ବିଳମ୍ବ ହେଇଯାଏ । କର୍ମବ୍ୟସ୍ତତା ଯୋଗୁ ହେଉ କିମ୍ବା ଯାତ୍ରାକାଳରେ ସୁବିଧାର ଅଭାବ ହେଲେ ପରିସ୍ରା ରୋକିବା ଭଳି କାମ ପ୍ରାୟତଃ ସମସ୍ତେ କରନ୍ତି । କିନ୍ତୁ ଏହି ଛୋଟ କାମଟି ଯେ ଆପଣଙ୍କୁ କେତେ ବଡ଼ ଗମ୍ଭୀର ରୋଗ ଆଡ଼କୁ ଟାଣି ନେଉଛି କେବେ ଭାବିଛନ୍ତି କି ? ଏଥିରେ ବ୍ଲାଡର୍ ଲିକେଜ୍ ସମସ୍ୟାରୁ ଆରମ୍ଭ କରି ସଂପୂର୍ଣ୍ଣ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ତେବେ ଆସନ୍ତୁ ଜାଣିବା ଅଧିକ ସମୟ ଧରି ପରିଶ୍ରା ରୋକିଲେ ସ୍ୱାସ୍ଥ୍ୟ ଉପରେ ଏହାର କ'ଣ ପ୍ରଭାବ ପଡ଼ିଥାଏ ।



ବର୍ତ୍ତମାନ ସମୟରେ ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ଏକ ଗମ୍ଭୀର ସମସ୍ୟା ହେଉଛି ୟୁଟିଆଇ । ଯାହାକୁ ସାଧାରଣତଃ ୟୁରିନ୍ ଇନଫେକ୍ସନ୍ ବୋଲି କୁହାଯାଏ । ଅନେକ କାରଣରୁ ଏହି ସମସ୍ୟା ଦେଖାଯାଏ । କିନ୍ତୁ ଅଧିକ ସମୟ ଧରି ପରିସ୍ରା ରୋକିବା ଏହାର ଏକ ବଡ଼ କାରଣ ହୋଇଥାଏ । ପରିସ୍ରା ଆସୁଥିବା ସମୟରେ ଏହାକୁ ରୋକିଲେ ବ୍ୟାକ୍ଟେରିଆ ବଢ଼ିଥାଏ , ଯାହା ବ୍ଲାଡରର ଭିତର ପର୍ଯ୍ୟନ୍ତ ପହଂଚିଥାଏ । ସଂକ୍ରମଣ ବଢିବା ପରେ ଏହା ଅନେକ ଗମ୍ଭୀର ରୋଗକୁ ଜନ୍ମ ଦିଏ । ଏଭଳି ସ୍ଥିତିରେ ପରିସ୍ରା ଆସିବା ମାତ୍ରେ ଏହାକୁ ପାସ୍ କରନ୍ତୁ ନଚେତ୍ ୟୁଟିଆଇର ସମସ୍ୟା ଗମ୍ଭୀରତା ଆଡ଼କୁ ଗତି କରିବ । ପର୍ଯ୍ୟାପ୍ତ ମାତ୍ରାରେ ପାଣି ଏବଂ ତରଳ ପଦାର୍ଥ ପିଅନ୍ତୁ । ୟୁରିନ୍ ଲିକେଜ୍ ସମସ୍ୟା ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖାଯାଏ । ପରିସ୍ରା ଉପରେ ନିୟନ୍ତ୍ରଣ ନ ରଖିପାରି ଏଭଳି ସମସ୍ୟାର ସମ୍ମୁଖିନ ହୁଅନ୍ତି ବୟୋଜ୍ୟେଷ୍ଠ । କିନ୍ତୁ ଯଦି ଆପଣ ଅଧିକ ସମୟ ଧରି ପରିସ୍ରା ରୋକୁଛନ୍ତି ତାହେଲେ ଆପଣଙ୍କ ପେଲଭିକ୍ ଫ୍ଲୋର୍ ଏବଂ ବ୍ଲାଡର୍ ଦୁର୍ବଳ ହୋଇଯାଏ ଏବଂ କମ୍ ବୟସରୁ ହିଁ ୟୁରିନ୍ ଲିକେଜ୍ ସମସ୍ୟା ଦେଖାଯାଏ ।

ପରିସ୍ରାରେ ୟୁରିକ୍ ଏସିଡ୍ ଏବଂ କ୍ୟାଲସିୟମ୍ ଆକ୍ସଲେଟ୍ ନାମକ ମିନେରାଲ୍ ମହଜୁଦ୍ ଥାଏ । ଏହି ମିନେରାଲକୁ ଯଦି ଅଧିକ ସମୟ ଧରି ରୋକାଯାଏ ତା'ହେଲେ କିଡନି ଷ୍ଟୋନ୍ ସମସ୍ୟା ମଧ୍ୟ ହୋଇପାରେ । ଲଗାତାର ପରିସ୍ରା ରୋକିବା ଦ୍ୱାରା ବ୍ଲାଡରର ମାଂସପେଶୀ ଦୁର୍ବଳ ହେବା ସହ ଟାଣିଥାଏ । ଏହାଦ୍ୱାରା ସମୟ ବଢ଼ିଲେ ବ୍ଲାଡର୍ ଫାଟିବା ଭଳି ଗମ୍ଭୀର ସମସ୍ୟା ମଧ୍ୟ ଦେଖାଯାଏ । ପରିସ୍ରା ରୋକିବା ଦ୍ୱାରା କିଡନି ଉପରେ ଏହାର ପ୍ରେସର୍ ପଡ଼ିଥାଏ ଯାହା ଭବିଷ୍ୟତରେ କିଡନି ସମ୍ବନ୍ଧୀୟ ରୋଗକୁ ଜନ୍ମ ଦିଏ । ଏହାଛଡ଼ା ଲମ୍ବା ସମୟ ଧରି ପରିସ୍ରା ରୋକିବାର ଅଭ୍ୟାସ କିଡନି ଏବଂ ବ୍ଲାଡରରେ ପୀଡ଼ାର କାରଣ ପାଲଟିଥାଏ । ୟୁରିନରୀ ରିଟେସନ୍ ସମସ୍ୟା ଉତ୍ପନ୍ନ ହୋଇଥାଏ ଯାହାଦ୍ୱାରା ମୂତ୍ରାଶୟ

# ଚନ୍ଦ୍ର ଗ୍ରହଣରେ ଗର୍ଭବତୀ ମହିଳାମାନେ

ନୂଆଦିଲ୍ଲୀ: ଗ୍ରହଣ ସମୟକୁ ସାଧାରଣ ସମୟ ଅପେକ୍ଷା ଅଧିକ ସମ୍ବେଦନଶୀଳ ଏବଂ ଅଶୁଭ ବୋଲି ବିବେଚନା କରାଯାଏ । ବିଶେଷ କରି ଚନ୍ଦ୍ରଗ୍ରହଣ ଏକ ପ୍ରମୁଖ ମହାଜାଗତିକ ଘଟଣା ହେବା ସହିତ ଏହାର ଆଧ୍ୟାତ୍ମିକ ଗୁରୁତ୍ୱ ମଧ୍ୟ ରହିଛି । ମାନ୍ୟତା ଅଛି ଯେ, ଏହି ସମୟରେ କୌଣସି ଶୁଭ କିମ୍ବା ମାଙ୍ଗଳିକ କାର୍ଯ୍ୟ କରିବା ଅନୁଚିତ୍ । ଏହି ଅବଧିରେ ପୂଜାପାଠ, ସାଧନା ଏବଂ ସତର୍କତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି । ବିଶେଷ କରି ଗର୍ଭବତୀ ମହିଳାମାନଙ୍କୁ ଏହି ସମୟରେ ଅଧିକ ସାବଧାନ ରହିବାକୁ କୁହାଯାଇଥାଏ ।

ଚନ୍ଦ୍ରଗ୍ରହଣକୁ କାହିଁକି ଅଶୁଭ ମାନାଯାଏ ? ଧାର୍ମିକ ବିଶ୍ୱାସ ଅନୁଯାୟୀ, ଗ୍ରହଣ କାଳରେ ବାୟୁମଣ୍ଡଳର ଶକ୍ତିରେ ପରିବର୍ତ୍ତନ ଆସେ ଏବଂ ନକାରାତ୍ମକ ପ୍ରଭାବ ବୃଦ୍ଧି ପାଇଥାଏ । ଏହାର ପ୍ରଭାବ ଗର୍ଭବତୀ ମହିଳା ଏବଂ ଗର୍ଭସ୍ଥ ଶିଶୁ ଉପରେ ଅଧିକ ପଡ଼ିବାର ସମ୍ଭାବନା ଥାଏ । ମାନ୍ୟତା ରହିଛି ଯେ, ଗ୍ରହଣ ସମୟରେ ଚନ୍ଦ୍ରର କିରଣ ଶୁଦ୍ଧ ହୋଇନଥାଏ, ତେଣୁ ଏହି ସମୟରେ ଅନାବଶ୍ୟକ ଭାବେ ବାହାରକୁ ଯିବା କିମ୍ବା ସିଧାସଳଖ ଚନ୍ଦ୍ରକୁ ଦେଖିବା ଉଚିତ୍ ନୁହେଁ ।

ଗ୍ରହଣ ସମୟରେ କେଉଁ ସବୁ ସାବଧାନତା ଅବଲମ୍ବନ କରିବେ ?

ଧାରୁଆ ବସ୍ତୁରୁ ଦୂରେଇ ରୁହନ୍ତୁ: ଗ୍ରହଣ ସମୟରେ ଗର୍ଭବତୀ ମହିଳାମାନେ ଛୁଞ୍ଚି, ଛୁରୀ, କଞ୍ଚି ଭଳି ଧାରୁଆ କିମ୍ବା ମୁନିଆ ବସ୍ତୁ ବ୍ୟବହାର କରିବା ଉଚିତ୍ ନୁହେଁ । ପାରମ୍ପରିକ ବିଶ୍ୱାସ ଅନୁଯାୟୀ, ଏହାର ବ୍ୟବହାର ଗର୍ଭସ୍ଥ ଶିଶୁ ଉପରେ ଖରାପ ପ୍ରଭାବ ପକାଇପାରେ ।

ସିଲେଇ ଓ ବୁଣାକାମ ବାରଣ: ଏହି ସମୟରେ ସିଲେଇ, ବୁଣାକାମ କିମ୍ବା କୌଣସି ପ୍ରକାରର ହସ୍ତକଳା କାମରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଏ ।

ସକାରାତ୍ମକ ଚିନ୍ତାଧାରା: ଗ୍ରହଣ ସମୟରେ ଅଧିକ ସମୟ ବିଶ୍ରାମ କରିବା ଏବଂ ମନରେ ସକାରାତ୍ମକ ଭାବନା ରଖିବା ଶୁଭଫଳ ପ୍ରଦାନ କରିଥାଏ । ସାବଧାନତା ସହିତ କିଛି ଆଧ୍ୟାତ୍ମିକ ପ୍ରତିକାର ମଧ୍ୟ ବେଶ୍ ଲାଭଦାୟକ ହୋଇଥାଏ । ନିଜ ଇଷ୍ଟଦେବଙ୍କୁ ସ୍ମରଣ କରିବା ସହ ବିଶେଷ କରି ଚନ୍ଦ୍ର ସମ୍ବନ୍ଧୀୟ ମନ୍ତ୍ର ଜପ କଲେ ସକାରାତ୍ମକ ଶକ୍ତି ମିଳିଥାଏ ।



## ଝିଙ୍କିରିଆ ଗ୍ରାମରେ ଶ୍ରୀ ଅରବିନ୍ଦ ପାଠଚକ୍ର ଅନୁଷ୍ଠିତ



କଟକ ସଦର, ୧୧।୩ (ଅକ୍ଷର ଓଡ଼ିଶା): ଝିଙ୍କିରିଆ ଗ୍ରାମ ନିବାସୀ ଡ଼ଃ ପ୍ରଶାନ୍ତ କୁମାର ନନ୍ଦଙ୍କ ବାସ ଭବନରେ ଜ୍ୟୋତ୍ସ୍ନା ରାଣୀ ଦାଶଙ୍କ ପୌରୋହିତ୍ୟରେ ଶ୍ରୀ ଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମୋନାଲିସା ଦାଶମହାପାତ୍ର ଏବଂ ବିକାଶ ରଞ୍ଜନ ପରିଡା ପ୍ରାଣିକ ବିଶ୍ୱାସ, ମାନସିକ ବିଶ୍ୱାସ, ଓ ଚୈତ୍ତିକ ବିକାଶ ବିଷୟରେ ଆଲୋଚନା କରିଥିଲେ । ସଞ୍ଜୟ ମହାପାତ୍ର ପାଠଚକ୍ର ପରିଚାଳନା କରି ଥିଲେ । ଏହି ଅବସରରେ ଡ଼ଃ ନନ୍ଦ ଙ୍କୁ ନିଷ୍ଠାପର ମାତୃ ସେବକ ଭାବରେ କାର୍ଯ୍ୟ ସମ୍ପାଦନ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଶାସ୍ତ୍ରୀୟ ଭାଷା ଦିବସ ପାଳିତ

ବାଲାଙ୍ଗୀର(ଅକ୍ଷର ଓଡ଼ିଶା): କୌଣସି ଭାଷାର ଶାସ୍ତ୍ରୀୟ ମର୍ଯ୍ୟାଦାର ଅର୍ଥ ଭାଷା ବ୍ୟବହାରକାରୀଙ୍କ ଗୁରୁ ଦାୟିତ୍ୱ ରହିଛି, ଭାଷାର ବ୍ୟାପକ ବ୍ୟବହାର ସାଙ୍ଗକୁ ସମ୍ପୃକ୍ତ ଭାଷାର ସାହିତ୍ୟ ପ୍ରବାହକୁ ବୈଶ୍ୱିକ କରିବା ମଧ୍ୟ ଏକ ପ୍ରମୁଖ ଦାୟିତ୍ୱ ବୋଲି ମତପ୍ରକାଶ ପାଇଛି ଓ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିରର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଯାଇଛି ଓ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅଧକ୍ଷ ଡ଼ଃ ଅରବିନ୍ଦ କୁମାର ଓଝା ଏବଂ ସମ୍ମାନିତ ଅତିଥି ଭାବେ ଡ଼ଃ ସିଦ୍ଧେଶ୍ୱର ପଧାନ ଯୋଗ ଦେଇଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ନିରଞ୍ଜନ ସେଟ୍, ରତିକାନ୍ତ ନାଏକ, ଡ଼ଃ ସରୋଜ କୁମାର ଜଗଦଲା, ବିପ୍ଳବ ପଧାନ, ଯୁଗେଶ୍ୱର ପଧାନ ପ୍ରମୁଖ ଉପସ୍ଥିତ ଥିଲେ ଓ ଏ ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ଐତିହାସିକ ବିକାଶକ୍ରମ ତଥା ଶାସ୍ତ୍ରୀୟ ମାନ୍ୟତା ପାଇବାର ଯଥୋଚିତ ମାନଦଣ୍ଡ ଉପରେ ଆଲୋଚନା ହେବା ସହ ପ୍ରତ୍ୟେକ ଓଡ଼ିଆ ଛାତ୍ରଛାତ୍ରୀ କିଭଳି ବିଶୁଦ୍ଧ ଭାଷା ବ୍ୟବହାର କରିପାରିବେ ତା ଉପରେ ଗୁରୁତ୍ୱ ପ୍ରକାଶ କରାଯାଇଥିଲା । ଡ଼ଃ ସରୋଜ କୁମାର ଜଗଦଲା ସଂଚାଳନ କରିଥିବାବେଳେ ଯୁଗେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଖରୀରେ ବୁଡ଼ି ୧ ମୃତ

ବେଲଗୁଣ୍ଠା,୧୧।୩ (ଅକ୍ଷର ଓଡ଼ିଶା): ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉସ୍ତିଆ ଗ୍ରାମର ଭଗବାନ ଜେନା (୫୨) ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ ଓ ପୋଖରୀ ପାହାଚରେ ଶିଉଳି ପଡିଥିବାରୁ ଶିଉଳିରେ ଭଗବାନଙ୍କ ଗୋଡ଼ ଖସିଯିବାରୁ ସେ ପାଣି ଭିତରେ ପଡ଼ି ଯାଇଥିଲେ ଓ ସେ ପାଣିରେ ବୁଡିଯାଉଥିବା ସମୟରେ କିଛି ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଭଗବାନଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ ଓ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭଗବାନଙ୍କର ମୃତ୍ୟୁ ଘଟିଥିଲା ଓ ଏନେଇ ଭଗବାନଙ୍କ ପୁଅ ଗଣେଶ ଜେନା ବେଲଗୁଣ୍ଠା ଥାନାରେ ଅଭିଯୋଗ କରିବା ପରେ ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ୍ ଭଞ୍ଜନଗର ମେଡିକାଲ୍‌ରେ ପହଞ୍ଚି ମୃତ ଭଗବାନଙ୍କ ଶବକୁ ଜବତ କରି ଏକ ମାମଲା ରୁଜୁ କରିଛି ।

## ନାମ୍ପୋ ଫାଣ୍ଡିକୁ ଥାନାରେ ପରିଣତ ପାଇଁ ସରପଞ୍ଚଙ୍କ ଦାବୀ

ଜଳେଶ୍ୱର, ୧୧।୩(ଭୂପତି ପରିଡ଼ା): ଜଳେଶ୍ୱର ଥାନା ଅଧୀନ ନାମ୍ପୋ ଫାଣ୍ଡିକୁ ଥାନାରେ ପରିଣତ ପାଇଁ ସରପଞ୍ଚ ଲୋପାମୁଦ୍ରା ରାଉଳ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣୀ ଦାବୀ କରିଛନ୍ତି ।ନାମ୍ପୋ ଫାଣ୍ଡି ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଅବସ୍ଥାପିତ ହୋଇଥିବା ବେଳେ ଉକ୍ତ ଫାଣ୍ଡି ଅଧୀନରେ ୧୦ ଗୋଟି ଗ୍ରାମ ପଞ୍ଚାୟତ ଯଥା-ନାମ୍ପୋ, ଖାଲିନା, ସମ୍ପତିଆ, ନେତୁଆ, ସୁଗୋ, ବାଇଗଣବାଡ଼ିଆ, ଝାର୍ଡ଼ପିମ୍ପଳ, ପଶ୍ଚିମବାର୍ଡ଼, ଖୁଲୁଡ଼ା ଓ ବର୍ଡ଼ନା ଗ୍ରାମ ପଞ୍ଚାୟତ ଗୁଡ଼ିକୁ ନେଇ ନାମ୍ପୋ ଫାଣ୍ଡି ଗଠିତ ଓ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରନ୍ତି । ଉକ୍ତ ଫାଣ୍ଡି ଠାରୁ ଗୋଟିଏ ଗୋଟିଏ ପଞ୍ଚାୟତକୁ ପାଖାପାଖି ୨୦ କିମି ରାସ୍ତା ଯିବାକୁ ପଡ଼େ । ପୁଣି ଅବହେଳିତ ରାସ୍ତା । ତେଣୁ ଉକ୍ତ ଫାଣ୍ଡିକୁ ଥାନାରେ ତୁରନ୍ତ ପରିଣତ କରବା ପାଇଁ ୧୦ ଗୋଟି ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ଅନୁରୋଧ ସହିତ ନାମ୍ପୋ ସରପଞ୍ଚ ଲୋପାମୁଦ୍ରା ରାଉଳ ଜିଲ୍ଲାପାଳଙ୍କ ଯୁଗ୍ମ ଶୁଣାଣୀରେ ଦାବୀ କରିଛନ୍ତି ।

## ଅବସର ପ୍ରାପ୍ତ ଶିକ୍ଷକରନ୍ ଅଭୟ କୁମାର ପାଇଲେ ଦୟାନିଧି ସେବାରନ୍ ସମ୍ମାନ



କଟକ ସଦର, ୧୧।୩ (ଅକ୍ଷର ଓଡ଼ିଶା): କିଶୋର ନଗର ଗ୍ରାମ ପଂଚାୟତ ସ୍ଥିତ ହୁଲିପୁର ଗିରିଧାରୀ ଜୀଉ ବିଦ୍ୟା ମନ୍ଦିର ର ହିନ୍ଦୀ ଶିକ୍ଷକ ଅଭୟ କୁମାର ଦାସ ଙ୍କୁ କଟକ ସଦର ୪୨ମୌଜା ର ପଟଣା ଗ୍ରାମର ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ତରଫରୁ ଅନୁଷ୍ଠାନ ର ଉପଦେଷ୍ଟା ପ୍ରଦୀପ୍ତ କୁମାର ମହାପାତ୍ର, ସଭାପତି ସରୋଜ ନଳିନୀ ପରିଜା, ଉପଦେଷ୍ଟା ଶିକ୍ଷାବିତ ଚୈତନ୍ୟ କୁମାର ରାଉତ, ମହାସଚିବ ରୁଦ୍ର ନାରାୟଣ ଦାସ, ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ଦେଉଳି ଗ୍ରାମର ଗର୍ବ ଗୌରବ ଅବସର ପ୍ରାପ୍ତ ହିନ୍ଦି ଶିକ୍ଷକ ଅଭୟ କୁମାର ଦାସ ଙ୍କୁ ପୁଷ୍ପ ଗୁଛ ମାନପତ୍ର ଉତ୍ତରୀୟ ଦୟାନିଧି ପ୍ରତିଭା ସମ୍ମାନ ପଗଡି ପ୍ରଦାନ କରି ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରି ସମ୍ମାନିତ କରିଛନ୍ତି ।

## କଳସ ଶୋଭାଯାତ୍ରା ସହ ୨୪ ପ୍ରହରି ନାମଯଜ୍ଞ

ବିନିକା, ୧୧।୩(ପ୍ରତାପ ରୁଦ୍ର କର୍ଣ୍ଣ):ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ଅସୁରଗଡ଼ ଗ୍ରାମରେ କଳସ ଶୋଭାଯାତ୍ରା ସହ ୨୪ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଯାଇଛି । ଶନିବାର ସକାଳେ ଗ୍ରାମର ମହିଳା ଓ ପୁରୁଷମାନେ ଗାଁ ନିକଟସ୍ଥ ପୋଖରୀ ରୁ ସଂକୀର୍ତ୍ତନ, ଘଣ୍ଟବାଦ୍ୟ ସହ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ମଧ୍ୟାହ୍ନ ଗୋଟିଏ ସମୟରୁ ଆରମ୍ଭ ହୋଇଥିବା ମହାମନ୍ତ୍ର ନାମଜପ ଆସନ୍ତା ୧୪ ତାରିଖ ପୂର୍ଣ୍ଣାହୁତି ହେବ । କର୍ତ୍ତା ଭାବରେ ଗୋବର୍ଦ୍ଧନ ବାରିକ, ରବିନାରାୟଣ ବାରିକ ଦାୟିତ୍ୱ ତୁଲେଇଥିଲେ ।

# ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ବାଇଧର

ଖଣ୍ଡପଡ଼ା, ୧୧।୩ (ଅକ୍ଷର ଓଡ଼ିଶା): ନୂତନ ସରକାର ଆସିବା ପରଠାରୁ ଯୋଜନା ପରେ ଯୋଜନା କରିଚାଲିଛନ୍ତି । ସମସ୍ତଙ୍କ ମନରେ ଖୁସିର ଲହରି । ଖଣ୍ଡପଡ଼ାବାସୀ ବି ଖୁସିରେ ମସଗୁଲ । କିନ୍ତୁ ବ୍ୟତିକ୍ରମ ଦେଖିବାକୁ ମିଳିଛି ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ବାଇଧର ରାଉତଙ୍କ ପାଖରେ । ପାଖାପାଖି ୪୨ ବର୍ଷ ହେବ ବାଇଧରଙ୍କୁ । ୧୨୦୦ ଟଙ୍କା ଭତ୍ତା ପାଇ ଆସୁଛନ୍ତି । ବର୍ତ୍ତମାନ ଲୋକଙ୍କର ସରକାର ୮୦ ଶତକଡ଼ାରୁ ଅଧିକ ଭିନ୍ନକ୍ଷମଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ଦେବାକୁ ଯୋଜନା କରିଛନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି ବାଇଧର ସେହି ୩୫୦୦ ଟଙ୍କା ପାଇବାରୁ ବଞ୍ଚିତ ।

ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ମିଳୁନଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ବର୍ଦ୍ଧିତ ହାରରେ ଭତ୍ତା ପାଇବା ଆଶାରେ ଭିନ୍ନକ୍ଷମ ବ୍ୟକ୍ତି ଜଣକ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ନେହୁରା ହେବା ସହ ବାରମ୍ବାର ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ହେଁ ପ୍ରଶାସନିକ ଅଧିକାରୀ ନତୁବା ଲୋକ ପ୍ରତିନିଧିମାନେ କେହି ହେଲେ ତାଙ୍କ ଅଭିଯୋଗ



ପ୍ରତି ଗୁରୁତ୍ୱ ଦେଉ ନଥିବାରୁ ସେ ଦୁଃଖରେ ଭାଙ୍ଗି ପଡିଛନ୍ତି । ଭିନ୍ନକ୍ଷମ ବ୍ୟକ୍ତି ବାଇଧର ବହୁ କଷ୍ଟରେ ବସ ଯୋଗେ ବ୍ଲକ କାର୍ଯ୍ୟାଳୟକୁ ବୁଧବାର ଆସି ପ୍ରଶାସନିକ ଅଧିକାରୀଙ୍କୁ ଭେଟି ନିଜର ଗୁହାରି ଜଣାଇଥିଲେ । ତାଙ୍କୁ କେବେ ମାସିକ ଭତ୍ତା ୩୫୦୦ ଟଙ୍କା ମିଳିବ ସେ ନେଇ ସେ ଆଶଙ୍କା ପ୍ରକାଶ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ

**ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି**

ମାସିକ ଭତ୍ତା ବାବଦରେ ୩୫୦୦ ଟଙ୍କା ପ୍ରଦାନ କରୁଥିଲେ ହେଁ ବାଇଧର ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇ ମଧ୍ୟ ମାସକୁ ଭତ୍ତା ବାବଦରେ ୧୨୦୦ ଟଙ୍କା ସେ ପାଉଥିବା ଜଣାପଡିଛି । ତେବେ ଦୁଃଖରେ ଦିନ କାଟୁଥିବା ଭିନ୍ନକ୍ଷମ ବାଇଧରଙ୍କ ପ୍ରତି ନୟାଗଡ ଜିଲ୍ଲାପାଳ ସଦୟ ହୋଇ ଚଳିତ ମାସ ଠାରୁ ତାଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପ୍ରଦାନ କରିବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି ।

## ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ସିଡିପିଓଙ୍କୁ ଦାବିପତ୍ର

ସମ୍ବଲପୁର,୧୧।୩ (ଅକ୍ଷର ଓଡ଼ିଶା) ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘର ନେତୃତ୍ୱରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ମାନେଶ୍ୱର, ରେଢ଼ାଖୋଲ, ଯୁଜୋମୁରା, ଜମନକିରା, ବାମରା, ରେଙ୍ଗାଲି ଓ ବରପାଲି ବ୍ଲକରେ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ସିଡିପିଓଙ୍କ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାର ତଥା ପ୍ରଶାସନିକ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘ ପକ୍ଷରୁ ଅଙ୍ଗନବାଡି କର୍ମୀଙ୍କୁ ସରକାରୀ ମାନ୍ୟତା ଦେବା, ସମାନ କାମକୁ ସମାନ ଦରମା ପ୍ରଦାନ, ଶ୍ରମିକ ମାନ୍ୟତା ଦେବା, ଶ୍ରମ ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ୨୬ ହଜାର ଟଙ୍କା ଦରମା ପ୍ରଦାନ, ଶ୍ରମ କୋଡ୍ ଆଇନ୍ ଅନୁଯାୟୀ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା, ୧୦୦ ଶତକଡା ପଦୋନ୍ନତି ବ୍ୟବସ୍ଥା, ଉନ୍ନତ ମାନର ମୋବାଇଲ୍ ଫୋନ୍ ପ୍ରଦାନ, ଏସ୍‌ଏନ୍‌ପି ଦର ସଂଶୋଧନ କରିବା ଓ ଅଣ୍ଡାର ମୂଲ୍ୟ



ବଜାର ଦର ଅନୁସାରେ ଦେବା ଦାବି କରାଯାଇଛି ।

ଏହା ସହିତ ସର୍ବନିମ୍ନ ୧୦ ହଜାର ଟଙ୍କା ପେନସନ୍, ଅବସର ସମୟରେ ୧୦ ଲକ୍ଷ ଟଙ୍କା ବେନିଫିଟ୍, ଅତିରିକ୍ତ କାର୍ଯ୍ୟ ବନ୍ଦ କରିବା, ବର୍ଷକୁ ୪୦ ଦିନ ଛୁଟି ପ୍ରଦାନ, କର୍ମୀଙ୍କ ଦରମା ପ୍ରଦାନରେ ହେଉଥିବା ଅନିୟମିତତା ବନ୍ଦ କରିବା, ବନ୍ଦ ହୋଇଥିବା ଇନକ୍ରିମେଣ୍ଟ ପ୍ରଦାନ, ବିଭିନ୍ନ କାମ ଓ ମିଟିଂରେ ଯୋଗଦେଇଥିବା କର୍ମୀଙ୍କୁ ଗସ୍ତ ଓ ଖାଦ୍ୟ ଖର୍ଚ୍ଚ ପ୍ରଦାନ, ସମସ୍ତ କର୍ମୀ ଓ ସହାୟିକାଙ୍କୁ ଇ-ଶ୍ରମ କାର୍ଡ ଓ ଆୟୁଷ୍ମାନ୍ ଯୋଜନାରେ ସାମିଲ କରିବା ସହିତ ଗ୍ରୀଷ୍ମକାଳୀନ ଅବକାଶ ପ୍ରଦାନ କରିବା ପରି ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବି ଉଠାଯାଇଛି । ଆସନ୍ତା ୧୬ ତାରିଖରେ ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ହେବାକୁଥିବା ବିଶାଳ ବିକ୍ଷୋଭ ପ୍ରଦର୍ଶନକୁ ସଫଳ କରିବା ପାଇଁ ମଧ୍ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବ୍ଲକ୍‌ରୁ କର୍ମୀମାନେ ଆସି ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ସରକାରୀ ନିୟମ ଉଲଂଘନ ଅଭିଯୋଗ: ଅଧିକାରି ହେଲେ ହଟହଟା

ବଲାଙ୍ଗିର,୧୧।୩ (ଦେବେନ୍ଦ୍ର): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଅନ୍ତର୍ଗତ ଚଟୁଅନକା ପଞ୍ଚାୟତରେ ମଙ୍ଗଳବାର ସରକାରୀ ନିୟମ ଉଲଂଘନ କରି କାମ ହେଉଥିବା ଅଭିଯୋଗକୁ ନେଇ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ଘଟଣାରେ ତୁରେକେଲା ବ୍ଲକ୍ ଆସିଷ୍ଟାଣ୍ଟ ଇଞ୍ଜିନିୟର, କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରାସ୍ତା ମଝିରେ ହଟହଟା ହେବାକୁ ପଡ଼ିଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଚଟୁଅନକା ଗାଁରୁ କଣ୍ଟାବାଞ୍ଜି ହାଇସ୍କୁଲ ପର୍ଯ୍ୟନ୍ତ ଯାଉଥିବା ରାସ୍ତା ଦୀର୍ଘ ବର୍ଷ ଧରି ଶୋଚନୀୟ ଅବସ୍ଥାରେ ରହିଛି । ଏହି ରାସ୍ତାରେ ଥିବା ପୁରୁଣା ପୋଲ ମରାମତି ପାଇଁ ତୁରେକେଲା ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରାୟ ୪ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇ ନୂତନ ପୋଲ ନିର୍ମାଣ କାମ ଆରମ୍ଭ କରାଯାଇଛି । କିନ୍ତୁ ଠିକାଦାର ସୂଚନା ଫଳକରେ ତଥ୍ୟ ଲେଖିବା ବିନା ଓ ଲୋକମାନଙ୍କ ଯାତାୟାତ ପାଇଁ ବାଇପାସ୍ ରାସ୍ତା ନିର୍ମାଣ ନ କରି ପୋଲ ଭଙ୍ଗିବା କାମ ଆରମ୍ଭ କରିଥିବା ଅଭିଯୋଗ ହୋଇଛି ।

## ଶୋକାକୁଳ ପରିବେଶରେ ଜଳିଲା ୪ ଜଣଙ୍କ ଜୁଇ ଏକା ସାଙ୍ଗରେ..

ସୋନପୁର, ୧୧।୩(ସଂଗ୍ରାମ): ଗୋଡଭଗା-ସୋନପୁର ରାସ୍ତାରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସାରା ବିନିକା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ବରଗଡ଼ ଜିଲ୍ଲା ଭେଡେନ ଥାନା ମେହେନା ଗାଁ ନିକଟରେ ଗତ ୮ ତାରିଖ ରାତିରେ ଏକ ବୋଲେରୋ ଧକ୍କାରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଘାଟି ଜାମପାଲି ଗ୍ରାମର ଏକା ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଛି । ଆଜି ଗ୍ରାମ ମଶାଣିରେ ଏକାସାଙ୍ଗରେ ୪ ଜଣଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିବା ବେଳେ ପରିବେଶ ଅତ୍ୟନ୍ତ ଶୋକାକୁଳ ହୋଇପଡିଥିଲା । ଗତ ରବିବାର (୮ ତାରିଖ) ରାତି ପ୍ରାୟ ୮ଟା ସମୟରେ ଦୁଇଟି ବାଇକ୍‌ରେ ଅତାବିରା ଅଞ୍ଚଳରୁ ଏକ ବିବାହ ଉତ୍ସବ ସାରି ଫେରୁଥିବା ବେଳେ ସାମ୍ନା ପଟୁ ଆସୁଥିବା ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇ ଉପରେ ମାଡ଼ି ଯାଇଥିଲା । ମୃତକ ହେଲେ ସନ୍ତୋଷ ପଧାନ, ତାଙ୍କ ପତ୍ନୀ କହର ପଧାନ, ଭାଇ ଦୟାସାଗର ପଧାନ (ଶିକ୍ଷକ) ଏବଂ ନାତି ଶ୍ରେୟାଂସ ପଧାନ ।

ଏହି ଦୁର୍ଘଟଣାରେ ଦୟାସାଗରଙ୍କ ପୁଅ ଓ ପୁତୁରା ଗୁରୁତର ଆହତ ହୋଇ ବର୍ତ୍ତମାନ ବୁର୍ଲା ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି 'ସ୍ୱର୍ଗତ ଦୟାସାଗର ଜଣେ ଛାତ୍ରବତ୍ସଳ ଶିକ୍ଷକ ଓ ସନ୍ତୋଷ ଦମ୍ପତି ଅତ୍ୟନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ । ଏହି ଘଟଣା ସିଂଘିଯୁବା ପଞ୍ଚାୟତ ତଥା ସାରା ବ୍ଲକକୁ ସ୍ତବ୍ଧ କରିଦେଇଛି । ଆଜି ଶବ ବ୍ୟବଚ୍ଛେଦ ପରେ ଗାଁରେ ମୃତଦେହ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଶେଷ ସଂସ୍କାର କରାଯାଇଛି । ଶୋକସନ୍ତପ୍ତ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟଙ୍କ ନିମନ୍ତେ ସଚେତନତା ଶିବିର

ସମ୍ବଲପୁର,୧୧।୩ (ଅକ୍ଷର ଓଡ଼ିଶା): ସମ୍ବଲପୁର ଜିଲ୍ଲା ପ୍ରଶାସନ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା ଓ ଭୁବନେଶ୍ୱରର Help Age Indiaଙ୍କ ମିଳିତ ଉଦ୍ୟୋଗରେ କୁଚିଣ୍ଡା Town Hallରେ ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟଙ୍କ ନିମନ୍ତେ Legal Rights & Protection ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର କୋଷାଧ୍ୟକ୍ଷ ନାରାୟଣ ସାହୁ, ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପାଣି, କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ସଭାପତି ତଥା ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଉପସଭାପତି ଧୀରେନ୍ଦ୍ର କୁମାର ମହାନ୍ତି, ମାନ୍ୟବର ସାଂସଦଙ୍କ କୁଚିଣ୍ଡା ପ୍ରତିନିଧି ଶ୍ରୀ ଅରୁଣ କୁମାର ଅଗ୍ରୱାଲ, ରେଙ୍ଗାଲି ବିଧାନ ସଭା ମଣ୍ଡଳୀର ପୂର୍ବତନ ବିଧାୟକ ଦୁର୍ଯୋଧନ ଗରଡ଼ିଆ ମାନ୍ୟବର ବିଧାୟକ, କୁଚିଣ୍ଡାଙ୍କ ପ୍ରତିନିଧି ସୁଶୀଲ କୁମାର କର, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁବୋଧ କୁମାର ନାୟକ ନିର୍ବାହୀ ଅଧିକାରୀ, ଘଇଉ, କୁଚିଣ୍ଡା ମନୋରଞ୍ଜନ ସୁନା ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସମ୍ବଲପୁର ସୌର ଚନ୍ଦ୍ର ପାଣି , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମାହାନ୍ତି, Resource Person - Help Age India ରୁ ଶ୍ରୀମତୀ ଦେବଶ୍ରୀ ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ ।

ସମ୍ବଲପୁର ଜିଲ୍ଲାର ପଞ୍ଜିକୃତ ଓ ସଭାରେ ଉପସ୍ଥିତ ପ୍ରତ୍ୟେକ ବରିଷ୍ଠ ନାଗରିକ ସଂଘର ସଭାପତି ତଥା ବରିଷ୍ଠ ସଦସ୍ୟ ସାନ୍ତାନୁ କୁମାର ସାହୁ ଓ ଉପଦେଷ୍ଟା ଜୟପ୍ରକାଶ ଗୁପ୍ତାଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି । ଶିବିରରେ ବାମରା କେନ୍ଦୁପାଣି, ଗଡ଼ପୋଷ, କୁନ୍ତରା, କୁଚିଣ୍ଡା ରେଙ୍ଗାଲି, ଜମନକିରା ଓ ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ ।

**ନୂଆପଡ଼ାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ସମୀକ୍ଷା ବୈଠକ**

## ଖଡ଼ିଆଳର ଚିତ୍ତରଞ୍ଜନ ଦାଶ ପାଇଲେ 'ଦିବ୍ୟାଙ୍ଗ ମିତ୍ର' ପୁରସ୍କାର

ନୂଆପଡ଼ା, ୧୧।୩ (ଅକ୍ଷର ଓଡ଼ିଶା): ନୂଆପଡ଼ା ଜିଲ୍ଲାରେ ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ମାସିକ ସମୀକ୍ଷା ବୈଠକ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମୀକ୍ଷା ବୈଠକରେ ବିଭାଗର ସମସ୍ତ ଯୋଜନା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିରୁ ଜଣାଗଲା ଯେ, ବର୍ତ୍ତମାନ ଜିଲ୍ଲାରେ ୧୧୦୯୪୯ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ ,ବିଧବା ତଥା ଭିନ୍ନକ୍ଷମ ଭତ୍ତା ପାଉଛନ୍ତି । ଚଳିତ ଆର୍ଥିକ ବର୍ଷରେ, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୧୪ ଜଣଙ୍କୁ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ



ଯୋଜନାରେ ୬୮ ଜଣଙ୍କୁ, ଭିନ୍ନକ୍ଷମ ଛାତ୍ର ବୃତ୍ତି ଯୋଜନାରେ ୪୧ ଜଣଙ୍କୁ ଓ ବାଣୀଶ୍ରୀ ଛାତ୍ର ବୃତ୍ତି ଯୋଜନାରେ ୪୦୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବୈଠକରେ ଦିବ୍ୟାଙ୍ଗ ସହାୟତା ଅଭିଯାନ, ମଧୁବାବୁ ପେନସନ ଯୋଜନା, ଦିବ୍ୟାଙ୍ଗ ପେନସନ, ଜାତୀୟ ପରିବାର କଲ୍ୟାଣ ଯୋଜନା ଏବଂ ତୃତୀୟ ଲିଙ୍ଗୀ ମାନଙ୍କ ପାଇଁ "ସ୍ୱୀକୃତି" ଯୋଜନାର ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ 'ବିଧବା ସହାୟତା ଅଭିଯାନ'ରେ ଆସୁଥିବା ସମସ୍ତ ବାଧାକୁ ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ବିଧବାମାନଙ୍କ ଡାଟାବେସ ଶୀଘ୍ର ସମ୍ପନ୍ନ କରି ସେମାନଙ୍କୁ ଆବଶ୍ୟକ ସହାୟତା ସହିତ ଜୀବନ ଜୀବିକାର ସୁଯୋଗ ଯୋଗାଇଦେବା ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ଜାତୀୟ ପରିବାର କଲ୍ୟାଣ ଯୋଜନା ସହିତ ଅନ୍ୟାନ୍ୟ ସମାଜିକ ସୁରକ୍ଷା ଯୋଜନାରେ ଥିବା ଅନ୍ତରାଳକୁ ମଧ ସମାଧାନ କରିବାକୁ ସେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ, ଜିଲ୍ଲାପାଳ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତୁକଲା ଗ୍ରାମର ଚିତ୍ତରଞ୍ଜନ ଦାଶଙ୍କୁ ଫେବୃଆରି ମାସ ପାଇଁ 'ଦିବ୍ୟାଙ୍ଗ ମିତ୍ର' ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀ ଦାଶ ନିଜେ ଜଣେ ଦିବ୍ୟାଙ୍ଗ ହୋଇ ମଧ ଅନେକ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ଅଧିକାର ପ୍ରାପ୍ତ କରିବାରେ ସହାୟତା ଯୋଗାଇ ଦେଉଛନ୍ତି । ପୁରସ୍କାର ସ୍ୱରୁପ ଆଜି ତାହାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ଶ୍ରୀମତୀ ସୁର୍ମି ସୋରେନ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ହରିଶଙ୍କର ନିଆଲ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ସ୍ମୃତି ରେଖା ନନ୍ଦ ଏବଂ ବିଭାଗର ବ୍ଲକ ସ୍ତରୀୟ, ବିଜ୍ଞାପିତ ଅଞ୍ଚଳ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

**ନୂଆପଡ଼ାରେ ଜିଲ୍ଲା ସ୍ତରୀୟ 'ସୁଭଦ୍ରା ଶକ୍ତି ମେଳା ୨୦୨୬'**

## ମହିଳା ଉଦ୍ୟୋଗୀତା ଓ ସାଂସ୍କୃତିକ ପରମ୍ପରାର ମହୋତ୍ସବ ଉଦ୍‌ଘାଟିତ



ନୂଆପଡ଼ା,୧୧।୩ (ଅକ୍ଷର ଓଡିଶା): ଓଡ଼ିଶାର ମହିଳା ଉଦ୍ୟୋଗୀତା ସହିତ ସାଂସ୍କୃତିକ ପରମ୍ପରାକୁ ଆଗେଇ ନେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ, ନୂଆପଡ଼ା ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ୨୦୨୬, ନୂଆପଡ଼ା ସ୍ଥିତ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ବର୍ଣ୍ଣାଢ଼୍ୟ ପରିବେଶରେ ଉଦଘାଟିତ ହୋଇଯାଇଛି । ଏହି ମେଳା ମାର୍ଚ୍ଚ ୧୦ ରୁ ୧୬ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଆୟୋଜିତ ହେବ ।

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବ ସମାରୋହରେ ନୂଆପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଡଲି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମିତପାଲ ସିଂ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଖଡ଼ିଆଳ ଅଜିଜ ଖାନ, ନୂଆପଡ଼ା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଡଃ ସୋନିଆ ଜୈନ ଓ ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର ଉପସ୍ଥିତ ଥିଲେ । ପ୍ରଥମେ ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ମେଳାର ଶୁଭ ଉଦ୍‌ଘାଟନ କରାଯାଇଥିଲା । ପରେ ଅତିଥିମାନେ ଷ୍ଟଲଗୁଡ଼ିକ ପରିଭ୍ରମଣ କରି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ବୁଲି ଦେଖିଥିଲେ ।ପରେ ପ୍ରଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ସନ୍ଧ୍ୟାର ଶୁଭାରମ୍ଭ ହୋଇଥିଲା । ଆୟୋଜିତ ସଭାରେ ଅତିଥିମାନେ ମହିଳା ସଶକ୍ତିକରଣ ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଆର୍ଥିକ ଉନ୍ନତିରେ ଏପରି ମେଳାର ଗୁରୁତ୍ୱ ରହିଛି ବୋଲି କହିଥିଲେ । ମେଳା ଉପଲକ୍ଷେ ଆୟୋଜିତ ଦୌଡ଼ ଡିଆଁ ଓ ମେହେନ୍ଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା । ମଞ୍ଚରେ ଅତିଥିମାନଙ୍କୁ ସ୍ମୃତି ଉପହାର ପ୍ରଦାନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

**ନୂଆପଡ଼ାରେ ଉଦ୍ୟାନ କୃଷି ଯୋଜନାର ସମୀକ୍ଷା ବୈଠକ**

## ୫ ଜଣ ପ୍ରଗତିଶୀଳ ଚାଷୀଙ୍କୁ ସମ୍ବର୍ଦ୍ଧନା



ନୂଆପଡ଼ା,୧୧।୩(ଅକ୍ଷର ଓଡିଶା): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ବିଭାଗୀୟ ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ । ବୈଠକରୁ ଜଣାଗଲା ଯେ, ସମନ୍ୱିତ ଉଦ୍ୟାନ କୃଷି ଉନ୍ନତି ମିଶନ ଅନ୍ତର୍ଗତ ପାଞ୍ଚଟି ବ୍ଲକରେ ୫୫ ଏକର ନୂତନ ଆମ୍ବ ବଗିଚା ସୃଷ୍ଟି କରା ଯାଇଛି । ସେହିପରି, ୫ ଏକର ଜମିରେ ନୂତନ ହାଇବ୍ରିଡ ଅମୃତଭଣ୍ଡା ବଗିଚା ସୃଷ୍ଟି କରା ଯାଇଛି । ଏହାସହିତ ଉଦ୍ୟାନ କୃଷି ବିଭାଗର ଯୋଜନାମାନ, ଯଥା ଉଦ୍ୟାନ କୃଷି ଅଭିବୃଦ୍ଧି ପାଇଁ ସମନ୍ୱିତ ମିଶନ, "ପ୍ରତି ବୁନ୍ଦାରୁ ଅଧିକ ଉତ୍ପାଦନ" ଯୋଜନା ଏବଂ ଖାଇବା ତେଲର ଜାତୀୟ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା ।ଏହି ଅବସରରେ ପାଞ୍ଚଜଣ ପ୍ରଗତିଶୀଳ ଓ ସଫଳ ଉଦ୍ୟାନ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ନୂଆଗାଁ ଗ୍ରାମର ମହେଶ୍ୱର ବାଗ, ପଲ୍‌ସାଗୁଡ଼ାର ଧ୍ରୁ ସାହୁ, ବ୍ରହ୍ମାପଡ଼ାର ସୁକାନ୍ତି କଶ୍ୟପ, ମହୁଲପଡ଼ାର ନିରଞ୍ଜନ ମାଝୀ ଓ ଖଡ଼ିଆଳ ଛତା ଗ୍ରାମର ମଣିରାମ ମାଝୀ । ବୈଠକରେ କୋମନା ସହାୟକ ଉଦ୍ୟାନ କୃଷି ଅଧିକାରିଣୀ ଆରାଧନା ଶବର, କୋମନା ଉଦ୍ୟାନ କୃଷି ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ, ନୂଆପଡ଼ା ଉଦ୍ୟାନ କୃଷି ଅଧିକାରୀ ଗୋବର୍ଦ୍ଧନ ପାଢ଼ୀ, ଖଡ଼ିଆଳ ସହାୟକ ଉଦ୍ୟାନ କୃଷି ଅଧିକାରୀ ମୋହିତ କୁମାର ନାୟକ ଓ ଉଦ୍ୟାନ କୃଷି ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଇତିହାସ ବିଭାଗର ପାଠ ଚକ୍ର




ବେଲଗୁଣ୍ଠା, ୧୧।୩ (ଅକ୍ଷର ଓଡ଼ିଶା): ସ୍ଥାନୀୟ ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଇତିହାସ ବିଭାଗ ତରଫରୁ ବୀର ସୁରେନ୍ଦ୍ର ସାଏଙ୍କ ସମ୍ପର୍କରେ ଏକ ପାଠ ଚକ୍ର ଅନୁଷ୍ଠିତ ହୋଇଯାଇଛି ଓ ଅନୁଷ୍ଠାନ ଅଧକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ତଥା ସାଧନ ବ୍ୟକ୍ତିତ୍ୱ ଭାବେ ବୁଗୁଡ଼ା ପିପୁଲ୍‌ସ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ରବୀନ୍ଦ୍ର ନାଥ ପୋଲେଇ ଯୋଗ ଦେଇ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଏବଂ ସଂଗ୍ରାମୀ ଜୀବନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ଓ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଅଜୟ କୁମାର ବିଶ୍ୱାଳ, ଅଧ୍ୟାପକ ସପନ କୁମାର ପ୍ରଧାନ ଯୋଗ ଦେଇଥିଲେ ଓ ଇତିହାସ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବୀର ସୁରେନ୍ଦ୍ରସାଏଙ୍କ ସମ୍ପର୍କରେ ଆଲୋଚନା କରିଥିଲେ ଓ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ ସୁନିତା କୁମାରୀ ପ୍ରଧାନ ପାଠଚକ୍ରର ସନ୍ଦର୍ଭ ପାଠ କରିଥିଲେ ଓ ଏହି ପାଠଚକ୍ରରେ ଇତିହାସ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ଓ ଅଧ୍ୟାପକ ଅଜୟ କୁମାର ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ହୋଲ୍ଡିଂ ଟ୍ୟାକ୍ସ ପୈଠ କରୁନି ରବୀନ୍ଦ୍ର ବିଦ୍ୟା ନିକେତନ

କେନ୍ଦୁଝର:୧୨/୦୩(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ସହର ଉପକଣ୍ଠ ବଡହଲ ଠାରେ ଥିବା ଏକ ପ୍ରତିଷ୍ଠିତ ଘରୋଇ ଶିକ୍ଷା ଅନୁଷ୍ଠାନ ' ରବୀନ୍ଦ୍ର ଶିକ୍ଷା ନିକେତନ ' ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ପୈଠ କରି ନଥିବାରୁ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ନୋଟିସ ଜାରି କରାଯାଇଛି। ସୂଚନା କ୍ରମେ, ରବୀନ୍ଦ୍ର ବିଦ୍ୟା ନିକେତନ ପକ୍ଷରୁ ଦୀର୍ଘ ବର୍ଷ ଧରି ହୋଲ୍ଡିଂ ଟ୍ୟାକ୍ସ ପୈଠ କରା ଯାଇନଥିବାରୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ବିପକ୍ଷରେ ୨ ଟି ହୋଲ୍ଡିଂ ନମ୍ବରରେ ୧ କୋଟି ୭ ଲକ୍ଷ ୭୧ ହଜାର ୯୫୫ ଟଙ୍କା ପୈଠ ପାଇଁ ନୋଟିସ ଜାରି କରିଛି କେନ୍ଦୁଝରଗଡ଼ ପୌରପାଳିକା। ଜାରି କରାଯାଇଥିବା ନୋଟିସ ଅନୁଯାୟୀ, ହୋଲ୍ଡିଂ ନଂ ୩୩୯ ରେ ୧ କୋଟି ୬ ଲକ୍ଷ ୯୦ ହଜାର ଟଙ୍କା ବକେୟା ଥିବା ବେଳେ, ହୋଲ୍ଡିଂ ନଂ ୩୪୭ ରେ ୮୧ ହଜାର ୯୫୫ ଟଙ୍କା ପୈଠ ହୋଇନାହିଁ। ନୋଟିସ ପାଇବାର ୧ ମାସ ମଧ୍ୟରେ ୨ ଟି ଯାକ ହୋଲ୍ଡିଂ ନମ୍ବରରେ ବକେୟା ଥିବା ହୋଲ୍ଡିଂ ଟ୍ୟାକ୍ସ ପୈଠ କରାନଗଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌରପାଳିକା ସୂତ୍ରରୁ ପ୍ରକାଶ।

## ମା'ତାରିଣୀଙ୍କ ଚଇତିପର୍ବ ନିମନ୍ତେ ପ୍ରସ୍ତୁତି ବୈଠକ



ଘଟଗାଁ:୧୨/୦୩(ସମ୍ବିତ କୁମାର ସାହୁ) – କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଘଟଗାଁ ମା' ତାରିଣୀ ଠାକୁରାଣୀଙ୍କ ୯୦ତମ ବାର୍ଷିକ ମହାବିଷୁବ ପଣା ସଂକ୍ରାନ୍ତି ପର୍ବ ବା ଚଇତିପର୍ବର ପ୍ରସ୍ତୁତି ବୈଠକ ମା ତାରିଣୀ ମନ୍ଦିର ପରିସରସ୍ଥ ମା' ତାରିଣୀ କଲ୍ୟାଣ ମଣ୍ଡପ ଠାରେ ଗତ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସମ୍ମାନୀତ ଅତିଥି ଭାବେ ଘଟଗାଁ ବିଡିଓ ଖଗେଶ୍ୱର ବରାଳ, ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ମୁକ୍ତିକାନ୍ତ ନାୟକ, ଘଟଗାଁ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା, ବନାଞ୍ଚଳ ଅଧିକାରୀ ସରୋଜ ମିଶ୍ର, ଦେବୋତ୍ତର ଇନ୍ସପେକ୍ଟର ତ୍ରିଲୋଚନ ନାଏକ, ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଅଗ୍ନିଶମ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ସତ୍ୟସାଇ ସେବା ସଂଗଠନ, ଗାୟତ୍ରୀ ପରିବାର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ, ମା ତାରିଣୀ ୟୁଥ କ୍ଲବ, ଓଡିଶା ଡ୍ରାଇଭର ମହା ସଂଘ, ତାରିଣୀ ସିଣ୍ଡିକେଟ ବସ ଆସୋସିଏସନ, ପୋଇଜାମୁଳା ବିର୍ସା ମୁଣ୍ଡା ଯୁବକ ସଂଘ, ଡାଙ୍ଗଡ଼ିହା ଗଜାନନ ୟୁଥ କ୍ଲବ, ବାଲିଯୋଡି ସଂକଟ ତାରିଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଚଇତି ପର୍ବ ଅବସରରେ ଗୀତା ପାଠ, ଦେବୀ ସ୍ତୁତି ପାଠ, ମା'ଙ୍କ ମାର୍ଜଣା, ମଙ୍ଗଳ ଆଳତୀ, ସୁନାବେଶ, ଭାଗବତ ପାରାୟଣ, ଚଣ୍ଡୀପାଠ, ସତ୍ୟନାରାୟଣ ପୂଜା, ଆଧାତ୍ମିକ ନୃତ୍ୟ, ଓଡିଶୀ ଶାସ୍ତ୍ରୀୟ ନୃତ୍ୟ, ଆଧାତ୍ମିକ ପ୍ରବଚନ, ବାଦୀପାଲା, ଭଜନ ସମାରୋହ, ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୃତୟନ, ପିଇବା ପାଣି ବ୍ୟବସ୍ଥା, ବ୍ୟାରିକେଡ଼ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ବ୍ୟବସ୍ଥା, ଗାଡି ପାର୍କିଂ ବ୍ୟବସ୍ଥା , ଅସ୍ଥାୟୀ ପ୍ରାଥମିକ ଚିକିତ୍ସା ଏବଂ ଆକସ୍ମିକ ଦୁର୍ଘଟଣା ପ୍ରତିକାର ଆଦି ସମସ୍ତ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଚଇତି ପର୍ବ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରା ଯାଇଥିଲା। ଆସନ୍ତା ଏପ୍ରିଲ ମାସ ୯ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଏହି ଚଇତିପର୍ବ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ପାଇଁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ ମହାପାତ୍ର ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକଙ୍କ ପୁରୀ ଅଭିମୁଖେ ତୀର୍ଥଯାତ୍ରା



କେନ୍ଦୁଝର:୧୨/୦୩(ଦିଲ୍ଲୀପ କୁମାର ସାହୁ) – ଗତ ବୁଧବାର ମାର୍ଚ୍ଚ ମାସ ୧୧ ତାରିଖ ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲାରୁ ୨୨୨ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାରେ ସାମିଲ ହୋଇ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଜିଲ୍ଲା ସଦର ମହକୁମା ଠାରୁ ଓ.ଏସ.ଆର.ଟି.ସିର ୬ ଗୋଟି ଭଲଭୋ ବସ୍ ଯୋଗେ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ମାନ୍ୟବର ବିଧାୟକ, ଜିଲ୍ଲାପାଳଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦାନ ପୂର୍ବକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ଯାତ୍ରୀମାନଙ୍କୁ ଆଧାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ମାନେ ମଧ ଗସ୍ତ କରିଛନ୍ତି ।ଯାତ୍ରା ପୂର୍ବରୁ ଆଜି ସକାଳେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସମସ୍ତ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଥିଲା। ଜିଲ୍ଲାପାଳ ବିଶାଳ ସିଂହ ଏହି ଯାତ୍ରାକୁ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକଙ୍କ ସମେତ ବିଭାଗୀୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା।

## ଆନନ୍ଦପୁରରେ ଏଚପି ଗ୍ୟାସ୍ ସଂକଟ, ଫେରିଲେ ବହୁ ଗ୍ରାହକ

ହାଟଡିହି: ୧୨/୩ ଅମୀୟ ବରାଳ – କେନ୍ଦ୍ର ସରକାର ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି କରି ଗ୍ରାହକଙ୍କୁ ସିଧା ଚୁଲିରେ ମାଡ ? ?କରିଥି। ଆନନ୍ଦପୁର ଉପଖଣ୍ଡରେ ତାହାର ପ୍ରଭାବ ଦେଖିବାକୁ



ମିଳିଛି। ଖବରରୁ ଜଣାଯାଏ ହଠାତ୍ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ହେତୁ ଚିନ୍ତାରେ ଗ୍ରାହକ। ଚାରି ପାଞ୍ଚ ଦିନ ଆଗରୁ ଅଲ୍ ଲାଇନ ବୁକ୍ କରିଥିଲେ ବି ସ୍ଥାନୀୟ ଡିଲର ଆବଶ୍ୟକ ଗ୍ୟାସ ସିଲିଣ୍ଡର ଯୋଗେଇପାରୁନ ଥିବା ଜଣାପଡିଛି। ଆନନ୍ଦପୁର ଦଳେଇ ଗ୍ୟାସ କାଉଣ୍ଟର ଆଗରେ ଲୋକମାନେ ଖରାଦିନେ ଲମ୍ବା ଲାଇନ୍ ରେ ଦୀର୍ଘ ସମୟ ଛିଡ଼ା ହୋଇ ଅପେକ୍ଷା କରିବାକୁ ପଡୁଛି କେତେବେଳେ ଗ୍ୟାସ ସିଲିଣ୍ଡର ମିଳିବା। ଅନେକ ଲୋକ ଗ୍ୟାସ ସିଲିଣ୍ଡର ପାଇ ଫେରିବା ସାର୍ ହେଉଛି ।କେତେକଙ୍କ ବୈଷୟିକ କାଗଜ ପତ୍ର ହେଇ ନଥିବା ହାରାସ ହେବାକୁ ପଡୁଛି। ଡିଲର ପର୍ଯ୍ୟାପ୍ତ ପରିମାଣର ଗ୍ୟାସ ସିଲିଣ୍ଡର ଏ ଅଞ୍ଚଳରେ ଯୋଗେଇ ପାରୁନଥିବା ଅଭିଯୋଗ ହୋଇଛି, ସେଥିପାଇଁ ଦୁରଦୁରାନ୍ତରୁ ଆସୁଥିବା ଗ୍ରାହକଙ୍କ ପାଇଁ ବଡ଼ ହଇରାଣ ହେବାକୁ ପଡୁଛି। ଉପଖଣ୍ଡ ଯୋଗାଣ ଅଧିକାରୀ ଏହାକୁ ଗୁରୁତ୍ୱ ଦେବା ସହିତ ଏ ଦିଗରେ ଡିଲର ମାନେ ଆଗୁଆ ପଦକ୍ଷେପ ନେଲେ ଗ୍ରାହକ ମାନେ ସୂଚାରୁରୂପେ ଧାର୍ଯ୍ୟ ମୂଲ୍ୟରେ ଗ୍ୟାସ ସିଲିଣ୍ଡର ପାଇପାରିବେ ଲୋକେ କହିଛନ୍ତି।

### ଅବକାରୀ ବିଭାଗର ଚଢ଼ାଉ ତିନିଶହ ଲିଟର ମଦ ଜବତ

## ଗାଡି ସମେତ ଦୁଇ ଗିରଫ

ବଡ଼ବିଲ ୧୨/୦୩/୨୬:(ସରୋଜ କୁମାର ମହାପାତ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ଅବକାରୀ ବିଭାଗର ଚଢ଼ାଉ, ବିପୁଳ ପରିମାଣର ମହୁଲି ଜବତ୍ ଗାଡ଼ିସହ ଦୁଇଜଣ ଗିରଫ। କେନ୍ଦୁଝର ଜିଲ୍ଲା ଯୋଡ଼ା।ଥାନା ଅନ୍ତର୍ଗତ ବାଂଶପାଣି ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉକରି ଏକ କାରରୁ ତିନିଶହ ଲିଟର ମହୁଲି



ଜବତ କରିବା ସହ ଜଣେ ମହିଳା ଏବଂ ଜଣେ ପୁରୁଷକୁ ଗିରଫ କରିଛି ଅବକାରୀ ବିଭାଗ ।ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଜୁରୁଡି ଅଞ୍ଚଳର ଅଜିତ ହେମ୍ବ୍ରମ(୨୦) ଏବଂ ଜଣେ ମହିଳା ଜ୍ୟୋତ୍ସ୍ନା ସାହୁ (୩୮) ହୋଇଥିବା ନେଇ ସୂଚନା। ବେଆଇନ୍ ମଦ ବ୍ୟବସାୟୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗରର ବେଆଇନ ମର୍ଦ୍ଦିରୋଧରେ ସ୍ୱତନ୍ତ୍ର ଡ୍ରାଇଭ ଚାଲୁଥିବା ବେଳେ ମଙ୍ଗଳବାର ଦିନ ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ନିକଟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ.ଆଇ ଶୁଭମ ବିଶ୍ୱାଳ ,ଏ.ଏସ.ଆଇ ପ୍ରଶାନ୍ତ ପରିଡା ଏବଂ ସହକର୍ମୀଙ୍କ ଏକ ମିଳିତ ଟିମ ଚଡାଉ କରି ଗାଡି ନମ୍ବର ଓ.ଆର.୦୨-ଏ-ଏସ-୫୫୬୦ ରେ ମହୁଲି ମଦ ଚାଲାଣ ବେଳେ ତାକୁ ଧରିଥିଲେ।ଏହି ଚଢ଼ାଉ ରେ ଉକ୍ତ ଗାଡିରୁ ପାଖାପାଖି ତିନିଶହ ଲିଟର ମହୁଲି ଜବତ କରିବା ସହ ଗାଡିକୁ ମଧ ଜବତକରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ବଡ଼ବିଲ କୋର୍ଟଚାଲାଣ କରାଯାଇଥିବା ନେଇ ଯୋଡ଼ା ଅବକାରୀ ଅଧିକାରୀଙ୍କ ପକ୍ଷରୁ ସୂଚନା ।

## ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ




ଆନନ୍ଦପୁର:୧୨/୩(ଗଗନ ବିହାରୀ ଦାସ) : ଆନନ୍ଦପୁର ମହାବିଦ୍ୟାଳୟ ର ନୂତନ ସମ୍ମିଳନୀ କକ୍ଷରେ ଉଦ୍ଭିଦ ବିଜ୍ଞାନବିଭାଗ ର ମୁଖ୍ୟ ଅଧାପିକା ଭାରତୀ ସାହୁଙ୍କ ସଭପତିତ୍ୟ ରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ଯୋଗ ଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟ ରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗ ର ବାର୍ଷିକ ଉତ୍ସବ କୁ ଉଦଘାଟନ କରିଥିଲେଛାତ୍ରୀ ଜାଗୃତି ମିଶ୍ର ସଂଯୋଜନା କରିଥିବା ବେଳେ ରେଖାଞ୍ଜଳୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ,ଓ ଦେବାଙ୍ଗିନି ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ,ଅଧାପକ ସୁବ୍ରତ ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଭାରତୀ ସାହୁ ସ୍ୱାଗତ ଭାସଣ ପ୍ରଦାନ କରିଥିଲେସର୍ବ ପ୍ରଥମେ ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ, ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର,ପୁଷ୍ପଲତା ରାମ,ଅନିତା ଦାସ, ନରେଶ ସାହା ,ସୁରୁଚୀ ସ୍ୱାଇଁ,ମନୋଜ ନାୟକ ଓମୁଖ୍ୟ ବକ୍ତା ଭାବେ ନର୍ଥ ଜୋନ ବାରିପଦା ଉଚ୍ଚମାଧମିକ ଶିକ୍ଷା ପରିଷଦ ର ଉପ ସଚିବ ଡକ୍ଟର ରାଜେଶ କୁମାର ପ୍ରଧାନ ଯୋଗ ଦେଇ ଦୈନଦିନ ଜୀବନ ରେ ଉଦ୍ଭିଦ ବିଜ୍ଞାନର ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେକୃତୀ ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ କ୍ରମ ପରିବେଷଣ କରାଯାଇଥିଲାବିଭାଗ ର ବୁଲେଟିନ ବନାନୀ କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେଶ୍ରିଲେଖା ସାହୁ,ସଂଘ ମିତ୍ରା ରାଉତ, ହେମା ଗୁପ୍ତା,ଶବିନା ଆର ବେଗମ୍,ଆଦ୍ୟା ଦେବ ମହାନ୍ତି ,ତଥା ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## ବାଇକ୍ ଆରୋହୀଙ୍କୁ ମାରିଦେଲା ହାଇୱା

ବଡ଼ବିଲ:୧୨/୩/୨୬:(ସରୋଜ କୁମାର ମହାପାତ୍ର):କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତରେ ମୋଟର ସାଇକେଲ ଆରୋହୀଙ୍କ ହାଇୱା ଧକ୍କାରେ ମୃତ୍ୟୁ। କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ରରେ ଦିନକୁ ଦିନ ବୃଦ୍ଧି ପାଉଛି ସଡ଼କ ଦୁର୍ଘଟଣା। କେନ୍ଦୁଝର ଜିଲ୍ଲା ଯୋଡାଥାନା ଅନ୍ତର୍ଗତ ଯୋଡାଠାରୁ ବାମେବାରୀ ଯାଇଥିବା ରାସ୍ତା ବାଂଶପାଣି ଛକ ନିକଟରେ ଓଡ-୦୯ଚ - ୨୮୬୫ ନମ୍ବର୍ ବିଶିଷ୍ଟ ଏକ ହାଇୱା ଟ୍ରକ ଯାଉଥିବା ବେଳେ ରାସ୍ତାର ବାମପାର୍ଶ୍ୱରେ ଏକ ବାଇକ୍



ଆରୋହୀ ଯାଉଥିଲେ ଟ୍ରକଟି ତାଙ୍କୁ ଧକ୍କା ଦେଇ ଘୋଷାରି ନେଇ ଯାଇଥିଲା, ଯାହାଫଳରେ ବାଇକ୍ ଆରହୀ ଟ୍ରକ ଚକା ତଳେ ଚାପିହୋଇ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ନେଇ ସୂଚନା । ଖବର ପାଇ ଯୋଡ଼ା ପୋଲିସ ଓ ଅଗ୍ନିଶମ ବାହୀନି ଘଟଣା ସ୍ଥଳରେ ପହଞ୍ଚି ପ୍ରାୟ ଏକ ଘଣ୍ଟା କସରତ କରି ଟ୍ରକ ତଳୁ ମୃତ ବ୍ୟକ୍ତିକୁ ଉଦ୍ଧାର କରି ଶବ ବ୍ୟବଛେଦ ପାଇଁ ପଠାଇଥିବା ନେଇ ସୂଚନା। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଟ୍ରକ୍ ଚାଳକ ଚମ୍ପଟ ହୋଇଯାଇଛି, ଯୋଡ଼ା ପୋଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍ କୁ ଜବତ୍ କରି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି ଯୋଡ଼ା ପୋଲିସ୍।

## ଦୁର୍ଘଟଣାରେ ଯୁବକଙ୍କ ମୃତ

ବଡ଼ବିଲ:୧୨/୩/୨୬:(ସରୋଜ କୁମାର ମହାପାତ୍ର):କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତରେ, ମୋଟର ସାଇକେଲ



ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା। କେନ୍ଦୁଝର ଜିଲ୍ଲା ଚମ୍ପୁଆଥାନା ଅନ୍ତର୍ଗତ ବାସୁଦେବପୁର କନ୍ୟାଶ୍ରମ ନିକଟରେ ବାଇକ ଦୁର୍ଘଟଣାରେ ଯୁବକ ମୃତ୍ୟୁ । ସୂଚନା ଅନୁଯାୟୀ ସାତହଳିଆ ଗ୍ରାମର ସଚ୍ଚିଦାନନ୍ଦ ନାଏକ ଯୋଡ଼ା ଥାନା ଅନ୍ତର୍ଗତ ଦେଉଝର ଗ୍ରାମରେଥିବା ନିଜ ସମ୍ପର୍କୀୟ ଘରୁ ବାହାଘର କାର୍ଯ୍ୟକ୍ରମ ସାରି ଏକ ମୋଟରସାଇକେଲ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ବାସୁଦେବପୁର କନ୍ୟାଶ୍ରମ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଟି ଏକ ଗଛରେ ପିଟି ହେବାରୁ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିବା ନେଇ ସୂଚନା। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି ଏବଂ ମୃତଦେହକୁ ଜବତ୍ କରି ବ୍ୟବଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ନେଇ ସୂଚନା।

### ବାଲି ବୋଝେଇ ହାଇୱାରେ ପାଲ ଢାଙ୍କିବା ସାଜିଲା କାଳ

## ୧୧ କେ.ଭି ବିଦ୍ୟୁତ ସଂସ୍ପର୍ଶରେ ଆସି ନାବାଳକ ଗୁରୁତର

ହାଟଡିହି: ୧୨/୩ (ଅମୀୟ ବରାଳ ) : କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅନ୍ତର୍ଗତ ହାବଳେଶ୍ୱର ହାଇସ୍କୁଲ୍ ନିକଟରେ ଏକ ଦୁଃଖଦ ଘଟଣା ଘଟିଛି। ବାଲି ବୋଝେଇ ହାଇୱା ଟ୍ରକରେ ପାଲ ଢାଙ୍କୁଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନବମ ଶ୍ରେଣୀର ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆହତ ନାବାଳକ ଜଣଙ୍କ ଶାଳଣିଆଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ସୌମ୍ୟଜିତ ସାହୁ (୧୪) ବୋଲି ଜଣାପଡ଼ିଛି । ଏହି ଅଭାବନୀୟ ଘଟଣା ଗୁରବାର ଭୋର ୩:୦୦ ରୁ ୪:୦୦ ସମୟରେ ଘଟିଥିବା ଜଣାପଡିଛି । ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକ ଓ ହାଇୱା ମାଲିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସୌମ୍ୟଜିତଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଛାତ୍ରର ଅବସ୍ଥା ଅଧିକ ଗମ୍ଭୀର ହେବାରୁ ପରେ ଉନ୍ନତ ଚିକିତ୍ସା ପାଇଁ କଟକର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ନାବାଳକଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ପରିବାର ସଦସ୍ୟ ସୂଚନା ଦେଇଛନ୍ତି । ଜଣେ ୧୪ ବର୍ଷୀୟ ନାବାଳକଙ୍କୁ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ଲଗାଇଥିବା ହାଇୱା ମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।ସୂଚନା ଅନୁଯାଇ ହାଟଡିହି ତହସିଲ ଅଧିନ ବୈତରଣୀ ନଦୀର ହାବଳେଶ୍ୱର ବୈତରଣୀ ନଦୀ ପଠାରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ବେଳେ, ସବୁ ଜାଣିଶୁଣି ଖଣି ବିଭାଗ, ପୁଲିସ ଓ ଜିଲ୍ଲା ପ୍ରଶାସନ ଏହି ବେଆଇନ କାର୍ଯ୍ୟକୁ ପ୍ରଶୟ ଦେଉଛନ୍ତି । ଗତ ଜାନୁୟାରୀ ମାସ ୨୫ ତାରିଖରେ ଏହି ପଞ୍ଚାୟତ ଅଧିନ ବିଷ୍ଣୁପୁର ଗ୍ରାମର ଆନନ୍ଦ ଜେନାଙ୍କ ଉପରେ ବାଲି ଆଣିବାକୁ ଯାଉଥିବା ହାଇୱା ମାଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଜନସାଧାରଣ ବେଆଇନ ବାଲି ପରିବହନକୁ ବିରୋଧ କରି ଶବ ରଖି ରାସ୍ତାରୋକ କରିଥିଲେ । ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଉକ୍ତ ରାସ୍ତା ଦେଇ ଭାରୀଯାନ ଚଳାଚଳ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଥିଲା । କିନ୍ତୁ, କିଛି ଦିନ ପରେ ବାଲିମାଫିଆଙ୍କ ମାନେ ପୁନର୍ବାର ଏହି ରାସ୍ତା ଦେଇ ଅତ୍ୟନ୍ତ ବିପଦ ସଂକୁଳ ଅବସ୍ଥାରେ ଭାରୀଯାନ ଚଳା ଚଳ କରୁଥିବା ଅଞ୍ଚଳ ବାସୀ ବହୁ ବାର ଅଭିଯୋଗ କରିଛନ୍ତି । ରାସ୍ତା ଅବସ୍ଥା ଶୋଚନୀୟ, କେବଳ ବାଲିମାଫିଆଙ୍କ ପାଇଁ ସ୍ଥାନୀୟ ପୋଲିସ, ପ୍ରଶାସନ ଓ ? ଖଣି ବିଭାଗ ପୁନର୍ବାର ଏହି ବେଆଇନ କାର୍ଯ୍ୟକୁ ଚାପରେ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି । ଏଣୁ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ରେ ଏହିଭଳି ବାରମ୍ବାର ଧନ ଜୀବନ ହାନି କରୁଥିବା ବାଲି ମାଫିଆଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଶିରିଡି ସାଇବାବାଙ୍କ ପବିତ୍ର ଚରଣ ପାଦୁକା ଦର୍ଶନ

କେନ୍ଦୁଝର:୧୨/୦୩(ଦିଲ୍ଲୀପ କୁମାର ସାହୁ)– ଶ୍ରୀ ସାଇବାବା ସଂସ୍ଥାନ ଟ୍ରଷ୍ଟ, ଶିରିଡି ଦ୍ୱାରା ଶିରିଡିରେ ସାଇବାବାଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ବ୍ୟବହାର କରାଯାଇଥିବା ସାଇବାବାଙ୍କ ପବିତ୍ର ଚରଣ ପାଦୁକା ଆସନ୍ତା ମାର୍ଚ୍ଚ ୧୬ ତାରିଖ ସୋମବାର ଦିନ କେନ୍ଦୁଝର ସହର ଉପକଣ୍ଠ ବାମ୍ପାରସ୍ଥିତ ସାଇବାବା ମନ୍ଦିରରେ ପହଞ୍ଚିବ। ସାଇବାବାଙ୍କ ପବିତ୍ର ଚରଣ ପାଦୁକାକୁ ସ୍ୱାଗତ କରାଯିବା ପାଇଁ ଶ୍ରୀ ଶିରିଡି ସାଇ ବାବା ସେବା ଚାରିଟେବୁଲ ଟ୍ରଷ୍ଟ, ବାମ୍ପାର ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୬ ମାର୍ଚ୍ଚ ସୋମବାର ଦିନ ପ୍ରଭୁ ସାଇବାବାଙ୍କ ପବିତ୍ର ଚରଣ ପାଦୁକା ଭୁବନେଶ୍ୱରରୁ କେନ୍ଦୁଝର ଆସି ପହଞ୍ଚିବା ପରେ କେନ୍ଦୁଝର ସହରର ମଣ୍ଡୁଆ ଠାରେ ଶ୍ରୀ ଶିରିଡି ସାଇ ବାବା ସେବା ଚାରିଟେବୁଲ ଟ୍ରଷ୍ଟ, ବାମ୍ପାର ପକ୍ଷରୁ ଭବ୍ୟ ସ୍ୱାଗତ କରାଯିବା ସହିତ ସେଠାରୁ କେନ୍ଦୁଝର ସହର ମଧ ଦେଇ ବିଶାଳ ଶୋଭାଯାତ୍ରାରେ ପାଛୋଟି ଆଣି ବାମ୍ପାରସ୍ଥିତ ଶ୍ରୀ ସାଇ ମନ୍ଦିରରେ ପହଞ୍ଚାଯାଇ ନୀତିକାନ୍ତି ଅନୁଯାୟୀ



ପୂଜାର୍ଚ୍ଚନା କରାଯାଇ ଭକ୍ତଙ୍କ ଦର୍ଶନ ନିମନ୍ତେ ପ୍ରଦର୍ଶନ କରାଯିବ। ଶ୍ରୀ ସାଇବାବାଙ୍କ ପବିତ୍ର ଚରଣ ପାଦୁକା ସହ ଗୁରୁ ଶ୍ରୀ ଚନ୍ଦ୍ରଭାନୁ ଶତପଥୀ ମଧ ଆଗମନ କରି ଶ୍ରୀ ସାଇ ମନ୍ଦିରରେ ଅବସ୍ଥାନ କରିବାର କାର୍ଯ୍ୟକ୍ରମ ରହିଛି। ସାଇ ଆଶ୍ରିତ ଏବଂ ଶିରିଡି ଦର୍ଶନରୁ ବଂଚିତ ହେଉଥିବା ଶ୍ରଦ୍ଧାଳୁ ଏବଂ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମାର୍ଚ୍ଚ ୧୬ ତାରିଖ ସୋମବାର ଏବଂ ମାର୍ଚ୍ଚ ୧୭ ତାରିଖ ମଙ୍ଗଳବାର ଦୁଇଦିନ ଧରି ସକାଳ ୮ ଘଟିକା ପର୍ଯ୍ୟନ୍ତ ଶ୍ରୀ ସାଇ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ସାଇବାବାଙ୍କ ପବିତ୍ର ଚରଣ ପାଦୁକା ପ୍ରଦର୍ଶନ ହେବାର କାର୍ଯକ୍ରମ ରହିଛି। ଏହି ଦୁଇଦିନ ପ୍ରଭୁ ଶ୍ରୀ ସାଇ ମନ୍ଦିରରେ ଶ୍ରୀ ସାଇନାଥଙ୍କ ପୂଜାର୍ଚ୍ଚନା ନିୟମିତ ନିର୍ଘଣ୍ଟ ଅନୁସାରେ ହେବା ସହିତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପବିତ୍ର ପାଦୁକା ଦର୍ଶନ, ପ୍ରସାଦ ସେବନ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତେ ଭକ୍ତିରେ ଏକତ୍ରିତ ହୋଇ ଶ୍ରୀ ସାଇବାବାଙ୍କ ପବିତ୍ର ଚରଣ ପାଦୁକା ଦର୍ଶନ, ଭଜନ, ସେବା, ପ୍ରାସାଦ ସେବନ ଏବଂ ଶ୍ରୀ ସାଇବାବାଙ୍କ ଅନନ୍ତ କୃପାଲାଭ କରିବାକୁ ଶ୍ରୀ ସାଇ ବାବା ସେବା ଚାରିଟେବୁଲ ଟ୍ରଷ୍ଟ, ବାମ୍ପାରର ସଭାପତି ସର୍ବସାଧାରଣଙ୍କୁ ନିବେଦନ କରିଛନ୍ତି।

### ଅବଧି ପରେ ୨୦ ପ୍ରତିଶତ କାମ ସରିଛି

## ବିଳମ୍ବକୁ ନେଇ ବଢୁଛି ଅସନ୍ତୋଷ

କେନ୍ଦୁଝର:୧୨/୦୩(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖୀରେଇଟାଙ୍ଗିରୀ – ନୂଆଗାଁ(କ) ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ହେଉଥିବା ରାସ୍ତା ଅବଧି ସରିବା ପରେ ମାତ୍ର ୨୦ ପ୍ରତିଶତ କାମ ସରିଛି। ମନ୍ଥର ଗତିରେ କାମ ଚାଲିଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ପାଟଣା ବ୍ଲକ, ସଦର ବ୍ଲକ ଏବଂ ଘଟଗାଁ ବ୍ଲକର ଲୋକମାନେ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେଉଥିବା ଏହି ରାସ୍ତା ଗ୍ରାମ ନିର୍ମାଣ ବିଭାଗ(୧) ପକ୍ଷରୁ କରାଯାଉଥିବାବେଳେ ଏହି କାମ ଶେଷ ହେବାରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି କାମ ମହିମା ଇନଫ୍ରା ପ୍ରାଇଭେଟ ଲିଃ ନାମକ ସଂସ୍ଥା କରୁଛି । ୨ କିଲୋମିଟର ୩୦୦ ମିଟର ରାସ୍ତା ନିର୍ମାଣ ପାଇଁ ୫ କୋଟି ୧୨ଲକ୍ଷ ୯୪ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ଆରମ୍ଭ ୧୦/୦୩/୨୦୨୫ରେ ଆରମ୍ଭ ହୋଇ ୦୯/୦୨/୨୦୨୬ ସୁଦ୍ଧା ସରିବାକୁ ଥିବାବେଳେ ଅଦ୍ୟାବଧି ଅଧାରୁ ଅଧିକ କାମ ହୋଇନଥିବା ଅଭିଯୋଗ ହୋଇଛି । ଉକ୍ତ ରାସ୍ତାରେ ୪୦୦ ମିଟର ସିସି ଡ୍ରେନ କାମ ଆରମ୍ଭ ହୋଇନାହିଁ । ଜନ୍ହେଇ ନାଳ ଉପରେ ହେବାକୁ ଥିବା ପୋଲ କାମ ମଧ ଆରମ୍ଭ ହୋଇନାହିଁ । ଏହି ରାସ୍ତାରେ ୩୦ ମିଟର ଲମ୍ବ ଏବଂ ୭.୫ ମିଟର ଚଉଡାରେ ହେବାକୁ ଥିବା ପୋଲ କାମ ମଧ ଆରମ୍ଭ ହୋଇନାହିଁ । କାର୍ଯ୍ୟାଦେଶ ପାଇଥିବା ଠିକାଦାର ନିଜେ କାମ ନକରି ଅନ୍ୟ କୌଣସି ଠିକା ସଂସ୍ଥାକୁ ସବ୍ ?ଲେଟ କରିଥିବା ଶୁଣିବାକୁ ମିଳୁଛି, ଯାହା ଗ୍ରାମ୍ୟ ନିର୍ମାଣ ବିଭାଗର ମାର୍ଗଦର୍ଶିକାର ଖୋଲା ଉଲଂଘନ ହେଉଛି। ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ମଧ ଅଭିଯୋଗ ହୋଇଛି । କଂକ୍ରିଟ ରାସ୍ତାର ଏକାଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ଉପଯୁକ୍ତ ତଦାରଖ ଅଭାବରୁ କାମର ମାନ ଠିକ୍ ହେଉନାହିଁ । ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ଜାତୀୟ ରାଜପଥ ୪୯ ଠାରୁ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ଉପରେ ବହୁ ଗ୍ରାମର ଲୋକ ଯିବାଆସିବା କରନ୍ତି । ଅସମ୍ପୂର୍ଣ୍ଣ କାମ ଯୋଗୁ ଲୋକମାନେ ରାସ୍ତାରେ ଯିବା ଆସିବାରେ ବହୁ ଅସୁବିଧା ଭୋଗ କରୁଥିବାବେଳେ ଧୂଳି ପ୍ରଦୂଷଣ ଯୋଗୁ ପଥଚାରୀମାନେ ବହୁ ହଇରାଣ ହେଉଛନ୍ତି । ପରିବହନ ଆବଶ୍ୟକତାକୁ ପ୍ରଭାବଶାଳୀ କରିବା ଏବଂ ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାକୁ ସୁଦୃଢୀକରଣ କରିବା ପାଇଁ ଏହି ଯୋଜନା ଆରମ୍ଭ ହୋଇଥିଲା । ଏହା ଦ୍ୱାରା ଗମନାଗମନ, ମାର୍କେଟିଂ, ପର୍ଯ୍ୟଟନ କେନ୍ଦ୍ର, ଜିଲ୍ଲା ଓ ପଂଚାୟତ ମୁଖ୍ୟାଳୟ ଆଦିକୁ ଯାତାୟତରେ ସୁବିଧା ହୋଇପାରିବ ।

## ବନରକ୍ଷୀଙ୍କୁ ନିଲମ୍ବିତ

ପାଟଣା:୧୨/୩/(ଦଶରଥ ବାରିକ୍) ପାଟଣା ପାଟଣା ବନବିଭାଗରେ କାର୍ଯ୍ୟ ରତ ବନରକ୍ଷୀ ହୃଦାନନ୍ଦ ମହାନ୍ତି ଙ୍କୁ କର୍ତ୍ତବ୍ୟ ସମୟରେ ନିଶାପାନ ଓ ସରକାରୀ କାର୍ଯ୍ୟ ରେ ଅବହେଳା ଅଭିଯୋଗ ରେ ନିଲମ୍ବିତ କରାଯାଇଛି ସେ ହାତୀ କ୍ଷତିଗ୍ରସ୍ତ ଚାଷ ଆଦି କ୍ଷୟକ୍ଷତିର ଆକଳନ ରେ



ବିଳମ୍ବ ଆଦି ପାଇଁ ହୃଦାନନ୍ଦ ମହାନ୍ତି ଙ୍କୁ କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ୍ ଡି ଧନରାଜ ନିଲମ୍ବିତ କରିଛନ୍ତି ହୃଦାନନ୍ଦ ମହାନ୍ତି ମଲ୍ଲୀପଶି ବିଟ ଦାୟିତ୍ୱରେ ଥିବା ବେଳେ ଅତିରିକ୍ତ ପାଟଣା ଦାୟିତ୍ୱ ରେ ମଧ ସେ ରଥିଲେବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା ସେହି ପରି ଘଟଗାଁ ବନାଞ୍ଚଳ ଅଧିକାରୀ କାର୍ଯ୍ୟାଳୟ ରୁ ଦୁଇ ଫରେଷ୍ଟର ନିଲମ୍ବିତ ହୋଇଛନ୍ତି ।



ଶୁକ୍ରବାର ୧୩।୦୩।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ହାତୀ ପଲଙ୍କ ଉପଦ୍ରବ

ଆଠଗଡ଼,୧୨।୩(ଅବିନାଶ ଦାସ): ଢେଙ୍କାନାଳ ବନଖଣ୍ଡରୁ ଗୋଠଛଡା ହୋଇ ଆଠଗଡ଼ ବନଖଣ୍ଡକୁ ଚାଲି ଆସିଥିବା ୪ ହାତୀ ପଲଙ୍କ ଉପଦ୍ରବ। ବେଣ୍ଟପଦା ମଞ୍ଜାରିପଦା ପର୍ଶୁରାମପୁର ଗ୍ରାମ ବିଲରେ ପଶି ପନିପରିବା ଫସଲ ନଷ୍ଟ କରିବା ସହ ସ୍ଥାନୀୟ ପୋଖରୀରେ ଜଳକ୍ରୀଡ଼ା କରୁଛନ୍ତି। ଘଟଣା ସ୍ଥଳରେ ବନବିଭାଗ ପହଞ୍ଚି ହାତୀଙ୍କ ଚଲାପଥ ଉପରେ ନଜର ରଖିଛି।

## ଇନ୍ଦୁମତି ସାହୁଙ୍କ ଦେହାନ୍ତ




ବାଲୁଗାଁ, ୧୨।୩ (ଅକ୍ଷର ଓଡ଼ିଶା): ଗୁରୁବାର ଅପରାହ୍ନରେ ଛେଡା ପଦର ଗ୍ରାମର ପ୍ରିଣ୍ଟମିଡିଆର ପ୍ରତିନିଧି ଅଜିତ୍ କୁମାର ସାହୁଙ୍କ ମା' ଇନ୍ଦୁମତି ସାହୁଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା।ଦୀର୍ଘ ଦିନ ଧରି ରକ୍ତଚାପ, ଡାଇବେଟିସ,ରୋଗରେ ପୀଡିତ ଥିଲେ। ଗତ ଦୁଇଦିନ ତଳେ ରାତିରେ । ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ସମ୍ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ସେ ଆଜି ଅପରାହ୍ନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।ସ୍ୱର୍ଗତ ଇନ୍ଦୁମତି ଜଣେ ମିଷ୍ଟଭାଷୀ,କର୍ତ୍ତବ୍ୟ ପରାୟଣ, ପରୋପକାରୀ ସ୍ୱଭାବର ମହିଳା ଥିଲେ। ମୃତ୍ୟୁ ବେଳକୁ ତାଙ୍କ ମର ଶରୀର ପାଖରେ ପୁଅ,ବୋହୁ, ନାତି ନାତୁଣୀ ମାନେ ଉପସ୍ଥିତଥିଲେ। ତାଙ୍କ ଅନ୍ତେଷ୍ଟି କ୍ରିୟା ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଥିଲା। ତାଙ୍କର ଏହି ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଗହଣା ଚୋରି: ୪ ଗିରଫ



ପାରଳାଖେମୁଣ୍ଡି,୧୨।୩(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ମୋହନା ଠାରେ ଥିବା ଏକ ସୁନା ଦୋକାନରେ ଗହଣା କିଣିବା ଆଳରେ ୪ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣା ଚୋରି ଅଭିଯୋଗରେ ୩ ଜଣ ମହିଳାଙ୍କ ସମେତ ଜଣେ ପୁରୁଷ ଗିରଫ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ, ଏହି ଜିଲ୍ଲାର ମୋହନା ବ୍ଲକ ମହକୁମାର ପଣ୍ଡା ଛକରେ ଥିବା ସାଇବା ସୁନା ଦୋକାନକୁ ୩ ଜଣ ମହିଳାଙ୍କ ସହ ଜଣେ ପୁରୁଷ ଗତ ସୋମବାର ଅପରାହ୍ନରେ ସୁନା କିଣିବା ପାଇଁ ଆସିଥିଲେ। ସେମାନେ ସୁନା ଗହଣା ଗୁଡିକୁ ମାଲିକଙ୍କୁ ଦେଖାଇବାକୁ କହି ଅତ୍ୟନ୍ତ ଚତୁରାତର ସହ ୪ ଲକ୍ଷରୁ ଅଧିକ ଟଙ୍କାର ସୁନା ଗହଣାକୁ ଚୋରି କରି ଚାଲି ଯାଇଥିଲେ। ପରେ ସୁନା ଦୋକାନ ମାଲିକ ସନ୍ଦେହରେ ସିସିଟିଭ ଯାଞ୍ଚ କରିବା ପରେ ସେମାନେ ସୁନା ଗହଣା ଚୋରି କରିଥିବା ନିଶ୍ଚିତ ହୋଇଥିଲା. ସିସିଟିଭ ଫୁଟେଜ ପ୍ରମାଣ ସହ ସୁନା ଦୋକାନ ମାଲିକଙ୍କ ଲିଖିତ ଅଭିଯୋଗରେ ମୋହନା ପୋଲିସ ୨୪ ଘଣ୍ଟା ମଧ୍ୟରେ ୩ ଜଣ ମହିଳାଙ୍କ ସମେତ ଜଣେ ପୁରୁଷଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସେମାନେ ସମସ୍ତେ ବ୍ରହ୍ମପୁର ହରଡ଼ାଖଣ୍ଡି ଅଞ୍ଚଳର ଝୁମୁରି ଦାସ, ବିରୋଜିନୀ ଦାସ, ବ୍ରହ୍ମପୁର ରଘୁପତି ନଗରର ସୁଶୀଳା ଦାସ ଏବଂ ଫୁଲ ସୁନ୍ଦରୀ ସାହିର ସନ୍ତୋଷ ଦାସ ବୋଲି ଜଣା ପଡିଛି।

# ପାନୀୟ ଜଳ ସମସ୍ୟା ପାଇଁ ବାଧକ ସାଜିଛି ରାସ୍ତା !



ଧରାକୋଟ, ୧୨।୩ (ଅକ୍ଷର ଓଡ଼ିଶା): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକର ଉପାନ୍ତ ଅଞ୍ଚଳ କହିଲେ ସାବା ଓ ବଳରାମ ପୁର ପଞ୍ଚାୟତ ର କେତେକ ଗ୍ରାମକୁ ବୁଝାଏ। ସାଧୀନତାର ୮୦ ବର୍ଷ ପରେ ମଧ୍ୟ ଏବେବି ସେଠି ବସବାସ କରୁଥିବା ଲୋକେ ବହୁବିଧ ସମସ୍ୟାରେ ସନ୍ତୁଳିତ । ବିଶେଷ କରି ନିତିଦିନିଆ ରାସ୍ତା ନଥିବାରୁ ସବୁ ସମସ୍ୟାକୁ ବଳି ଯାଇଛି ସେଠାକାର ପିଇବା ପାଣି ସମସ୍ୟା। ବଳରାମ ପୁର ପଞ୍ଚାୟତର ଗୁଡୁରୁ ଗୁମା, ଝିରଝିରା ଓ ସାବା ପଞ୍ଚାୟତ ର କଞ୍ଜିଆମ୍ବ, ତୋରାଣିପାଣି , ନାକିଆମ୍ବ ,ଖଜୁରୀ ଝୋଲା, ପିଲି ପଦର, ଗୋଛାଗୁଡା, ବେତବଣ ପ୍ରଭୃତି ଗାଁକୁ ନିତିଦିନିଆ ରାସ୍ତା ନାହିଁ। ଏଣୁ ସେହିସବୁ ଗାଁକୁ ବୋର ଖୋଳିବା ଗାଡି ପହଞ୍ଚିପାରୁ ନାହିଁ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କେତେକ ପଡା ଗ୍ରାମରେ ସାନିଟାରୀ ୱେଲ କରାଯାଇଥିଲା ମଧ୍ୟ ଏହା ଜଳ ଆବଶ୍ୟକ ଯୋଗାଣ କରିପାରୁନାହିଁ। ଯାହା ଫଳରେ ଲୋକେ ଝରଣା ପାଣିକୁ ଗାଧୁଆ,ରୋଷେଇ, ଲୁଗା ସଫା ଓ ନିଜର ଫସଲ ଚାଷ ପାଇଁ ବ୍ୟବହାର କରୁଛନ୍ତି। ଏଣୁ ଏହି ଜଳ ଦୂଷିତ ହୋଇ ସଂକ୍ରାମକ ରୋଗ ବ୍ୟାପିବାର କାରଣ ହୋଇଛି। ରାଜ୍ୟ ସରକାର ପକ୍ଷରୁ ରାଜ୍ୟ ସାରା ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ପାନୀୟ ଜଳର ସମସ୍ୟା ନେଇ ବିଧାନସଭା ରେ ବିଧାୟକ ମାନେ ପ୍ରଶ୍ନ କରୁଛନ୍ତି । ଏପରିକି ମେଗା ଜଳ ପ୍ରକଳ୍ପ ନାମରେ ଆହୁରି ଅନେକ ଦିନ ଘର ଘର ଜଳ ବା ହର ଘର ଜଳ ମିଳିବ ବୋଲି ଆଶା ରଖିଛନ୍ତି ସରକାର । ହେଲେ ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ସାବା ଓ ବଳରାମ ପୁର ପଞ୍ଚାୟତର ପଡା ଗ୍ରାମମାନଙ୍କୁ ରାସ୍ତା ନଥିବାରୁ ସେଠାରେ ବସ ବାସ କରୁଥିବା ଲୋକେ ମୌଳିକ ସୁବିଧା ତଥା ବିଶେଷ କରି ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତହୋଇ ରହିଥିବା ଦେଖିବାକୁ ମିଳିଛି। ଏହି ଅଂଚଳର ପାନୀୟ ଜଳ ସମସ୍ୟା ଉପରେ ଗ୍ରାମ୍ୟ ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଇ. ଦୀପ୍ତାଂଶୁ ପରିଡା ଏବଂ ସହକାରୀ ଯନ୍ତ୍ରୀ ଇ. ଚିନ୍ମୟୀ ରାଉତଙ୍କ ସହ ଯୋଗାଯୋଗ ବେଳେ ବିଭାଗ ପକ୍ଷରୁ ବ୍ଲକର ଘାଟି ଅଞ୍ଚଳର ଗାଁ ଗୁଡିକ ପାଇଁ ୧୭ ଗୋଟି ସୋଲାର ପମ୍ପ ପ୍ରକଳ୍ପ ପାଇଁ ପ୍ରସ୍ତାବ ଉପରସ୍ଥ ଅଧିକାରୀଙ୍କୁ ଦିଆଯାଇଛି। ଆଉ କେତେ ଗ୍ରାମକୁ ରାସ୍ତା ନଥିବାରୁ ଗାଡି ଯାତାୟାତ ପାଇଁ ବ୍ୟବସ୍ଥା ନଥିବାରୁ ବୋର ଖୋଳିବାରେ ଅସୁବିଧା ଦେଖା ଦେଇଛି ବୋଲି ପ୍ରକାଶ କରିଛନ୍ତି। ଖୁବ ଶୀଘ୍ର ଏହି ଅଞ୍ଚଳରେ ଆମେ ପହଞ୍ଚି ସ୍ଥିତି ପରଖିବୁ ବୋଲି ପ୍ରକାଶ କରିଛନ୍ତି। ସରକାର ପରେ ସରକାର ବଦଳୁଛି । ହେଲେ ଉପାନ୍ତ ଆଦିବାସୀ ଇଲାକାର ଲୋକଙ୍କର ଭାଗ୍ୟ କାହାଦ୍ୱାରା ବଦଳିବ। ଏଥିପାଇଁ ରାଜନେତା ନା ପ୍ରଶାସନିକ ଅଧିକାରୀ ମାନେ ଆନ୍ତରିକତା ଦେଖାଇବେ ? ଗଞ୍ଜାମ ଜିଲ୍ଲା ପ୍ରଶାସନ ପ୍ରତି ପଞ୍ଚାୟତରେ ଜନ ଶୁଣାଣି କରି ଲୋକଙ୍କ ସମସ୍ୟା ସମାଧାନ ପାଇଁ ଅଭିନବ ପ୍ରୟାସ ଜାରି ରଖିଛି ହେଲେ ଉପାନ୍ତ ଅଞ୍ଚଳରେ ସମସ୍ୟା ସମାଧାନ ହେବା ବଦଳରେ ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲାପାଳ ଏହି ଅଞ୍ଚଳର ସ୍ୱାସ୍ଥ୍ୟ,ଶିକ୍ଷା,ଗମନାଗମନ,କୃଷି,ବିଜୁଳି, ପିଇବା ପାଣି ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ କେବେ ଓ କେତେଦୂର ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଦଶ ମାସ ହେଲା ହୋଇନି ସମିତି ବୈଠକ

ଆସିକା, ୧୨।୩ (ଅକ୍ଷର ଓଡ଼ିଶା): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ର ଆସିକା ପଂଚାୟତ ସମିତିରେ ଦଶ ମାସ ହେଲା ହୋଇନି ସମିତି ବୈଠକ। ଓଡିଶା ସରକାରଙ୍କ ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଙ୍କ ନିୟମ ଅନୁସାରେ ପଂଚାୟତ ସମିତି ସାଧାରଣ ବୈଠକ ପ୍ରତି ଦୁଇ ମାସକୁ ଥରେ ଏକ ନିର୍ଦ୍ଧିଷ୍ଟ ତାରିଖ ରେ ହେବାର ବିଧି ରହିଛି। କୌଣସି କାରଣରୁ ଧାର୍ଯ୍ୟ ତାରିଖରେ ବୈଠକ ଅନୁଷ୍ଠିତ ହେବାର ଯଦି କିଛି ଅସୁବିଧା ହୁଏ ତେବେ ଅଧକ୍ଷ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିପାରିବେ। ଏହା ଛଡା ଅଧକ୍ଷ ସ୍ୱତଃ ପ୍ରବୃତ ଭାବେ ଜିଲ୍ଲାପାଳଙ୍କ ବରାଦ କ୍ରମେ ୧୫ ଦିନ ମଧ୍ୟରେ ସ୍ୱତନ୍ତ୍ର ବୈଠକ ଡାକି ପାରିବେ। ସମିତିର ସମୁଦାୟ ସଦସ୍ୟଙ୍କ ଏକ ତୃତୀୟାଂଶ ବରାଦ ପ୍ରାପ୍ତିର ଏକ ମାସ ମଧ୍ୟରେ ସ୍ୱତନ୍ତ୍ର ବୈଠକ ଡକାଯିବାର ନିୟମ ରହିଛି। ଗତ ବର୍ଷ ୨୩/୦୫/୨୫ ତାରିଖ ରେ ପଂଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଅଦ୍ୟା ବଧି କେମିତି ପଂଚାୟତ ସମିତିର ଉନ୍ନୟନ ମୂଳକ କାର୍ଯ୍ୟ ହେଉଛି ବୋଲି ପଂଚାୟତ ପ୍ରତିନିଧି ମାନେ ଆଲୋଚନା କରୁଛନ୍ତି। ପଞ୍ଚାୟତ ସମିତିକୁ ଆସୁଥିବା କେନ୍ଦ୍ର ଅର୍ଥ କମିଶନ, ରାଜ୍ୟ ଅର୍ଥ କମିଶନ, ସମାଜ କଲ୍ୟାଣ କାର୍ଯ୍ୟକ୍ରମ, ଗ୍ରାମ୍ୟ ଉନ୍ନୟନ ଯୋଜନା, ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷ ସମୂହ ଯୋଜନା, ମହାତ୍ମାଗାନ୍ଧୀ ନରେଗା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ବାର୍ଷିକ ବଜେଟ କିଭଳି ସବୁ ବିନା ସମିତି ବୈଠକରେ ହୋଇ ପାରୁଛି, ତାହା ଏବେ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି। ଗତ ଦୁଇ ବର୍ଷ ମଧ୍ୟରେ ୧୨ ଗୋଟି ସମିତି ବୈଠକ ହେବା ପରିବର୍ତ୍ତେ ଆପତଃ ମାତ୍ର ଦୁଇ ଗୋଟି ବୈଠକ ହୋଇଥିବା କୁହାଯାଉଛି।

# ବେକରେ ରସି ଲଗାଇ ଆତ୍ମହତ୍ୟା



ଥୁଆମୂଳ/ରାମପୁର, ୧୨।୩(ଅକ୍ଷର ଓଡ଼ିଶା ଜିଲ୍ଲା ପ୍ରତିନିଧି):ଜଣେ ବ୍ୟକ୍ତି ନିଜ ବେକରେ ଦୈଡି ଦେଇ ଆତ୍ମହତ୍ୟା ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ଜଣକ ହେଲେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଗ୍ରାମର କଲୋନୀପଡା ସ୍ଥିତ ଦଶରୁ କଟା ବୟସ ୩୮ ବର୍ଷ ପିତା, ସ୍ୱର୍ଗତ ଶ୍ରୀଧର କଟା ବୋଲି ଜଣାପଡିଛି। ସେ ଥୁଆମୂଳ ରାମପୁର ବ୍ଲକ ଥାନା ଅନ୍ତର୍ଗତ କୁମାରକାନୀ ଗ୍ରାମରେ ତାଙ୍କ ଶ୍ୱଶୁର ଘରେ ଦୀର୍ଘ ୧୩ ବର୍ଷ ଧରି ରହି ଆସୁଥିଲେ। ୧୦/୦୩/୨୦୨୬ ରିଖ ରାତିରେ କୌଣସି କାରଣ ବଶତଃ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ବିଷୟରେ ୧୧/୦୩/୨୦୨୬ ରିଖ ସକାଳେ ମୃତକଙ୍କ ସ୍ତ୍ରୀ ଗୋମତି କଟା ଗ୍ରାମ ଲୋକଙ୍କୁ ଜଣାଇବା ପରେ ଥୁଆମୂଳ ରାମପୁର ଥାନାକୁ ଖବର ଦିଆଯାଇଥିଲା। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ପରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ କେସ ନମ୍ବର ୦୨/ତା ୧୧/୦୩/୨୦୨୬ରେ ମାମଲା ରଜୁ ହୋଇଛି। ଉକ୍ତ ଦିନ ବିଳମ୍ବିତ ରାତ୍ରି ହେବାରୁ ତା ୧୨/୦୩/୨୦୨୬ ରିଖ ଗୁରୁବାର ଦିନ ସକାଳେ ଶବ ବ୍ୟବଛେଦ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମହୁଲପାଟଣା ଏସଆଇ ଅରୁଣା କୁମାର ବାତ୍ରିଆ ଏହି ଘଟଣାର ତଦନ୍ତ ଭାର ନେଇ ଆଗକୁ ଅଧିକ ତଦନ୍ତ ଜାରି ରହିଥିବା ଘଟଣା ନେଇ ତଦନ୍ତ ଭାର ନେଇଥିବା ଅଧିକାରୀ ଶ୍ରୀ ବାତ୍ରା ସୂଚନା ଦେଇଛନ୍ତି। ଅପରପକ୍ଷରେ ଶବ ବ୍ୟବଛେଦ ପରେ ନିଜ ଭିଟାମାଟି ଦଶ ପୁରଗ୍ରାମ କୁ ଆଣୀ ଶବ ସଂସ୍କାର କରା ଯାଇ ଥିବା ସୁଚନା ଦଶପୁର ନାଏବ ସରପଞ୍ଚ ସନ୍ତୋସିନୀ ସାହୁଙ୍କ ପ୍ରତିନିଧି ରାଜ କିଶୋର ସାହୁ ସୁଚନା ଦେଇ ଥିଲେ। ମୃତକଙ୍କ ବର୍ତ୍ତମାନ ସ୍ତ୍ରୀ ଗୋମତୀ କଟା ଓ ୩ ନାଁବାଳକ ବାଳିକା ଅଛନ୍ତି। ହେଲେ ପରିବାର ଚଳେଇବା ଏକ ମାତ୍ର ରୋଜଗାରୀଆ ସ୍ୱାମୀଙ୍କୁ ହରାଇ ବେସାହାରା ହୋଇଯାଇଛନ୍ତି ଏନେଇ ମୃତକଙ୍କ ସ୍ତ୍ରୀ ଚିନ୍ତାରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ଜରୁରୀ କାଳୀନ ସରକାରୀ ସହାୟତା ଓ ତୁରନ୍ତ ବିଧବା ଭତ୍ତା ଉକ୍ତ ପରିବାରଙ୍କୁ ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ଦାବି।

### ପୋଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ

# ରାଧାକୃଷ୍ଣ ମନ୍ଦିରରେ ବୁଲାଇଲେ କଳାକନା

ଅସ୍ତରଙ୍ଗ,୧୨।୩(ଅକ୍ଷର ଓଡ଼ିଶା):ଗତ କିଛି ଦିନ ହେଲା ଲୁଟେରାଙ୍କ ଟାର୍ଗେଟରେ ମଠ ମନ୍ଦିର ରହିଥିବା କାରଣରୁ ସ୍ଥାନୀୟ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଛି। କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ଅନେକ ଐତିହାସିକ ମନ୍ଦିରରୁ କିଛି ମାସ ହେବ ଲୁଟ ହୋଇଥିବା ବେଳେ ଗତ ବୁଧବାର ରାତିରେ ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ବାଲିସାହି ଗ୍ରାମର ରାଧାକୃଷ୍ଣ ଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ରବିବାର ସକାଳୁ ପୂଜାରୀ ନିୟମିତ ନୀତି ପାଇଁ ମନ୍ଦିରକୁ ଆସି ଦେଖିଥିଲେ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ପଡୁଥିବା କୁନ୍ଦା ଭଙ୍ଗା ଯାଇଛି ଆଉ ଦ୍ୱାର ଖୋଲା ଯାଇ ଠାକୁର ଙ୍କ ମୁଣ୍ଡରେ ଥିବା ଦୁଇଟା ରୁପା ମୁକୁଟ ଦୁଇ ହଳ ରୁପା ପାଉଜି,ରୁପାର ହାର ଏକଟି , ସୁନାର ମଙ୍ଗଳ ସୂତ୍ର ଗୋଟିଏ, ସୁନା ନାକ ଫୁଲ ଏକଟା , ସୁନା ମୁଦି ଦୁଇଟା,ସୁନା ଖଡୁ ଏକଟି,ରୁପା ଖଡୁ ଦୁଇଟା, ରୁପା ଗିନା ଏକଟି, ଥାଳିଆ ଏକଟି, ପିତଳ ଘଣ୍ଟ ଦୁଇଟା, ପିତଳ ଡାଳ ଦୁଇଟା, ପିତଳ କୁଣ୍ଡ ଏକଟା, ହାତ ଘଣ୍ଟି, ଦ୍ୱୀପ, ଆଳତି ଦ୍ୱୀପ,ତସଲାଦୁଇଟା, ଥାଳି ଦୁଇଟା ସମେତ ଅନ୍ୟ ସବୁ ପୂଜା ସରଞ୍ଜାମ ଚୋରୀ ହୋଇଯାଇଥିବା ପୂଜକ ପୁରୁଷୋତ୍ତମ ପଣ୍ଡା ଦେଖି ଗ୍ରାମ ବାସୀଙ୍କୁ ଜଣାଉବା ସହିତ ସଭାପତି ଭାସ୍କର ରାଉତଙ୍କ ସହିତ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବାରମ୍ବାର ମନ୍ଦିର ରୁ ଚୋରି ହେଉଥିବାରୁ ସେମାନେ କିଏ ତାହା ଆଜି ପର୍ଯ୍ୟନ୍ତ ଅସ୍ୱଷ୍ଟ ରହିଥିବା ବେଳେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ମନ୍ଦିର ଲୁଟେରାଙ୍କ ଉତ୍ପାତ ଏବେ ସାଧରଣ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ନିଶା କାରବାର ବୃଦ୍ଧି ଘଟୁଥିବା ବେଳେ ଏହା ପଛରେ ନିଶାଖିଆ ଲୁଟେରା ହୋଇ ଥାଇ ପାରନ୍ତି ବୋଲି ସ୍ଥାନୀୟ ଲୋକଙ୍କ ଅଭିଯୋଗ ମଧ୍ୟ ରହିଛି। ଯାହା ଥାନା ଅଧିକାରୀଙ୍କ ଆଗରେ ଏକ ଚ୍ୟାଲେଞ୍ଜ ଭାବରେ ରହିଚି। ଏହି ସମ୍ବନ୍ଧରେ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ ତାଙ୍କ ମତାମତରେ କହିଲେ ଯେ କେସ ନମ୍ବର ୧୦୯/୨୬ରେ ମାମଲା ରଜୁ କରାଯାଇ ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି ଖୁବ ଶୀଘ୍ର ଲୁଟେରାଙ୍କୁ ଧରାଯିବ।

## ୨୦୦୫ର ଭୂମିକା ଉପରେ ବକ୍ତୃତା ପ୍ରତିଯୋଗିତା



ରାୟଗଡ,୧୨।୩(କୈଳାସ ସ୍ୱାଇଁ):ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ରାୟଗଡ ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ ୨୦୦୫ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି ଓ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ କର୍ମଶାଳାରେ କୈଳାଶ ସ୍ୱାଇଁ ସହକାରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ପ୍ରଶାନ୍ତ ପାଳ, ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ, ମନୋରଞ୍ଜନ ଦାଶ, ଅଧ୍ୟାପକ ରାୟଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରମୁଖ ବିଚାରକ ରୁପେ ଯୋଗ ଦେଇଥିଲେ। ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଓ ସହକାରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ବକ୍ତୃତା ପ୍ରତିଯୋଗିତାର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୂଚନା ଅଧିକାର ଆଇନକୁ ସ୍ୱଚ୍ଛ ଶାସନର ଦର୍ପଣ ଭାବେ ଗ୍ରହଣ କରିବା ଓ ସମାଜ ପ୍ରତି ଦାୟିତ୍ୱବୋଧ ରହିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦିଆଯାଇଥିଲା। ଉକ୍ତ ମହାବିଦ୍ୟାଳୟ ସ୍ତରୀୟ ଇଂରାଜୀ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୧୫୦୦, ୧୦୦୦, ୫୦୦ ଆର୍ଥିକରାଶି ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ରାଜେଶ୍ୱରୀ ଭାଟ୍ଟରୟ, ପ୍ରଜ୍ଞା ପ୍ରଶାଦିନୀ ପଟ୍ଟନାୟକ,ମୋଶେଷ ରଞ୍ଜନ ଦିଗଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ସୁରଜ କନ୍ଧପାଣି, ରଚନା ନିଶାଳ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା ଦୁର୍ନୀତି ନିରାକରଣରେ ସୂଚନା ଅଧିକାର ଆଇନ ୨୦୦୫ର ଆବଶ୍ୟକତା। ଉକ୍ତ କାର୍ଯ୍ୟକ୍ରମରେ ଶିବ ପ୍ରସାଦ ମିଶ୍ର, ସାମାଜିକ କର୍ମୀ, ଜଳନ୍ଧର ପୁଷ୍ପିକା, ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ,ବରିଷ୍ଠ ନାଗରିକ, ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅଧକ୍ଷ-ଅଧକ୍ଷା ଯୋଗଦେଇଥିଲେ।

## ମହାବୀର ମନ୍ଦିରରେ ଦଧିନଉତି ସ୍ଥାପନ

ବାସୁଦେବପୁର,୧୨।୩(ଅକ୍ଷର ଓଡିଶା): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷିଦାସ ପୁର,ଗ୍ରାମପଞ୍ଚାୟତ ଅଧିନ ରାମଚନ୍ଦ୍ର ପୁର ଗ୍ରାମରେ ମହାବୀର ମନ୍ଦିର ର ଦଧିନଉତି ବହୁ ଆଡମ୍ବର ସହିତ ମନ୍ଦିର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେଇଯାଇଛି। ଏଥିରେ ୩ଟି ମୁଖ୍ୟ କଳସ ଦାୟିତ୍ୱରେ ଗ୍ରାମର ନୀଳମଣି ବାରିକ , ଜଗବନ୍ଧୁ ନାୟକ, ଲକ୍ଷ୍ମୀଧର ସେନାପତି, ଥିବା ବେଳେ କର୍ତ୍ତା ଭାବରେ ବ୍ରଜ କିଶୋର ଦାସ ଏବଂ ତାଙ୍କ ଧର୍ମ ପତ୍ନୀ (ସସ୍ମିତା ବାରିକ) ଏବଂ ମହାବୀର ମନ୍ଦିର ସମିତି ର ସଦସ୍ୟ ଜଗବନ୍ଧୁ, ହିରନ୍ୟ, ହରିହର, ସନ୍ତୋଷ, ପ୍ରକାଶ, ସଞ୍ଜୟ, ହରେକୃଷ୍ଣ, ନିତ୍ୟାନନ୍ଦ, କଳ୍ପତରୁ,ଅଭିମନ୍ୟୁ,ଖଗେଶ୍ୱର, ଅମର, ବିଜୟ,ସର୍ବେଶ୍ୱର,ପ୍ରଳୟ ,ମୃତ୍ୟୁଞ୍ଜୟ , କପିଳ,ଆକାଶ, ଏମାନଙ୍କ ସହଯୋଗ ଏବଂ ପ୍ରସାଦ ଦାୟିତ୍ୱରେ ରାମଚନ୍ଦ୍ର ଦାସ, ରତିକାନ୍ତ ଦାସ,ରଞ୍ଜନ ପଲାଇ,ଲମ୍ବୋଦର ନାୟକ, କୁଳମଣି, ରାଜେନ୍ଦ୍ର, ଥିବା ବେଳେ ହରି ନାମ ସଙ୍କୀର୍ତ୍ତନ ଦାୟିତ୍ୱରେ ଦଇତାରୀ, ବାସୁଦେବ, ଅଭିମନ୍ୟୁ, ବାବୁ, ରମା, ମନୋଜ ,କପିଳ,ବବୁଲ, ଟିନା, ଜଗବନ୍ଧୁ, ଏବଂ ସମସ୍ତ ଗ୍ରାମ ବାସୀଙ୍କ ଉପସ୍ଥିତି ରେ ହରିନାମ ସଙ୍କୀର୍ତ୍ତନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।

# ମଦ ବିକ୍ରି ବନ୍ଦ ପାଇଁ ଥାନାରେ ଅଭିଯୋଗ କଲେ ମହିଳା




ଡାବୁଗାଁ,୧୨।୩(ଅକ୍ଷର ଓଡିଶା) ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରି ପଞ୍ଚାୟତ ଅନ୍ତର୍ଗତ ୩ ଟି ଗ୍ରାମ ନାୟକ ମୁଣ୍ଡାଗୁଡା, ବରଗୁଡ଼ା ଓ ହରଡାଖଟି ଗୁଡା ରେ ମଦ ବିକ୍ରି ବନ୍ଦ କରିବାକୁ ଶତାଧିକ ମହିଳା ବାହାରି ପାପଡାହାଣ୍ଡି ତହସିଲଦାର,ଅବକାରୀ ବିଭାଗ ଓ ଡାବୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମ ରେ ପିଲା ,ଯୁବକଠାରୁ ବୃଦ୍ଧ ବୃଦ୍ଧା ମଦ ପିଇ ଅଶାନ୍ତ ପରିବେଶ ସୃଷ୍ଟି କରୁଥିବା ମହିଳା ମାନେ କହିଛନ୍ତି। ଯୋ ଦ୍ୱାରା ପରିବାରରେ ଅଶାନ୍ତି ଓ ଅରାଜକତା ଦେଖାଦେବା କହିଛନ୍ତି ସହ ପରିବାର ସର୍ବସ୍ୱାନ୍ତ ହୋଇଯାଉଛି। ଏ ନେଇ ଗ୍ରାମ ରେ ମହିଳା ଓ ପୁରୁଷ ମାନେ ବସି ବୈଠକ କରିବା ସହ ଗାଁରେ ମଦ ମୁକ୍ତ ଅଞ୍ଚଳ କରିବାକୁ ସଚେତନ କରାଯାଇଛି। ସୂଚନା ଥାଉ କି ନାୟକ ମୁଣ୍ଡାଗୁଡା, ବରଗୁଡା, ହରଡାଖଟି ଗ୍ରାମରେ ୧୨ ଶହରୁ ଉର୍ଦ୍ଧ୍ୱ ଜଣ ବସବାସ କରୁଛନ୍ତି। କିନ୍ତୁ ଏହି ତିନି ଗାଁରେ ଅବାଧରେ ମଦ ବିକ୍ରି ହେଉଥିବାରୁ ପାଠ ପଢା ନାବାଳକ ଛାତ୍ରଛାତ୍ରୀ ସହ ମହିଳା ଓ ପୁରୁଷ ମଦ୍ୟପାନ କରୁଛନ୍ତି। ନିସାଶକ୍ତ ଅବସ୍ଥାରେ ଥିବା ଲୋକେ ଗାଁରେ ଗଣ୍ଡଗୋଳ କରୁଥିବା ବେଳେ ଏହାକୁ କେନ୍ଦ୍ର କରି ପରିବାରରେ ଅଶାନ୍ତି ଦେଖାଦେଉଛି। ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନ ଯାଇ ମଦ ପିଇ ନିଜ ଭବିଷ୍ୟତ ନଷ୍ଟ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ପୁରୁଷମାନେ କାମଧନ୍ଦା ଛାଡ଼ି ମଦ ପିଇବା ସହ ଘରେ ଓ ଗାଁରେ ଝଗଡ଼ା କରୁଛନ୍ତି । ଫଳରେ ଗାଁରେ ଅଶାନ୍ତିକର ପରିବେଶ ସୃଷ୍ଟି ହେଉଛି ପରିବାରର ମୁଖିଆ ମଦ ପିଇ ଘରେ ପଡ଼ି ରହୁଥିବାରୁ ପରିବାର ଚଳାଇବରେ ସମସ୍ୟା ହେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ଯୁବକ ଓ ନାବାଳକ ମଦ ପିଇ ମୃତ୍ୟୁବରଣ କରିସାରିଲେଣି । ଏହି ତିନି ଗାଁରେ କିଛି ପରିବାର ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ତେଣୁ ମଦ କାରବାର ବନ୍ଦ କରିବା ପାଇଁ ୧୦ ଦିନ ତଳେ ଗ୍ରାମରେ ଗ୍ରାମବାସୀ ଏକତ୍ରିତ ହୋଇ ବୈଠକ କରିଥିଲେ। ମହିଳା ମାନେ ଗ୍ରାମରେ ସଚେତନ କରିବା ସହ ଠେଙ୍ଗା ଧରି ଗାଁର ପହରା ଦେଉଛନ୍ତି । ଏହି ବୈଠକରେ ଗ୍ରାମରେ କେହି ମଦ ବିକ୍ରି କରିପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଗାଁରେ କୌଣସି ବ୍ୟକ୍ତି ମଦ ପିଇବେ ନାହିଁ। ଯଦି କେହି ମଦ ବିକ୍ରି କରେ ତେବେ ଦଶ ହଜାର ଟଙ୍କା ଜରିମାନା ଓ ମଦ ପିଇଲେ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସ୍ଥିର ହୋଇଥିଲା । ତେବେ ଏହା ସତ୍ତ୍ୱେ ବି କିଛି ପରିବାର ମଦ ବିକ୍ରି କରୁଥିବା ନେଇ ମହିଳାମାନେ ଆଜି ଅଭିଯୋଗ କରିଛନ୍ତି। ମଦ କାରବାର ବନ୍ଦ କରିବାକୁ କହିଲେ ମହିଳାମାନଙ୍କୁ ମାରିବାକୁ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଗୁରୁବାର ଦିନ ମଦ ବନ୍ଦ ଅଭିଯାନ ନିମନ୍ତେ ଗ୍ରାମବାସୀ ପାପଡାହାଣ୍ଡି ଅବକାରୀ ବିଭାଗ, ପାପଡାହାଣ୍ଡି ତହସିଲଦାର ଓ ଡାବୁଗାଁ ଥାନାକୁ ଲିଖିତ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ପତ୍ର ଦେବା ସମୟରେ ମହିଳା ନେତ୍ରୀ ତଥା ୱାର୍ଡସଭ୍ୟା ଅମ୍ବିକା ପ୍ରଧାନ, ଧନେଇ ଯାନୀ ସହ ଶତାଧିକ ମହିଳା ଉପସ୍ଥିତ ରହିଥିଲେ।

# ଇଟାଭାଟି ଯୋଗୁଁ ମାର୍ଚ୍ଚରେ ବଢୁଛି ତାପମାତ୍ରା

କୋରାପୁଟ,୧୨।୩ (ଅକ୍ଷର ଓଡ଼ିଶା): ମାଳଭୂମି କୋରାପୁଟରେ ବେଆଇନ ଇଟାଭାଟିରୁ ନିର୍ଗତ ଧୁଆଁ ଓ ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ଜୈବବିବିଧତା ହରାଉଛି। ଦିନ ଥିଲା କୋରାପୁଟର ଗ୍ରୀଷ୍ମରେ ବି ଥଣ୍ଡା ଅନୁଭୂତ ହେଉଥିଲା। ପର୍ଯ୍ୟଟକ ମାନେ ଶୀତ ଓ ଗ୍ରୀଷ୍ମଦିନରେ କୋରାପୁଟ ଆସି ପରିବେଶକୁ ଉପୋଭଗ କରୁଥିଲେ। ଏବେ ଗତ କିଛି ବର୍ଷ ହେବ ଏପ୍ରୀଲ ତ ଦୁରର କଥା ଫେବୃଆରୀ ରୁ ଉତ୍ତାପ ବଢ଼ିବାରେ ଲାଗିଛି। ଦିନକୁ ଦିନ ଜଙ୍ଗଲ ହ୍ରାସ ପାଇବା ସହ ଜଙ୍ଗଲ ନିଆଁ ଏବଂ ଜିଲ୍ଲା ସାରା ମାଳ ମାଳ ବେଆଇନ ଇଟାଭାଟି ଜିଲ୍ଲାର ପରିବେଶକୁ ପ୍ରଦୁଷଣ କରିବା ସହ ତାପମାତ୍ରା ବଢ଼ିବାରେ ଲାଗିଛି। ମାର୍ଚ୍ଚରେ ତାତି ଅନୁଭୂତ ହେଉଛି। କେବଳ ତାତି ନୁହେଁ ପ୍ରଦୁଷଣ ବି ବଢ଼ିବାରେ ଲାଗିଛି। ଜିଲ୍ଲାର ଏପରି ଅଞ୍ଚଳ ନାହିଁ ଯେଉଁଠିକି ବେଆଇନ ପୋଡା ଇଟାଭାଟି ନାହିଁ। ବହୁ ଜନବସତି ଅଞ୍ଚଳରେ ଚତୁପାର୍ଶ୍ୱରେ ଇଟାଭାଟି ଦେଖିବାକୁ ମିଳିଛି। ଇଟାଭାଟି ଧୁଆଁରେ ଅଣନିଶ୍ୱାସୀ ହେଲେଣି ଅଞ୍ଚଳବାସୀ। ଏହା ସତ୍ତ୍ୱେ ବେଆଇନ୍ ଇଟାଭାଟି ଉପରେ ଅଙ୍କୁଶ ଲଗେଇବାକୁ ଉଚିତ୍ ମନେ କରା ଯାଉନାହିଁ। ଅନ୍ୟପକ୍ଷରେ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ମୃତ୍ତିକା କ୍ଷୟ ଓ ପ୍ରଦୂଷଣ ରୋକିବା ପାଇଁ ସରକାର ପୋଡା

### ସବୁଜାଣି ବିଭାଗ ଚୁପ୍

ମାଟି ଇଟା ନିର୍ମାଣରେ ରୋକ୍ ଲଗାଇଛନ୍ତି। ପରିବେଶ ସୁରକ୍ଷା ପାଇଁ ମାଟି ତିଆରି ଇଟା ଉପରେ ସରକାରୀସ୍ତରରେ ପ୍ରତିବନ୍ଧକ ଲାଗୁ କରାଯିବା ସହ ଫ୍ଲାଇ ଆସ ଓ ସିକେଣ୍ଟ ଇଟା ଉପରେ ସରକାରୀ ସ୍ତରରେ ପ୍ରତ୍ସାହନ ଦିଆଯାଉଛି। ତଥାପି ବ୍ୟବସାୟୀ ଏହାକୁ ଅଣଦେଖା କରି ଚାଲିଛନ୍ତି। ପ୍ରଦୂଷଣ ରୋକିବା ପାଇଁ ସରକାର ବନବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କୋରାପୁଟରେ ପୋଡା ଇଟାଭାଟିରେ ରୋକ ଲାଗୁନି ।ଏପରି ବ୍ୟତିକ୍ରମର ଉଦାହରଣ ଖୋଦ କୋରାପୁଟ ତହସିଲର ପଦ୍ମପୁର ଗାଁରେ ଦେଖିବାକୁ ମିଳିଛି। ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବା ପଦ୍ମପୁର ଗାଁର ଓ ଆଖ ପାଖ ଅଞ୍ଚଳରେ ୫୦ରୁ ଉର୍ଦ୍ଧ୍ୱ ଇଟାଭାଟି ରହିଛି। ଇଟାଭାଟି ନିଆଁରେ ପଦ୍ମପୁର ଗାଁ ସମେତ ଆଖ ପାଖ ଅଞ୍ଚଳରେ ହଠାତ୍ ତାପମାତ୍ରା ବଢ଼ିଛି। ମଧ୍ୟାହ୍ନ ରେ ତାତି ଅନୁଭୂତ ହେଉଛି। ଏ ନେଇ ପଦ୍ମପୁର ଗାଁର ଯୁବ ସମାଜସେବୀ ସଂଜୟ କୁମାର ମହାନ୍ତି କହିଛନ୍ତି ଗାଁ ଚାରିପଟେ ବହୁ ସଂଖ୍ୟାରେ ଇଟାଭାଟି ରହିଛି। ତଷୁ ପକାଯାଇ ଇଟାଭାଟି ଗୁଡିକରେ ନିଆଁ ଲଗାଯାଉଛି। ଯାହା ଫଳରେ ଫେବୃଆରୀ ମାସରେ ଉତ୍ତାପ ବଢ଼ିବାରେ ଲାଗିଛି। ଅପରାହ୍ନରେ ପବନ ରେ ଇଟାଭାଟିର ପାଉଁଷ ଗାଁ ଭିତରକୁ ପ୍ରବେଶ କରୁଛି। ଇଟାଭାଟି ଧୁଆଁ ଲୋକଙ୍କୁ ଅଣନିଃଶ୍ୱାସୀ କରୁଛି। ଲୋକେ ଶ୍ୱାସ ଜନିତ ରୋଗର ଶିକାର ହେଉଛି ବୋଲି କହିଛନ୍ତି। ଇଟାଭାଟି ଧୁଆଁ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ଇଟାଭାଟି ପାଇଁ ଜଙ୍ଗଲ, ରାଜସ୍ୱ ଓ ପରିବେଶ ଆଇନର ଖୋଲା ଉଲ୍ଲଂଘନ ହେଉଥିବା ବେଳେ ସବୁ ଜାଣି ସରକାରୀ ବାବୁମାନେ ନିରବ ରହୁଛନ୍ତି। ଯାହା ଦ୍ୱାରା କୋରାପୁଟ ଜିଲ୍ଲାର ଜଳବାୟୁ ଧିରେ ଧିରେ ପରିବର୍ତ୍ତନ ହେବା କୁ ଲାଗିଲାନି। ଏ ନେଇ କୋରାପୁଟ ତହସିଲଦାରଙ୍କ ସହ ଯୋଗାଯୋଗ କରିବାରୁ ଇଟାଭାଟିର ନିୟନ୍ତ୍ରଣ ଖଣିବିଭାଗ କରିବ ବୋଲି କହିଛନ୍ତି। ପରିବେଶ ବିତ୍ତ ଶରତ ପଟ୍ଟନାୟକ କହିଛନ୍ତି ମାଟି କାଟି ପୋଡା ଇଟାଭାଟି କରିବା ବେଆଇନ। ଏହା ଦ୍ୱାରା ଜମି ନଷ୍ଟ ହେବା ସହ କୋରାପୁଟ ଜିଲ୍ଲାର ପରିବେଶ ସନ୍ତୁଳନରେ ପ୍ରଭାବ ପଡୁଛି। ଏଥି ପ୍ରତି ଦୃଷ୍ଟି ଦେଇ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

### ଜାତୀୟ ମଞ୍ଚ ଦିଲ୍ଲୀରେ ଗୁଞ୍ଜରିବ ସ୍ୱର

# କାଉନ୍‌ସିଲର ନେତୃତ୍ୱ ସମ୍ମିଳନୀ ଓ ସହରୀ ସମାବେଶ

ନୂଆପଡ଼ା,୧୨।୩( ଅକ୍ଷର ଓଡିଶା ):ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖରିଆର ରୋଡ ନଗର ପାଳିକାର ଜନପ୍ରିୟ ଅଧକ୍ଷା ଡଃ ସୋନିଆ ଜୈନ କାଉନସିଲର ନେତୃତ୍ୱ ସମ୍ମିଳନୀ ଏବଂ ସହରୀ ସମାବେଶ ୨୦୨୬ ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି । ଚଳିତ ମାସ ୧୭-୧୮ ମାର୍ଚ୍ଚ ୨୦୨୬ ଦ୍ୱି-ଦିବସୀୟ ଆୟୋଜନ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବ । ନୂଆପଡ଼ାର ସ୍ୱର ପୁନଃ ଜାତୀୟ ମଞ୍ଚରେ ଗୁଞ୍ଜରିବ ଜିଲ୍ଲାବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଗର୍ବ ଓ ସମ୍ମାନର ବିଷୟ ଯେ, ଖରିଆର ରୋଡ ନଗର ପାଳିକାର ଲୋକପ୍ରିୟ ଅଧକ୍ଷା ଡଃ ଜୈନଙ୍କୁ ଆଉ ଥରେ କାଉନସିଲର ନେତୃତ୍ୱ ସମ୍ମିଳନୀ ଏବଂ ସହରୀ ସମାବେଶ ୨୦୨୬ ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ପାଇଁ ଚୟନ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ୧୭-୧୮ ମାର୍ଚ୍ଚ ୨୦୨୬ ରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି, ଯେଉଁଠାରେ ସାରା ଦେଶରୁ ଆସିଥିବା ଜନ ପ୍ରତିନିଧିମାନେ ସହରୀ ବିକାଶ, ଉନ୍ନତ ପ୍ରଶାସନ ଏବଂ ନାଗରିକ ସୁବିଧାକୁ ଉନ୍ନତ କରିବା ଭଳି ଗୁରୁତ୍ୱ ପୂର୍ଣ୍ଣ ବିଷୟ ଉପରେ ବିଚାର-ବିମର୍ଶ କରିବେ । ବିଶେଷ କଥା ହେଉଛି, ଡଃ ଜୈନ ପୂର୍ବରୁ ମଧଜାତୀୟ ସ୍ତରୀୟ ବୈଠକରେ ଭାଗ ନେବାର ସୁଯୋଗ ପାଇଛନ୍ତି, ଯେଉଁଠାରେ ସେ ଓଡ଼ିଶା ଏବଂ ନିଜ ସହରର ସମସ୍ୟା ତଥା ସମ୍ଭାବନାକୁ ଦୃଢ଼କଣ୍ଠରେ ଜାତୀୟ ମଞ୍ଚରେ ଉପସ୍ଥାପନ କରିଥିଲେ ଓ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ସୁଯୋଗ ମିଳିବା ତାଙ୍କ ଦକ୍ଷ କାର୍ଯ୍ୟ ଶୈଳୀ, ନେତୃତ୍ୱ ଏବଂ ଜନସେବା ପ୍ରତି ସମର୍ପଣର ବଳିଷ୍ଠ ପ୍ରମାଣ ଅଟେ ଓ ଡଃ ଜୈନ କହିଛନ୍ତି। "ଓଡ଼ିଶା ଏବଂ ନିଜ ସହରର ଜାତୀୟ ମଞ୍ଚରେ ପ୍ରତିନିଧିତ୍ୱ କରିବା ମୋ ପାଇଁ ଗର୍ବ ସହିତ ଏକ ବଡ଼ ଦାୟିତ୍ୱ ମଧ୍ୟ ଅଟେ । ମୁଁ ଏଠାରୁ ମିଳିଥିବା ଅଭିଜ୍ଞତା ଏବଂ ବିଚାରକୁ



ନିଜ ସହର ର ବିକାଶନୂଆପଡ଼ାର ସ୍ୱର ପୁଣି ଥରେ ଜାତୀୟ ମଞ୍ଚ ଦିଲ୍ଲୀରେ ରେ ଗୁଞ୍ଜରିବ : କାଉନସିଲର ନେତୃତ୍ୱ ସମ୍ମିଳନୀ ଏବଂ ସହରୀ ସମାବେଶ ୧୭-୧୮- ମାର୍ଚ୍ଚନୂଆପଡ଼ା -୧୨/୩ ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖରିଆର ରୋଡ ନଗର ପାଳିକା ର ଜନପ୍ରିୟ ଅଧକ୍ଷା ଡଃ ସୋନିଆ ଜୈନ କାଉନସିଲର ନେତୃତ୍ୱ ସମ୍ମିଳନୀ ଏବଂ ସହରୀ ସମାବେଶ ୨୦୨୬ ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଚଳିତ ମାସ ୧୭-୧୮ ମାର୍ଚ୍ଚ ୨୦୨୬ ଦ୍ୱି-ଦିବସୀୟ ଆୟୋଜନ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ।

## ତିରଙ୍ଗାକୁ ଅପମାନ ଅଭିଯୋଗ

# ହାର୍ଦିକ ପାଣ୍ଡ୍ୟାଙ୍କ ବିରୋଧରେ ମାମଲା



ନୂଆଦିଲ୍ଲୀ ୧୨/୦୩ : ଆଇସିସି ଟ୍ୱେଣ୍ଟି ବିଶ୍ୱକପ୍ ବିଜୟ ଉତ୍ସବ ବେଳେ ଜାତୀୟ ପାତାକା ତିରଙ୍ଗାକୁ ଅପମାନ କରିଥିବା ଅଭିଯୋଗରେ ଭାରତୀୟ ଅଲ୍‌ରାଉର୍ଣ୍ଡ ହାର୍ଦିକ ପାଣ୍ଡ୍ୟାଙ୍କ ନାମରେ ଏକ ମାମଲା ଦାଏର ହୋଇଛି । ପୁଣେର ଶିବାଜୀ ନଗର ପୋଲିସ ଷ୍ଟେସନ୍‌ରେ ଆଇନଜୀବୀ ୱାଜିଦ୍ ଖାନ୍ ବିଦକର ଏହି ମାମଲା ଦାଏର କରିଛନ୍ତି । ମାର୍ଚ୍ଚ ୮ ତାରିଖ ରବିବାର ରାତିରେ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ୍‌କୁ ହରାଇବା ପରେ ଭାରତୀୟ ଦଳ ବିଶ୍ୱକପ୍ ବିଜୟ ଉତ୍ସବରେ ମାତିଥିଲା । ହାର୍ଦିକ ପାଣ୍ଡ୍ୟା ବେକରେ ଜାତୀୟ ପତାକାକୁ ଗୁଡ଼େଇ ହୋଇ ଏଣେତେଣେ ବୁଲିବା ସହ ନାଚଗୀତରେ ମସଗୁଲ ହୋଇପଡୁଥିଲେ । ଏହି ସମୟରେ ସେ ମଧ୍ୟ ମଞ୍ଚରେ ଶୟନ ମୁଦ୍ରାରେ ଥାଇ ଫଟୋ ପୋଜ୍ ଦେଉଥିଲେ । ଯେଉଁ ସମୟରେ କି ଜାତୀୟ ପତାକା ପ୍ରତି ଅପମାନ ହୋଇଥିବା ୱାଜିଦ୍ ଯୁକ୍ତି ବାଢ଼ିଛନ୍ତି । ଜାତୀୟ ପତାକା ପ୍ରତି ଅପମାନ 'ପ୍ରିଭେଣ୍ଟ୍‌ସନ୍ ଅଫ୍ ଇନ୍‌ସଲ୍ଟସ ଟୁ ନ୍ୟାସ୍‌ନାଲ୍ ହର୍ନ ଆକ୍ଟ, ୧୯୭୧ ଧାରା-୨ର ଉଲ୍ଲଂଘନ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି । ଏପରିକି ହାର୍ଦିକ ତାଙ୍କ ପ୍ରେମିକା ମାହିକାଙ୍କ ସହ ନାଚିବା ଓ ଭୂମିଷ୍ଠ ହେବାବେଳେ ଜାତୀୟ ପତାକାକୁ ବେକରେ ଗୁଡ଼ାଇଥିଲେ । ଏସବୁ ମଧ୍ୟ ଜାତୀୟ ପତାକା ପ୍ରତି ଅପମାନ ବୋଲି ୱାଜିଦ୍ ପ୍ରକାଶ କରିଛନ୍ତି ।ଘଟଣାଟି ପୁଣେରେ ନୁହେଁ, ଅହମଦାବାଦରେ ଘଟିଥିବାରୁ ଥାନାର ସୀମାକୁ ନେଇ ପୁଲିସ୍ ପ୍ରଥମେ ପ୍ରଶ୍ନ କରିଥିଲା । କିନ୍ତୁ ଏହା ଦେଶର ଜାତୀୟ ପତାକା ପ୍ରସଙ୍ଗ ହୋଇଥିବାରୁ ନୂଆଦିଲ୍ଲୀରେ ବି ମାମଲା ଦାଏର କରିହେବ ବୋଲି ସେ ଯୁକ୍ତି ବାଢ଼ିବା ପରେ ପୁଲିସ୍ ରାଜି ହେବା ସହ ଏହାକୁ ପଞ୍ଜୀକୃତ କରିଛି । ସୂଚନାଯୋଗ୍ୟ, ୨୦୦୮ ମସିହାରେ ମଧ୍ୟ ସାନିଆ ମିର୍ଜା ଜାତୀୟ ପତାକାକୁ ଅପମାନିତ କରିଥିବାରୁ ତାଙ୍କ ନାମରେ ଏକ ମାମଲା ଦାଏର ହୋଇଥିଲା ।

# ସୁନ୍ଦରଗଡ଼ ବିଜେତା, କଟକ-ଏ' ଉପବିଜେତା




କଟକ ୧୨/୦୩ : ଓସିଏ ଆନୁକୂଲ୍ୟରେ ଆୟୋଜିତ ବରିଷ୍ଠ ପୁରୁଷ ଅନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତା 'କଳାହାଣ୍ଡି କପ୍'ରେ ସୁନ୍ଦରଗଡ଼ ବିଜେତା ହେବାର ସୌଭାଗ୍ୟ ଅର୍ଜନ କରିଛି । କଟକ-ଏ'କୁ ୨ ୱିକେଟ୍‌ରେ ହରାଇ ସୁନ୍ଦରଗଡ଼ ଟ୍ରଫି ଜିତିଛି । ଅନ୍ୟପକ୍ଷରେ କଟକ-ଏ' ଉପବିଜେତାରେ ସନ୍ତୁଷ୍ଟ ରହିଛି । ବୁଧବାର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ଼ ଟସ୍ ଜିତି କଟକ-ଏ'କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା କଟକ-ଏ' ସାଇଦୀପ ମହାପାତ୍ରଙ୍କ ଅର୍ଦ୍ଧଶତକ( ୭୪ରନ୍ ,୧୦୪ବଲ୍) ସହାୟତାରେ ୫୦ଓଭରରେ ୯ ୱିକେଟ ହରାଇ ୨୩୨ ରନ୍ କରିଥିଲା । ସୁନ୍ଦରଗଡ଼ ପକ୍ଷରୁ ସେମ୍ୟ ଲେଙ୍କା, କ୍ରୀଷ୍ଟା ପଲେଇ, ଅଭିଶେକ ସିଂହ, ଗୋବିନ୍ଦ ପୋଦ୍ଦାର ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରି କଟକ-ଏ' ବ୍ୟାଟିଂକୁ ନିୟନ୍ତ୍ରଣରେ ରଖିଥିଲେ । ଜବାବରେ ସୁନ୍ଦରଗଡ଼ ୪୩ଓଭରରେ ୮ୱିକେଟ୍ ବିନିୟମରେ ୨୩୩ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ସୁନ୍ଦରଗଡ଼ର ସେମ୍ୟ ଲେଙ୍କା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆନ୍ତର୍ଜାତିକ ଖେଳାଳି ତଥା ବିସିସିଆଇ ମ୍ୟାଚ୍ ରେଫରି ସଞ୍ଜୟ ରାଉଳ, ସମ୍ମାନିତ ଅତିଥି ଭବେ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା, ଯୁଗ୍ମ ସଂପାଦକ ପ୍ରଭାତ ଭୋଳ, କୋଷାଧକ୍ଷ ବିକାଶ ପ୍ରଧାନ, ସଦସ୍ୟ ଡକ୍ଟର ଅଞ୍ଜନ କୁମାର ଖୁଣ୍ଟିଆ, ସାଗରନାଥ ମିଶ୍ର, ତଡ଼ିତ କୁମାର ରାଉତ, ଅନିଲ କୁମାର ବିଶ୍ୱାଳ, ସୁଶାନ୍ତ କୁମାର ମହାନ୍ତି, ସନ୍ତୋଷ ଦାସ, ଶିବବ୍ରତ ମଲ୍ଲିକ, ଅମିତ ବେହେରା, ସ୍ୱାଗତ ସାମନ୍ତରାୟ ଯୋଗଦେଇ ବିଜେତା ସୁନ୍ଦରଗଡ଼କୁ ଟ୍ରଫି ସହିତ ୫ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଏବଂ ଉପବିଜେତା କଟକ-ଏ' ଦଳକୁ ୩,୦୦୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରି ଉତ୍ସାହିତ କରଥିଲେ ।

# ତାମିଲନାଡୁ ଜିତିଲା ସିକେ ନାୟୁଡୁ ଟ୍ରଫି

ଦିଣ୍ଡିଗୁଲ (ତାମିଲନାଡୁ) ୧୨/୦୩ : ତାମିଲନାଡୁ ପ୍ରଥମ ଥର ସିକେ ନାୟୁଡୁ ଟ୍ରଫି ଜିତିବାର ଗେରବ ଅର୍ଜନ କରିଛି । ଏଠାରେ ଚାଲିଥିବା ଫାଇନାଲ୍‌ରେ ଘରୋଇ ଦଳ ୭ ୱିକେଟ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି । ବୁଧବାର ତୃତୀୟ ଦିନରେ ୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ତାମିଲନାଡୁ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା । ପ୍ରଥମ ପାଳିରେ ମହାରାଷ୍ଟ୍ର ୨୩୮ ରନ୍ କରିଥିଲା ବେଳେ କିରଣ କାର୍ତ୍ତିକେୟନ (୮୬ ରନ୍)ଙ୍କ ଅର୍ଦ୍ଧଶତକ ବଳରେ ତାମିଲନାଡୁ ୩୩୪ ରନ୍ କରି ୯୬ ରନ୍ ମହତ୍ୱପୂର୍ଣ୍ଣ ଅଗ୍ରଣୀ ନେଇଥିଲା । ଦ୍ୱିତୀୟ ପାଳିରେ ମହାରାଷ୍ଟ୍ର ୧୬୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ନୀରଜ ଯୋଷୀ (୫୫), ଆର୍ଷିନ କୁଲକର୍ଣ୍ଣି (୪୪) ଓ ସଚିନ ଧାସ (୨୫) କେବଳ ଦୁଇଅଙ୍କ ଛୁଇଁଥିଲା ବେଳେ ଅନ୍ୟ ବ୍ୟାଟ୍‌ସମାନେ ବିଫଳ ହୋଇଥିଲେ ।




ତାମିଲନାଡୁର ସଚିନ ରଥ ଓ ପି ବିଘ୍ନେଶ ୩ ଲେଖାଏଁ ୱିକେଟ୍ ନେଇଥିଲେ ।

## ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

# ସେମିରେ ଭାରତ

ହାଇଦ୍ରାବାଦ ୧୨/୦୩ : ଏଠାରେ ଚାଲିଥିବା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ସେମିଫାଇନାଲ୍‌ରେ ଭାରତ ପ୍ରବେଶ କରିଛି । ବୁଧବାର ଗ୍ରୁପ୍-ବି'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୩-୧ ଗୋଲ୍‌ରେ ୱେଲ୍‌ସକୁ ପରାସ୍ତ କରିଛି । ଏଥିସହ ଭାରତ ୩ ମ୍ୟାଚ୍‌ରୁ ୨ ବିଜୟ ଓ ୧ ଅମୀମାଂସିତରୁ ୭ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହି ଏହି ସ୍ଥାନ ପକ୍କା କରିଛି ।ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ସାକ୍ଷୀ ରାଣାଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ନବନୀତ କେର (୨୯, ୩୪ ମିନିଟ୍) ଦୁଇଟି ପେନାଲ୍‌ଟି କର୍ଣ୍ଣର ଗୋଲ୍ ଦେଇ



ଭାରତକୁ ୩-୦ରେ ଆଗରେ ରଖିଥିଲେ । ତେବେ ୩୯ତମ ମିନିଟ୍‌ରେ ୱେଲ୍‌ସର ବେଟ୍‌ସାନ୍ ଥୋମାସ ଗୋଟିଏ ଗୋଲ୍ ଶୁଝି ସ୍ଥିତି ୧-୩ କରିଥିଲେ । ୫୫ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍‌ଟି ଷ୍ଟ୍ରୋକ୍‌କୁ ନବନୀତ ଗୋଲ୍‌ରେ ପରିଣତ କରି ହ୍ୟାଟ୍ରିକ୍ ସଫଳତା ପାଇବା ସହ ଦଳକୁ ୪-୧ରେ ବିଜୟ ଭେଟି ଦେଇଥିଲେ । ଏହି ବିଜୟ ସହ ଭାରତୀୟ ଡିଫେଣ୍ଡର ୩୨ ବର୍ଷୀୟା ନିକି ପ୍ରଧାନ ନିଜର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍‌କୁ ଆହୁରି ସ୍ମରଣୀୟ କରିଛନ୍ତି । ଶୁକ୍ରବାର ଖେଳାଯିବାକୁ ପ୍ରଥମ ସେମିଫାଇନାଲ୍‌ରେ ଇଂଲଣ୍ଡ-ସ୍କଟଲାଣ୍ଡ (ସଂଧ୍ୟା ୫.୧୫) ଏବଂ ଦ୍ୱିତୀୟରେ ଭାରତ-ଇଟାଲି (ରାତି ୭.୩୦) ମୁହାଁମୁହିଁ ହେବେ ।

# ଅର୍ଥାଭାବରୁ ଜାତୀୟ ପ୍ରତିଯୋଗିତାରୁ ବଞ୍ଚିତ ହେଲା ଓଡ଼ିଶା ମହିଳା ଥ୍ରୋବଲ୍ ଦଳ

ଭୁବନେଶ୍ୱର ୧୨/୦୩ : ଅର୍ଥାଭାବରୁ ଓଡ଼ିଶା ମହିଳା ଥ୍ରୋବଲ୍ ଦଳ ୩୪ତମ ଜାତୀୟ ବରିଷ୍ଠ ଫେଡେରେସନ୍ କପ୍ ଥ୍ରୋବଲ୍ ପ୍ରତିଯୋଗିତା ଖେଳିବାରୁ ବଞ୍ଚିତ ହୋଇଛି । ଗତବର୍ଷ ଜାତୀୟ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗେରବ ଆଣିଥିଲେ ମଧ୍ୟ ଚଳିତବର୍ଷ ଏହି ଦୁଃଖଦ ସ୍ଥିତିର ସମ୍ମୁଖୀନ ହୋଇଛି ଓଡ଼ିଶା ମହିଳା ଦଳ । ଯାହା ରାଜ୍ୟରେ କ୍ରୀଡ଼ା ବିକାଶର ଅସଲ ଚିତ୍ରକୁ ପଦାରେ ପକାଇଛି ।ଚଳିତବର୍ଷ ଆନ୍ଧ୍ରପ୍ରଦେଶର ତିରୁପତିଠାରେ ଚଳିତମାସ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଏହି ପ୍ରତିଯୋଗିତା । ଗତବର୍ଷର ଜାତୀୟ ପ୍ରଦର୍ଶନ ଆଧାରରେ ଏବର୍ଷ ଓଡ଼ିଶା ମହିଳା ଦଳ ଏଥିରେ ଖେଳିବା ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲା । ଖେଳାଳିମାନେ ମଧ୍ୟ ଜାତୀୟ ବରିଷ୍ଠ ସ୍ତରୀୟ ପ୍ରତିଯୋଗିତା ଖେଳିବା ନେଇ ବେଶ୍ ଉତ୍ସାହିତ ଥିଲେ । ହେଲେ ଟଙ୍କା ଅଭାବରୁ ଶେଷ ମୁହୂର୍ତ୍ତରେ ରାଜ୍ୟ ଦଳ ଏଥିରୁ ଓହରିଯିବାକୁ ବାଧ୍ୟ ହୋଇଛି ।ଏଥିନେଇ ଓଡ଼ିଶା ରାଜ୍ୟ ଥ୍ରୋବଲ୍ ସଂଘର ସଂପାଦକ ଜିତେନ୍ଦ୍ର ନାଥ ଦାସ କହିଛନ୍ତି, ଆଗରୁ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ଆମକୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲା । ଗତ ଦେଢ଼ବର୍ଷ ହେବ କିନ୍ତୁ ଏହାକୁ ବନ୍ଦ କରି ଦେଇଛି । ଆମେ ବାରମ୍ବାର ଏଥିଲାଗି ଆବେଦନ କରୁଥିଲେ ମଧ୍ୟ କିଛି ଫଳ ମିଳୁନି । କ୍ରୀଡ଼ା ବିଭାଗ ସଫେଇ ଦେଉଛି ଯେ ଥ୍ରୋବଲ୍ ସଂଘରେ ବିବାଦ ରହିଛି । ଯଦି ଏହାକୁ ମାନଦଣ୍ଡ ଭାବେ ନିଆଯାଉଛି,ତାହେଲେ ହ୍ୟାଣ୍ଡବଲ୍ ସହ ଏକାଧିକ ସଂଘରେ ବିବାଦ ଥିଲେ ମଧ୍ୟ ସେହି ଖେଳଗୁଡ଼ିକୁ କିଭଳି ନିୟମିତ ସାହାଯ୍ୟ ମିଳୁଛି କ୍ରୀଡ଼ା ବିଭାଗର ଏଭଳି କାର୍ଯ୍ୟ ପାଇଁ ରାଜ୍ୟର ଥ୍ରୋବଲ୍ ଖେଳାଳିମାନେ ହିଁ ହଇରାଣ ହେଉଛନ୍ତି ।



ଜତୀୟସ୍ତରରେ ଖେଳିବାର ଅଭିଜ୍ଞତାରୁ ବଞ୍ଚିତ ହେଉଛନ୍ତି । ଏହି ଦିଗରେ ବିଶେଷ ଧ୍ୟାନ ଦେବାକୁ ମୁଁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଅନୁରୋଧ କରୁଛି । ପୁରୁଷ ଦଳ ପାଇଁ ବି କେଣସି ଅନୁଦାନ ମିଳିନି । ତେବେ ମୁଁ ହାତରୁ ପଇସା ଖର୍ଚ୍ଚ କରି ପୁରୁଷ ଦଳକୁ ଜାତୀୟ ପ୍ରତିଯୋଗିତା ଖେଳିବା ପାଇଁ ପଠାଉଛି ।ସୂଚନାଯୋଗ୍ୟ ଯେ ଶ୍ରୀ ଦାସଙ୍କ ଉଦ୍ୟମକ୍ରମେ ରାଜେଶ ସାହୁ, ସୁଶାନ୍ତ ଦାସ, ପ୍ରୀତମ ପଟ୍ଟାୟତ, ଲିଟନ ସାହୁ, ମନୋଜ ସିଂହ, ଓମକାର ବାରିକୀ, ଦୀପକ ବେହେରା, ଲିପୁନ କୁମାର ସେଠୀ, ଏସ୍‌କେ ଇମ୍ରାନ ଓ ଆଦସ୍ୟ ବିଶ୍ୱାଳଙ୍କୁ ନେଇ ଗଠିତ ଓଡ଼ିଶା ବରିଷ୍ଠ ପୁରୁଷ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ବୁଧବାର ତିରୁପତି ଏକ୍ସପ୍ରେସ୍ ଯୋଗେ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଛି । ରାଜ୍ୟ ଦଳକୁ ସଭାପତି ଭୂପୀନ୍ଦର ସିଂହ, ସହସଂପାଦକ ଯଶୋବନ୍ତ ପରମଗୁରୁ ପ୍ରମୁଖ ଶୁଭକାମନା ଜ୍ଞାପନ କରିଛନ୍ତି ।

# ଉଦ୍‌ଘାଟନୀ ମୁକାବିଲାରେ ବେଙ୍ଗାଲୁରୁକୁ ଭେଟିବ ହାଇଦ୍ରାବାଦ୍

ନୂଆଦିଲ୍ଲୀ ୧୨/୦୩ : ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲ୍‌ର ପ୍ରଥମ ୨୦ ମ୍ୟାଚ୍ ଲାଗି ସୂଚୀ ବୁଧବାର ଘୋଷିତ ହୋଇଛି । ମେ' ୩୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ ଦଳ ଭାଗନେଉଥିଲା ବେଳେ ମୋଟ ୮୪ ମ୍ୟାଚ୍ ଖେଳାଯିବ । ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳର ବିଧାନସଭା ନିର୍ବାଚନ ଥିବାରୁ ଏବେ କେବଳ ପ୍ରଥମ ପର୍ଯ୍ୟାୟ ଲାଗି ସୂଚୀ ଘୋଷିତ ହୋଇଛି । ଏହି ରାଜ୍ୟଗୁଡ଼ିକ ଲାଗି ନିର୍ବାଚନ ତାରିଖ ଘୋଷଣା ପରେ ଅବଶିଷ୍ଟ ମ୍ୟାଚ୍ ସୂଚୀ ଘୋଷଣା କରାଯିବ ବୋଲି ସୂଚନା ମିଳିଛି । ଡିଫେଣ୍ଡିଂ ବିଜେତା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ମୁକାବିଲାରୁ ଚଳିତ ସଂସ୍କରଣର ଶୁଭାରମ୍ଭ ହେବ । ଏହି ଉଦ୍‌ଘାଟନୀ ମୁକାବିଲା ଆର୍‌ସିବିର ଘରୋଇ ପଡ଼ିଆ ବେଙ୍ଗାଲୁରୁସ୍ଥିତ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବ । ହେଲେ ଏହି ୨୮ ତାରିଖ ମ୍ୟାଚ୍ କର୍ଣ୍ଣାଟକ ସରକାରଙ୍କ ଅନୁମତି ଅପେକ୍ଷା ରହିଛି । ୧୩ ତାରିଖରେ ସରକାରଙ୍କ ଦ୍ୱାରା ଗଠିତ କମିଟି ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଯାଞ୍ଚ କରିବେ । ଏହାପରେ ଏଠାରେ ମ୍ୟାଚ୍ ଆୟୋଜନ ଲାଗି ପ୍ରସ୍ତୁତି କାର୍ଯ୍ୟ ହେବ ବୋଲି ଆଇପିଏଲ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଗତ ବର୍ଷ ଏଠାରେ ଆର୍‌ସିବିର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ଦଳଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ଷ୍ଟାଡିୟମ୍‌ରେ ମ୍ୟାଚ୍ କରାଇବା ନେଇ ବାସନ୍ଦ ଲାଗିଥିଲା । ନିକଟରେ କର୍ଣ୍ଣାଟକ ସରକାର ଆଇପିଏଲ୍ ମ୍ୟାଚ୍ ଲାଗ ଅନୁମତି ଦେଇଥିଲେ । ଏହି ୧୯ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍ ୱାଙ୍ଖ୍‌ଡ଼େ ଷ୍ଟାଡିୟମ୍‌ରେ ଖେଳାଯିବ । ଏଠାରେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମୁହାଁମୁହିଁ ହେବେ । ପ୍ରଥମ ସପ୍ତାହାନ୍ତରେ ଡବଲ୍ ହେର୍ଡ ମ୍ୟାଚ୍ ନଥିଲା ବେଳେ ଘୋଷିତ ୨୦ ମ୍ୟାଚ୍ ସୂଚୀରେ ୪ଟି ଡବଲ୍ ହେର୍ଡ ମ୍ୟାଚ୍ (ଏପ୍ରିଲ ୪-୫ ଓ ୧୧-୧୨) ରଖାଯାଇଛି ।




# ଆମେରିକାର ସାମ୍ରାଜ୍ୟବାଦୀ ନୀତି ବିରୁଦ୍ଧରେ ପ୍ରତିବାଦ

ଜଳେଶ୍ୱର, ୧୨/୩-(ଭୂପତି ପରିଡ଼ା): ଆମେରିକାର ସାମ୍ରାଜ୍ୟବାଦୀ ନୀତି, ଯୁଦ୍ଧଖୋର ମନୋଭାବ ଏବଂ ଇରାନ ଉପରେ କରାଯାଉ ଥିବା ଅନ୍ୟାୟ ଆକ୍ରମଣ ବିରୁଦ୍ଧରେ ଗୁରୁବାର ଜଳେଶ୍ୱରସ୍ଥିତ ପ୍ରସିଦ୍ଧ ଦିନକୃଷ୍ଣ ମହାବିଦ୍ୟାଳୟ ସମ୍ମୁଖରେ ଭାରତର ଛାତ୍ର ଫେଡେରେସନ (ଏସ.ଏଫ.ଆଇ)ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ବିଶ୍ୱ ଶାନ୍ତିକୁ ବିପନ୍ନ କରି ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଆମେରିକା ଯେଉଁଭଳି ଭାବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବାତାବରଣ ସୃଷ୍ଟି କରୁଛି, ତାହାର ପ୍ରତିବାଦ ସ୍ୱରୂପ ଛାତ୍ରମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଟୋ ପୋଡ଼ି ନିଜର ଆକ୍ରୋଶ ପ୍ରକଟ କରିଥିଲେ । ?ଏହି ପ୍ରତିବାଦ ସଭାରେ ବକ୍ତାମାନେ ମତ ଦେଇଥିଲେ ଯେ, ଆମେରିକା ନିଜର ଆଧିପତ୍ୟ ବିସ୍ତାର କରିବା ଏବଂ ମାରଣାସ୍ତ୍ର ବ୍ୟବସାୟୀଙ୍କୁ ଲାଭ ପହଞ୍ଚାଇବା ପାଇଁ ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି । ଇରାନ ଭଳି ଏକ ସାର୍ବଭୌମ ରାଷ୍ଟ୍ର ଉପରେ ଆକ୍ରମଣ କରିବା ମାନବ ସଭ୍ୟତା ପାଇଁ ଏକ ବଡ଼ ବିପଦ ବୋଲି ସେମାନେ ଅଭିହିତ କରିଥିଲେ ।ଏଥି ସହିତ କେନ୍ଦ୍ରର ମୋଦି ସରକାରଙ୍କ ବୈଦେଶିକ ନୀତିକୁ ସମାଲୋଚନା କରି ଛାତ୍ର ନେତାମାନେ କହିଥିଲେ ଯେ, ଭାରତ ସରକାର ଆମେରିକା ପାଖରେ ନତମସ୍ତକ ନହୋଇ ନିଜର ସ୍ୱାଧୀନ ବୈଦେଶିକ ନୀତି ବଜାୟ ରଖନ୍ତୁ ଏବଂ ବିଶ୍ୱ ଶାନ୍ତି ପାଇଁ କାର୍ଯ୍ୟ କରନ୍ତୁ ।

## ବେଧଡକ ଚାଲିଛି ପଲିଥିନ କାରବାର

# ଗୃହପାଳିତ ପଶୁ ପ୍ରଭାବିତ ପ୍ରତିକାର ଦାବି

ବୁଗୁଡ଼ା ୧୨/୦୩(ଅକ୍ଷର ଓଡ଼ିଶା) : ବୁଗୁଡ଼ା ଏନଏସିରେ ପଲିଥିନ ବ୍ୟବହାର ଉପରେ କଟକଣା ରହିଥିଲେ ବି ବେଧକଡ ଭାବେ ବିକ୍ରି ଓ ବ୍ୟବହାର ହେଉଛି ପଲିଥିନ । ବିଶେଷ ଭାବରେ ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନ ବର୍ତ୍ତମାନ ବୁଲା ଗାଇଗୋରୁଙ୍କ ଖାଦ୍ୟ ପାଲଟି ଗଲାଣି । ମାତ୍ର ଏନଏସି ପ୍ରଶାସନ ପକ୍ଷରୁ ଏଥି ପାଇଁ ବଳିଷ୍ଠ ପଦକ୍ଷେପ ନିଆଯାଉନାହିଁ । ପରିବେଶକୁ ପ୍ରଦୂଷଣ କରିବାର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ପଲିଥିନ ଏବେ ଗୃହପାଳିତ ପଶୁଙ୍କ ଉପରେ ପ୍ରଭାବ ପକାଇ ସାରିଲାଣି । ସୂଚନା ଅନୁସାରେ ବୁଗୁଡ଼ା ସହରର ମୁଖ୍ୟ ବଜାରରେ ଏନଏସି ପକ୍ଷରୁ ସର୍ବସାଧାରଣ ତଥା ବ୍ୟବସାୟୀଙ୍କ ବ୍ୟବହାର ନିମନ୍ତେ ବଜାର ମଧ୍ୟରେ ଥିବା ଡଷ୍ଟବିନ ରଖାଯାଇଥିଲା । ଉଠାଦୋକାନୀଠାରୁ ଆରମ୍ଭ କରି ବସା ଦୋକାନୀମାନେ ଦୋକାନରୁ ଦୈନିକ ବାହାରୁଥିବା ମଇଳା ଏହି ଡଷ୍ଟବିନରେ ପକାଉଥିଲେ । ମାତ୍ର ଦିନକୁ ଦିନ ଏହି ଡଷ୍ଟବିନ ସଂଖ୍ୟା କମିବାରେ ଲାଗିଛି । ଫଳରେ ଦୋକାନୀମାନେ ରାତି ହେଲେ ଦୋକାନରୁ ବାହାରୁଥିବା ଅଳିଆ ରାସ୍ତା ଉପରେ ଜମା କରୁଛନ୍ତି । ରାତି ହେଲେ ବୁଲା ଗାଈଗୋରୁ ବଜାର ଉପରେ ରୁଣ୍ଡ ହୋଇ ରାସ୍ତା ଉପରେ ପଡିଥିବା ପଲିଥିନଯୁକ୍ତ ଅଳିଆ ଗଦାରେ ଖାଦ୍ୟ ଅନ୍ୱେଷଣ କରିବା ସହିତ ପଲିଥିନରେ ଲାଗିଥିବା ଗୁଡ, ତେଲ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନକୁ ଖାଇ ଦେଉଥିବା ଦେଖିବାକୁ ମିଳୁଛି ।ତେଣୁ, ଏଥି ପ୍ରତି ଏନ୍‌ଏସି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଷ୍ଟାଇପେଣ୍ଟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ଛାତ୍ରଛାତ୍ରୀ

ପାରଳାଖେମୁଣ୍ଡି, ୧୨/୩(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ରାମଗିରି ଡଃ ବାବା ସାହେବ୍ ଆମ୍ବେଦକର ଜାତୀୟ ସ୍ନାତକ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ଚଳିତ ବର୍ଷ ଷ୍ଟାଇପେଣ୍ଟ ପାଇ ପାରି ନାହାଁନ୍ତି । ପୋଷ୍ଟ ମେଟ୍ରିକ୍ ଷ୍ଟାଇପେଣ୍ଟ ପାଇବା ପାଇଁ ସେମାନେ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ମହାବିଦ୍ୟାଳୟ ଅନୁବନ୍ଧିତ ସମସ୍ୟା ରହିଥିବା ହେତୁ ସେମାନେ ଏହି ଷ୍ଟାଇପେଣ୍ଟ ପାଇବା ପାଇଁ ସମସ୍ୟା ହେଉଥିବା ଜଣା ପଡ଼ିଛି । ଏନେଇ ଶତାଧିକ ଛାତ୍ର ଛାତ୍ରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନିଜର ସମସ୍ୟା ଜଣାଇଥିଲେ । ଜିଲ୍ଲାପାଳ ଏହି ଅଭିଯୋଗ ଶୁଣି ତୁରନ୍ତ ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଷ୍ଟାଇପେଣ୍ଟ ପ୍ରଦାନ ପାଇଁ କିଛି ସମୟ ମାଗିଛନ୍ତି । ଏନେଇ ଏହି ଦୁଃଖ ଦାୟକ ସମସ୍ୟା ସମାଧାନ ନ ହେଲେ ଆମେ ପୁଣି ଥରେ ରାଜ ରାସ୍ତା କୁ ଓହ୍ଲାଇ ବିରୋଧ ପ୍ରଦର୍ଶନ କରିବା ପାଇଁ ଚେତାବନୀ ଦେଇଛନ୍ତି ଛାତ୍ର ଛାତ୍ରୀ ।

# ମାରୱାଡି ମହିଳା ସମିତିର ନୂତନ କର୍ମକର୍ତ୍ତା ଚୟନ

କଳାହାଣ୍ଡି ୧୨/୦୩(ଅକ୍ଷର ଓଡିଶା ) : କଳାହାଣ୍ଡି ଜିଲ୍ଲା ଜୁନାଗଡ ସହର ର ମାରୱାଡି ମହିଳା ସମିତି ର ନୂତନ କର୍ମ କର୍ତ୍ତା ଚୟନ ହୋଇଯାଇଛି । ସହର ର ଅଗ୍ରେସନ ଭବନ ଠାରେ ଗୁରୁବାର ଦିନ ମାରୱାଡି ମହିଳା ସମିତି ର ବିଭିନ୍ନ କାର୍ଯ୍ୟକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ଗାୟତ୍ରୀ ଅଗ୍ରୱାଲ୍ ଓ ସଂପାଦିକା ଭାବେ କୋମଲ ଅଗ୍ରୱାଲ୍ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ ଭାବେ କୋଷାଧ୍ୟ ଭାବେ ଅଙ୍କିତା ଅଗ୍ରୱାଲ୍ ଚୟନ ହୋଇଥିଲେ ।



ସଭାପତି କୋମଲ ସମ୍ପାଦକ ଗାୟତ୍ରୀ

ଏହି କାର୍ଯ୍ୟକ୍ରମରେ ରେ ଜୁନାଗଡ ମାରୱାଡି ମହିଳା ସମିତି ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା

ପୁରୀ, ୧୨ ।୩(ଅକ୍ଷର ଓଡ଼ିଶା):ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବ ଫଳରେ ଅନେକ ଦୁର୍ନୀତିକୁ ରୋକାଯିବା ସହ କାର୍ଯ୍ୟରେ ସ୍ୱଚ୍ଛତା ଆସିପାରିଛି ବୋଲି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି । ଗୁରୁବାର ପୂର୍ବାହ୍ନରେ ସଦଭାବନା ସଭାଗୃହ ପରିସରରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ ସମ୍ପର୍କରେ ଆୟୋଜିତ ଏକ କର୍ମଶାଳାକୁ ଉଦଘାଟନ କରି ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଉପୋରୋକ୍ତ ମତ ଦେଇଛନ୍ତି । ଶ୍ରୀବେହେରା କହିଥିଲେ ସାଧାରଣଲୋକ ମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଲକ୍ଷ୍ୟରେ ଆମେ ସମସ୍ତେ କାର୍ଯ୍ୟରତ ।ତେବେ କିଛି ଅଧିକାରୀ କିମ୍ବା କର୍ମଚାରୀ ଯଦି କାର୍ଯ୍ୟରେ ଅବହେଳା କରନ୍ତି ଅଥବା କାର୍ଯ୍ୟ ସମ୍ପାଦନରେ ଅନିୟମିତତା କରନ୍ତି ଏହି ଆଇନ ହିଁ ତାହାର ପ୍ରତିକାରର ମାଧ୍ୟମ ।ଏହି ଆଇନ ଦ୍ୱାରା ସାଧାରଣ ଲୋକଙ୍କୁ ଅନେକ ସୁଫଳ ମିଳୁଛି ଓ ଦୁର୍ନୀତି ବା ଅନିୟମିତତାକୁ କମାଇ ଦିଆଯାଇପାରୁଛି ବୋଲି ସେ କହିଥିଲେ ।ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଥିଲେ ଯେ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ପାଇଁ ସମସ୍ତ ବିଭାଗ ଉତ୍ତରଦାୟୀ ।କେହି ତଥ୍ୟ ମାଗିଲେ ଆଇନ ମୁତାବକ ତଥ୍ୟ ପାଇବା ଆବେଦନକାରୀଙ୍କ ଅଧିକାର ଓ ତଥ୍ୟ ପ୍ରଦାନ କରିବା ଆମର ଦାୟିତ୍ୱ ।ତେବେ ଠିକ ଭାବେ ସୂଚନା ଅଧିକାର ଆଇନକୁ ବୁଝି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତଥ୍ୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ ।କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନନ୍ୟା ଗରାବଡୁ ଯୋଗ ଦେଇଥିଲେ । ପରେ ମାଷ୍ଟର ଟ୍ରେନର ସଂଗ୍ରାମ କେଶରୀ ପୃଷ୍ଟି ଓ ହରିହର ମହାନ୍ତି ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତ ଫାଷ୍ଟ ଆପିଲେଟ ଅଥରିଟି,ସୂଚନା ଅଧିକାରୀ ଓ ସହକାରୀ ସୂଚନା ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଏଥିସହିତ ସୂଚନା ଅଧିକାର ସମ୍ପର୍କରେ ଅଧିକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନକୁ ମାଷ୍ଟର ଟ୍ରେନର ସମାଧାନ କରିଥିଲେ ।ଏଥିରେ ଜିଲ୍ଲାର ସମସ୍ତ ବିଭାଗ ଓ ଲାଇନ ଡିପାର୍ଟମେଣ୍ଟର ସୂଚନା ଅଧିକାରୀମାନେ ଯୋଗଦେଇ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ । ସେହିପରି ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ସେଥିରେମୁଖ୍ୟ ଅତିଥି ଭାବେ ଅଧକ୍ଷ ଡ.ଚିତ୍ତରଞ୍ଜନ ଦ୍ୱିବେଦୀ ଯୋଗଦେଇ ୨୦୦୫ରେ ସୂଚନା ଅଧିକାର ଆଇନ ପ୍ରଣୟନ ହେବା ପରେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜନ ସୂଚନା ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ସହକାରୀ ଜନ ସୂଚନା ଅଧିକାରୀ ଡ. ସ୍ନିଗ୍ଧା ସୁହାଗିନୀ ପ୍ରମୁଖ ଯୋଗ ଦେଇ ସୂଚନା ଅଧିକାରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅନୁପାଳନ ସମ୍ପର୍କରେ ଆଲୋକପାତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କର୍ମଶାଳାକୁ ପରିଚାଳନା କରିଥିଲେ ।



ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera